DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୭/୨୦୨୦ (୧୩ପୃଷ୍ଠା) | Bhubaneswar, Wednesday, October 7/2020 | ★★★★★★
୪୬ଶ ଭାଗ ୩୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

# ଖର୍ଚ୍ଚ ହିସାବ ଦେଉନାହାନ୍ତି ବିଭାଗ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

## ସିଏଜି ରିପୋର୍ଟ



- ୪୫,୩୪୦ କୋଟିର ୟୁସି ଦେଇ ନାହାନ୍ତି ୩୭ ବିଭାଗ
- ୨୦୧୮-୧୯ରେ ଆର୍ଥିକ ସ୍ଥିତି ଭଲ ଥିଲା
- ସ୍ୱାସ୍ଥ୍ୟ, ଜଳସେଚନ, ଶକ୍ତି କ୍ଷେତ୍ରକୁ ଅଣଦେଖା
- ଅଧିକ ଥିଲା ବିତ୍ତୀୟ ନିଅଣ୍ଟ
- ରାଜ୍ୟର ଋଣ ୧,୦୮,୨୫୮ କୋଟି

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବିନିଯୋଗ ପ୍ରମାଣ ପତ୍ର(ୟୁସି) ଦାଖଲ କରୁନାହାନ୍ତି। ୨୦୧୮-୧୯ରେ ବିଭାଗଗୁଡ଼ିକୁ ୨୫,୯୫୭.୨୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେଥିରୁ ୧୯,୩୭୧.୨୧ କୋଟି ଟଙ୍କା ଅର୍ଥାତ୍ ସମୁଦାୟ ଅର୍ଥର ୭୫%ର କୌଣସି ୟୁସି ବିଭାଗଗୁଡ଼ିକ ଦେଇ ନ ଥିଲେ। କେବଳ ସେତିକି ନୁହେଁ ୩୭ ବିଭାଗ ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ୪୫,୩୪୦.୮୯ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦେଇନାହାନ୍ତି। ମଙ୍ଗଳବାର ବିଧାନସଭାରେ ଉପସ୍ଥାପନ କରାଯାଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ରିପୋର୍ଟରେ ଏଭଳି ତଥ୍ୟ ପଦାକୁ ଆସିଛି।

ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମଙ୍ଗଳବାର ବିଧାନସଭାରେ ୨୦୧୮-୧୯ ଆର୍ଥିକ ବର୍ଷର ଆର୍ଥିକ, ସାମାଜିକ କ୍ଷେତ୍ରର ସିଏଜି ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ରିପୋର୍ଟରେ କୁହାଯାଇଛି, ୨୦୧୮-୧୯ରେ ରାଜ୍ୟର ଆର୍ଥିକ ସ୍ଥିତି ଭଲ ରହିଥିଲା। ରାଜସ୍ୱ ଆଦାୟ ବୃଦ୍ଧି ହୋଇଥିବା ବେଳେ ଖର୍ଚ୍ଚ ମଧ ପୂର୍ବବର୍ଷ ତୁଳନାରେ ବୃଦ୍ଧି ପାଇଥିଲା। ୨୦୧୮-୧୯ରେ ରାଜ୍ୟ ସରକାର ୯୯.୫୪୬ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିଲେ, ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୨୦.୫୧ ପ୍ରତିଶତ ଥିଲା। ☞ପୃଷ୍ଠା-୯

# ଦିଲୀପ ରାୟ ଦୋଷୀ

## କୋଇଲା ଖଣି ଆବଣ୍ଟନ ଦୁର୍ନୀତି ମାମଲା



- କୋଇଲା ମନ୍ତ୍ରଣାଳୟ ତତ୍କାଳୀନ ୨ ଅଧିକାରୀ ମଧ ଦୋଷୀ ସାବ୍ୟସ୍ତ
- ଝାଡ଼ଖଣ୍ଡ ବ୍ରହ୍ମାଡିଆ କୋଇଲା ଖଣି ଆବଣ୍ଟନରେ ହୋଇଥିଲା ଅନିୟମିତତା
- ୧୪ରେ ଦଣ୍ଡ ବିଧାନ

ନୂଆଦିଲ୍ଲୀ, ୬।୧୦(ପି.ଟି.)

୧୯୯୯ ରେ ଝାଡ଼ଖଣ୍ଡରେ କୋଇଲା ଖଣି ଆବଣ୍ଟନରେ ଦୁର୍ନୀତି ଅଭିଯୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କୁ ମଙ୍ଗଳବାର ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କୋଇଲା ରାଷ୍ଟ୍ରମନ୍ତ୍ରୀ ଥିବା ଦିଲୀପଙ୍କ ସମେତ ଅନ୍ୟ ୪ଜଣଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ଅନ୍ୟ ଅପରାଧରେ ଦିଲ୍ଲୀର ସ୍ୱତନ୍ତ୍ର ବିଚାରପତି ଭାରତ ପରାସର ଦୋଷୀ ସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୪ରେ ଦଣ୍ଡବିଧାନ କରାଯିବ। ଦିଲୀପଙ୍କ ସହ କୋଇଲା ମନ୍ତ୍ରଣାଳୟର ତତ୍କାଳୀନ ଅତିରିକ୍ତ ସଚିବ ପ୍ରଦୀପ କୁମାର ବାନାର୍ଜୀ ଏବଂ ତତ୍କାଳୀନ ପ୍ରକଳ୍ପ ପରାମର୍ଶଦାତା ନିତ୍ୟାନନ୍ଦ ଗୌତମ, କାଷ୍ଟ୍ରନ୍ ଟେକ୍ନୋଲୋଜି ଲିମିଟେଡ(ସିଟିଏଲ୍)ର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଅଗ୍ରୱାଲ ଏବଂ କାଷ୍ଟ୍ରନ୍ ମାଇନିଂ ଲିମିଟେଡକୁ ଦୋଷୀ ସାବ୍ୟସ୍ତ କରାଯାଇଛି।

ସୂଚନାଯୋଗ୍ୟ, ୨୧ବର୍ଷ ତଳେ ଝାଡଖଣ୍ଡ ଗିରିଡିହସ୍ଥିତ ବ୍ରହ୍ମାଡିଆ କୋଇଲା ଖଣିକୁ କାଷ୍ଟ୍ରନ୍ ଟେକ୍ନୋଲୋଜି ଲିମିଟେଡ(ସିଟିଏଲ୍)କୁ ଆବଣ୍ଟିତ କରାଯାଇଥିଲା। ଉକ୍ତ କୋଇଲା ଖଣି ଆବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ପ୍ରଥମେ ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ ତଦନ୍ତ ଆରମ୍ଭ କରିଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏହି ☞ପୃଷ୍ଠା-୪

# ବିରୋଧ ମଧ୍ୟରେ ବିଶ୍ୱବିଦ୍ୟାଳୟ ବିଲ୍ ଗୃହୀତ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

- କଳାଦିବସ କହିଲେ ବିରୋଧୀ
- ଆଲୋଚନାରେ ଭାଗନେଲାନି ଭାଜପା
- ନିରପେକ୍ଷତାର ସହ ହେବ ଭିସି ଚୟନ: ମନ୍ତ୍ରୀ

ବହୁ ହଟ୍ଟଗୋଳ ମଧ୍ୟରେ ବିଧାନସଭାରେ ମଙ୍ଗଳବାର ଗୃହୀତ ହୋଇଛି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍। ଭାଜପା ଓ କଂଗ୍ରେସ ବିଧାୟକ ଏହାକୁ ପ୍ରବଳ ବିରୋଧ କରିଥିଲେ। ଲଗାତର ୪ ଦିନର ଆଲୋଚନା ପରେ ଏହି ବିଲ୍ ଅଧିନିୟମରେ ପରିଣତ ହୋଇଛି। ବିଲ୍ ଆଲୋଚନାରେ ଭାଜପା ବିଧାୟକମାନେ ଭାଗ ନେଇ ନ ଥିବାବେଳେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଜିର ଦିନକୁ ଗୃହ ପାଇଁ କଳା ଦିବସ ବୋଲି କହିଥିଲେ।

ବିଧାନସଭା ମୌସୁମୀ ଅଧିବେଶନର ମଙ୍ଗଳବାର ୭ମ ତଥା ଅନ୍ତିମ ଦିବସରେ ଶୂନ୍ୟକାଳ ପରେ ପରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଧେୟକ ୨୦୨୦ ଉପରେ ଆଲୋଚନା ହୋଇଥିଲା। ବିରୋଧୀଙ୍କ ହୋହଲ୍ଲା ଭିତରେ ଲଗାତର ୪ର୍ଥ ଦିନ ପାଇଁ ଏହା ଉପରେ ଆଲୋଚନା କରାଯାଇଥିଲା। ତେବେ ମୁଲତବୀ ପ୍ରସ୍ତାବକୁ ଗ୍ରହଣ କରା ନ ଯିବା ଏବଂ ଖଣି ଦୁର୍ନୀତି ପ୍ରସଙ୍ଗରେ ☞ପୃଷ୍ଠା-୪

# ଦିନକ ପୂର୍ବରୁ ସରିଲା ବିଧାନସଭା

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ନିର୍ଦ୍ଧାରିତ ସମୟର ଦିନକ ପୂର୍ବରୁ ଶେଷ ହୋଇଛି ବିଧାନସଭାର ମୌସୁମୀ ଅଧିବେଶନ। ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଙ୍ଗଳବାର ମୁଲତବୀ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୨୯ ତାରିଖରୁ ଆରମ୍ଭ ହୋଇଥିବା ଚଳିତ ଅଧିବେଶନ ୭ଦିନ ପାଇଁ ଚାଲିଲା। ଚଳିତ ଅଧିବେଶନରେ ମୋଟ ୭ଟି ବିଲ୍ ପାରିତ ହୋଇଥିବାବେଳେ ଶେଷ ଦିବସରେ ମୋଟ ୫ଟି ବିଲ୍ ପାରିତ ହୋଇଛି। ପୂର୍ବରୁ ଓଡ଼ିଶା ସଂକ୍ରାମକ ରୋଗ (ସଂଶୋଧନ) ବିଲ୍ ଏବଂ ଓଡ଼ିଶା ନ୍ୟାୟାଳୟ-ଫି(ସଂଶୋଧନ) ବିଲ୍ ପାରିତ ହୋଇସାରିଥିବା ବେଳେ ମଙ୍ଗଳବାର ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍, ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠି(ସଂଶୋଧନ) ବିଲ୍, ଓଡ଼ିଶା ଶିଳ୍ପ ବିବାଦ(ସଂଶୋଧନ) ବିଲ୍, ଓଡ଼ିଶା ପୌର ବିଧି(ସଂଶୋଧନ) ବିଲ୍ ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବାକର(ସଂଶୋଧନ) ବିଲ୍ ପାରିତ ହୋଇଛି। ସେହିଭଳି ଭାଜପାର ୨ଟି ଏବଂ କଂଗ୍ରେସର ଗୋଟିଏ ମୁଲତବୀ ପ୍ରସଙ୍ଗକୁ ମିଶାଇ ମୋଟ ୩ଟି ମୁଲତବୀ ପ୍ରସଙ୍ଗ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ | ନୂଆ ଦିଗ**

# ଶେଷ ସପ୍ତାହରେ ନିଷ୍ପତ୍ତି

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

## ସ୍କୁଲ, କଲେଜ ଖୋଲାଯିବା ପ୍ରସଙ୍ଗ

କରୋନା ମହାମାରୀ ଯୋଗୁ ଗତ ୬ମାସରୁ ଊର୍ଦ୍ଧ୍ୱ ସମୟ ଧରି ସ୍କୁଲ, କଲେଜ ବନ୍ଦ ରହିଛି। କେନ୍ଦ୍ର ସରକାରଙ୍କ ଅନ୍‌ଲକ୍ ୫-୦ ଗାଇଡ୍‌ଲାଇନ୍ ଅନୁଯାୟୀ ଅକ୍ଟୋବର ୧୫ ପରେ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଖୋଲିବା ଉପରେ ନିଷ୍ପତ୍ତି ନେଇପାରିବେ। ତେଣୁ ଓଡ଼ିଶାରେ କେବେ ସ୍କୁଲ ଖୋଲିବ, ସେ ନେଇ ରାଜ୍ୟ ସରକାର ମଙ୍ଗଳବାର ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ସ୍କୁଲ ଖୋଲିବ କି ନାହିଁ ସେ ନେଇ ଚଳିତ ମାସ ଶେଷ ସପ୍ତାହରେ ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, କରୋନା ସ୍ଥିତି ଦେଖି ରାଜ୍ୟ ସରକାର ନିଷ୍ପତ୍ତି ନେବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦଶହରା ପର୍ଯ୍ୟନ୍ତ ସ୍କୁଲ କଲେଜ ଖୋଲିବ ନାହିଁ। ଆସନ୍ତା ୨୬ ତାରିଖରେ ଦୁର୍ଗାପୂଜା। ଅର୍ଥାତ୍ ଅକ୍ଟୋବରରେ ସ୍କୁଲ ଖୋଲିବ ନାହିଁ। ତେବେ ଚଳିତ ମାସର ସ୍ଥିତି ଦେଖି ସ୍କୁଲ ଖୋଲିବା ନେଇ ବିଚାର କରାଯିବ। ମନ୍ତ୍ରୀ କହିଛନ୍ତି, ସ୍କୁଲ ଖୋଲିବାର ଆବଶ୍ୟକତା ଅଛି, ଏଥିରେ ସନ୍ଦେହ ନାହିଁ। ତେବେ ଆମ ପାଇଁ ପିଲାଙ୍କ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

# ୩ ବୈଜ୍ଞାନିକଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ

## 'ବ୍ଲାକ୍ ହୋଲ୍'ର ରହସ୍ୟ ଉପରୁ ପରଦା ହଟାଇଛନ୍ତି


ରୋଜର ପେନ୍‌ରୋଜ୍


ରେନ୍‌ହାର୍ଡ ଜେନ୍‌ଜେଲ


ଆଣ୍ଡ୍ରେୟା ଗେଜ୍

ଷ୍ଟକହୋମ୍, ୬।୧୦

ଅନ୍ତରୀକ୍ଷ ଉପରେ ଗବେଷଣା କରି ବ୍ଲାକ୍ ହୋଲ୍ (କୃଷ୍ଣ ଗର୍ତ୍ତ)ର ରହସ୍ୟ ଉପରୁ ପରଦା ହଟାଇଥିବା ୩ ବୈଜ୍ଞାନିକଙ୍କୁ ମଙ୍ଗଳବାର ମିଳିଛି ପଦାର୍ଥ ବିଜ୍ଞାନ(ଫିଜିକ୍ସ)ରେ ନୋବେଲ ପୁରସ୍କାର। ସେମାନେ ହେଲେ ବ୍ରିଟେନ୍‌ର ରୋଜର ପେନ୍‌ରୋଜ୍, ଜର୍ମାନୀର ରେନ୍‌ହାର୍ଡ ଜେନ୍‌ଜେଲ ଏବଂ ଆମେରିକାର ଆଣ୍ଡ୍ରେୟା ଗେଜ୍। ସ୍ୱିଡେନର ରୟାଲ ଏକାଡେମୀ ଅଫ ସାଇନ୍ସର ସେକ୍ରେଟାରୀ ଜେନେରାଲ ଗୋରାନ୍ କେ ହାନସନ୍ କହିଛନ୍ତି ଯେ, ରୋଜର ଚଳିତବର୍ଷ(୨୦୨୦) ପୁରସ୍କାରର ଅଧା ପାଇବେ। ଅକ୍ସଫୋର୍ଡ ୟୁନିଭର୍ସିଟିରେ ଶିକ୍ଷାଦାନ କରୁଥିବା ରୋଜର ଗାଣିତିକ ଆଧାରରେ ପ୍ରମାଣିତ କରିଛନ୍ତି ଯେ, ଆପେକ୍ଷିକତା (ରିଲାଟିଭିଟି) ତତ୍ତ୍ୱ ଉପରେ ବ୍ଲାକ୍ ହୋଲ୍ ସୃଷ୍ଟି ହୋଇପାରିବ। ଏହି ସିଦ୍ଧାନ୍ତ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ଦ୍ୱାରା ଦିଆଯାଇଥିଲା। ରୋଜର ୧୯୩୧ରେ ବ୍ରିଟେନରେ ଜନ୍ମଗ୍ରହଣ କରିଥିଲେ। ସେହିପରି ପୁରସ୍କାରର ଆଉ ଅଧା ଅଂଶ ପାଇବେ ବୈଜ୍ଞାନିକ ରେନ୍‌ହାର୍ଡ ଏବଂ ଆଣ୍ଡ୍ରେୟା। ସେମାନେ ଆମ ☞ପୃଷ୍ଠା-୪





ବଲିଉଡ୍ ଅଭିନେତା ଅଜୟ ଦେବଗନଙ୍କ ଭାଇ ଅନିଲ ଦେବଗନ (୫୨)ଙ୍କ ପରଲୋକ ହୋଇଯାଇଛି। ଏନେଇ ସୋସିଆଲ ମିଡିଆରେ ଅନିଲଙ୍କ ଫଟୋ ଶେୟାର କରି ଅଜୟ ସୂଚନା ଦେଇଛନ୍ତି। ଅଜୟଙ୍କ ଅଭିନୀତ ଫିଲ୍ମ 'ରାଜୁ ଚାଚା' ଓ 'ବ୍ଲାକ୍‌ମେଲ'ରେ ଅନିଲ ନିର୍ଦ୍ଦେଶନା ଦେଇଥିଲେ। ମହାମାରୀ କରୋନା ଯୋଗୁ କୌଣସି ପ୍ରାର୍ଥନା ସଭା କରାଯିବ ନାହିଁ ବୋଲି ଅଜୟ ସୂଚନା ଦେଇଛନ୍ତି।

# 'ହାଥ୍‌ରସ ମାମଲା ଭୟଙ୍କର'

ନୂଆଦିଲ୍ଲୀ,୬।୧୦



■ସାକ୍ଷୀଙ୍କୁ ସୁରକ୍ଷା ଲାଗି ୟୁପି ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ
■ହିଂସା ରୋକିବା ଲାଗି ପୀଡ଼ିତାଙ୍କ ମରଶରୀର ପୋଡ଼ାଯାଇଥିଲା

ଉତ୍ତରପ୍ରଦେଶର ହାଥ୍‌ରସରେ ଜଣେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯାଇଥିବାବେଳେ ଏହା ଭୟଙ୍କର ମାମଲା ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ପୀଡ଼ିତା ପରିବାର ଓ ସମସ୍ତ ସାକ୍ଷୀଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇଦେବା ଲାଗି ଉତ୍ତରପ୍ରଦେଶ(ୟୁପି) ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ପରେ କି ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ଜଣାଇବା ପାଇଁ ମଧ୍ୟ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ପୀଡ଼ିତା ପରିବାରକୁ ଓକିଲ ସୁବିଧା ମିଳିଛି କି ନାହିଁ, ସେନେଇ ମଧ୍ୟ ପ୍ରଶ୍ନ କରାଯାଇଛି। ସାମାଜିକ କର୍ମୀ ସତ୍ୟମା ଦୁବେ ଓ ଅନ୍ୟମାନଙ୍କ ଦ୍ୱାରା ପିଟିଶନ ଦାୟର କରାଯାଇଥିବାବେଳେ ଦେଶବ୍ୟାପୀ ଆନ୍ଦୋଳନକୁ ଦୃଷ୍ଟିରେ ରଖି ସିବିଆଇ କିମ୍ବା ଏସ୍‌ଆଇଟି ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଅନୁରୋଧ କରାଯାଇଛି।

ପୀଡ଼ିତାଙ୍କ ମରଶରୀରକୁ ରାତି ଅଧରେ ପରିବାର ଲୋକଙ୍କ ବିନା ଉପସ୍ଥିତିରେ ଉତ୍ତରପ୍ରଦେଶ ପୋଲିସ ପୋଡ଼ିବା ଓ ଶିଥିଳ ତଦନ୍ତ ପ୍ରକ୍ରିୟାକୁ ନେଇ ଆବେଦନକାରୀମାନେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ସୁପ୍ରିମକୋର୍ଟ ଆଲ୍ଲାହାବାଦ ହାଇକୋର୍ଟରେ ମହିଳା ଗୋଷ୍ଠୀ କାହିଁକି ଆବେଦନ କରିନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ଓକିଲ କୀର୍ତ୍ତି ସିଂ ମାମଲା ହାଇକୋର୍ଟରେ ପଡ଼ିରହିଛି ଓ ଏହାକୁ ସ୍ଥାନାନ୍ତର ଲାଗି ଚାହୁଁଥିବା କହିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ହାଇକୋର୍ଟଙ୍କ ମତାମତ ଜରୁରୀ ବୋଲି କହିଥିଲେ। ହାଇକୋର୍ଟ ରାୟରେ ବ୍ୟତିକ୍ରମ ଆସିଲେ ସୁପ୍ରିମକୋର୍ଟ ଏହାର ବିଚାର କରିବ ବୋଲି ସିଜେଆଇ କହିଥିଲେ। ଏଥିସହ ଘଟଣାର ଉଚିତ ତଦନ୍ତ ହେବ ବୋଲି କୋର୍ଟ ଆବେଦନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ସରକାର ସତ୍ୟପାଠ ମାଧ୍ୟମରେ କହିଛନ୍ତି, ହିଂସାକାଣ୍ଡକୁ ରୋକିବା ଲାଗି ପୀଡ଼ିତାଙ୍କ ମରଶରୀରକୁ ଅଧରାତିରେ ପୋଡ଼ିଦିଆଯାଇଥିଲା। ବାବ୍ରି ମସ୍‌ଜିଦ ରାୟ ପରଦିନ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଦେବ ବୋଲି ଗୋଇନ୍ଦା ସୂଚନା ମିଳିଥିଲା। ଦଙ୍ଗାକୁ ଏଡ଼ାଇବା ଲାଗି ଜିଲାବ୍ୟାପୀ ହାଇଆଲର୍ଟ ଜାରି କରାଯାଇଥିଲା ବୋଲି ରାଜ୍ୟ ସରକାର କହିଛନ୍ତି। ପ୍ରକାଶଥାଉ କି, ହାଥ୍‌ରସ ଘଟଣାକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସରକାରଙ୍କ ବିରୋଧରେ ବିକ୍ଷୋଭ ଜାରି ରହିଥିବାବେଳେ ତ୍ୱରିତ ନ୍ୟାୟ ଲାଗି ଦାବି କରାଯାଉଛି।



କୃଷି ବିଲ୍‌କୁ ବିରୋଧ କରି ପଟିଆଲାରେ ଅନୁଷ୍ଠିତ 'କ୍ଷେତି ବଚାଓ' ଆନ୍ଦୋଳନ ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟ୍ରାକ୍ଟର ଚଲାଉଛନ୍ତି।

## ଅଲ୍‌ୱାରରେ ଗଣବଳାତ୍କାର: ୪ ଜଣଙ୍କୁ ଆଜୀବନ ଜେଲ

ଜୟପୁର,୬।୧୦: ୨୦୧୯ ଅଲ୍‌ୱାର ଗଣବଳାତ୍କାର ମାମଲାରେ ସ୍ଥାନୀୟ କୋର୍ଟ ପକ୍ଷରୁ ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅନ୍ୟପକ୍ଷରେ ବଳାତ୍କାର ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଥିବା ଦୋଷୀଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଯାଇଛି। ଗତବର୍ଷ ଏପ୍ରିଲ ୨୬ରେ ଥାନାଗାଜି- ଅଲ୍‌ୱାର ବାଇପାସ ନିକଟରେ ସ୍ୱାମୀଙ୍କ ସାମ୍ନାରେ ୪ ଅଭିଯୁକ୍ତ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ଅଭିଯୁକ୍ତମାନେ ହେଲେ ହଂସରାଜ ଗୁର୍ଜର, ଅଶୋକ ଗଟର୍ଜର, ଛୋଟେଲାଲ୍ ଗୁର୍ଜର ଓ ଇନ୍ଦ୍ରଜ ଗୁର୍ଜର। ଦୋଷୀମାନଙ୍କୁ ଜରିମାନାଦେଶ କରାଯାଇଥିବାବେଳେ ତାହା ପୀଡ଼ିତାଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଛି।



୮୮ତମ ଭାରତୀୟ ବାୟୁସେନା ଦିବସ ପୂର୍ବରୁ ମଙ୍ଗଳବାର ଗାଜିଆବାଦର ହିଣ୍ଡାନ୍ ଏୟାର୍‌ବେସ୍‌ରେ ବାୟୁସେନା ହେଲିକପ୍ଟର ଶକ୍ତି ପ୍ରଦର୍ଶନ କରିବା ସହ ରିହର୍ସାଲ କରୁଛନ୍ତି।

## କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଉତ୍ସବ ମନା

ନୂଆଦିଲ୍ଲୀ,୬।୧୦

କରୋନା ଯୋଗୁ କେତେକ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏ ସବୁ ଜୋନ୍‌ରେ କୌଣସି ଉତ୍ସବ କାର୍ଯ୍ୟକ୍ରମ କରାଯାଇପାରବ ନାହିଁ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରର ଲୋକ, ସଙ୍ଗଠକ, କର୍ମଚାରୀ, ଦର୍ଶକଙ୍କୁ ଉତ୍ସବରେ ସାମିଲ କରାଯାଇପାରିବ ନାହିଁ। କଣ୍ଟେନ୍‌ମେଣ୍ଟ ଜୋନ୍‌ର ଲୋକମାନେ ଘରେ ଉତ୍ସବ ପାଳନ କରିବା ଲାଗି କୁହାଯାଇଛି।

# ନୀତୀଶଙ୍କ ନେତୃତ୍ୱକୁ ଭାଜପାର ସମର୍ଥନ

ପାଟନା,୬।୧୦



■ଏଲ୍‌ଜେପି ସହ କୌଣସି ଭିତିରି ବୁଝାମଣା ହେବନି
■ପ୍ରଧାନମନ୍ତ୍ରୀଙ୍କ ଫଟୋ ବ୍ୟବହାରକୁ ବିରୋଧ
■ଜେଡିୟୁ ୧୨୨, ଭାଜପା ୧୨୧ ଆସନରେ ଲଢ଼ିବେ

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏରେ ଦେଖାଦେଇଥିବା ଫାଟ କ୍ରମଶଃ ମଳିନ ପଡ଼ିଯାଇଛି। ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି(ଏଲ୍‌ଜେପି) ଜେଡିୟୁକୁ ବିରୋଧ କରିବ ଓ ଏନ୍‌ଡିଏ ସହ ରହିବ ବୋଲି କହି ଦ୍ୱନ୍ଦ୍ୱ ସୃଷ୍ଟି କରିଥିବାବେଳେ ଭାଜପା ଅଡୁଆରେ ପଡ଼ିଥିଲା। ଏବେ ଏହା ଦୂର ହୋଇଛି। ପ୍ରଦେଶ ଭାଜପା ମୁଖ୍ୟ ସଞ୍ଜୟ ଜୈଶୱାଲ ପକ୍ଷରୁ ନିଜର ନୀତିଗତି ସ୍ପଷ୍ଟ କରାଯିବା ସହ ଏଲ୍‌ଜେପି ସହ କୌଣସି ଭିତିରି ବୁଝାମଣା କରାଯିବନି ବୋଲି ମଙ୍ଗଳବାର ସ୍ପଷ୍ଟ କରିଛି। ଏଥିସହ ଜେଡିୟୁ ନେତା ତଥା ମୁଖ୍ୟମନ୍ତ୍ରୀ ନୀତୀଶ୍ କୁମାର ପ୍ରତି ଦୃଢ଼ ଆସ୍ଥା ପ୍ରକଟ କରିଛି। ନୀତୀଶ୍‌ଙ୍କ ନେତୃତ୍ୱରେ ଏନ୍‌ଡିଏ ବିହାର ନିର୍ବାଚନ ଲଢ଼ିବ ବୋଲି ସ୍ପଷ୍ଟ କରାଯାଇଛି। ଏଲ୍‌ଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୌଣସି ଫଟୋ ପ୍ରଚାରବେଳେ ବ୍ୟବହାର କରିପାରିବ ନାହିଁ ବୋଲି ଜୈଶୱାଲ କହିଛନ୍ତି।

ଅନ୍ୟପକ୍ଷରେ ଜେଡିୟୁ-ଭାଜପା ମଧ୍ୟରେ ମଙ୍ଗଳବାର ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଜେଡିୟୁ ୧୨୨ ଓ ଭାଜପା ୧୨୧ ଆସନରେ ନିର୍ବାଚନ ଲଢ଼ିବେ। ଜିତନ୍‌ରାମ ମାନ୍‌ଝୀଙ୍କୁ କୋଟାରେ ଏନ୍‌ଡିଏରୁ ୭ ଆସନ ଛଡ଼ାଯିବ ବୋଲି ଜଣାପଡ଼ିଛି।

# ପଞ୍ଜାବ ପରେ ହରିୟାଣାରେ ରାହୁଲ

ନୂଆଦିଲ୍ଲୀ,୬।୧୦

କୃଷି ଆଇନକୁ ବିରୋଧ କରି କଂଗ୍ରେସ ପକ୍ଷରୁ ବିକ୍ଷୋଭ ଜାରି ରହିଛି। ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦଳୀୟ ସମର୍ଥକଙ୍କ ସହ ପଞ୍ଜାବରେ 'କ୍ଷେତି ବଚାଓ' ରାଲି କରିବା ପରେ ମଙ୍ଗଳବାର ହରିୟାଣା ଯାତ୍ରା କରିଛନ୍ତି। ପ୍ରଥମେ ହରିୟାଣା ସୀମାରେ ଥିବା ଏକ ବ୍ରିଜ୍ ନିକଟରେ ପୋଲିସ ସେମାନଙ୍କୁ ଅଟକାଇବା ସହ ଯିବାକୁ ଦେଇ ନ ଥିଲା। ଫଳରେ ସମର୍ଥକମାନେ ସେଠାରେ ବିକ୍ଷୋଭ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ରାହୁଲ ହଟିବାର ପ୍ରଶ୍ନ ଉଠୁନି ବୋଲି କହି ୫୦୦୦ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବୁ ବୋଲି ଟୁଇଟ୍ କରିଥିଲେ। ପରେ ହରିୟାଣା ସରକାରଙ୍କ ତରଫରୁ ଯିବା ଲାଗି ଅନୁମତି ମିଳିଥିଲା। ରାହୁଲ ନିଜର ମତ ରଖିପାରିବେ ହେଲେ ଅଧିକ ଲୋକଙ୍କୁ ବିକ୍ଷୋଭ କରିବା ଲାଗି ଅନୁମତି ଦିଆଯିବନାହିଁ ବୋଲି ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର କହିଛନ୍ତି। ପ୍ରକାଶଥାଉ କି, ରାହୁଲଙ୍କ ନେତୃତ୍ୱରେ ହରିୟାଣାରେ ମଧ୍ୟ ଟ୍ରକ୍ଟର ରାଲି କରାଯାଇ କୃଷି ଆଇନ ବିରୋଧରେ ଜନମତ ସଂଗ୍ରହ କରାଯିବ।

## ଆକ୍ରାନ୍ତଙ୍କ ସଂଖ୍ୟା ୩୦% କମିଲା

ନୂଆଦିଲ୍ଲୀ, ୬।୧୦: ଦେଶରେ ନୂଆ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ଦେଶରେ ୬୧ ହଜାର ୨୬୭ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଏହା ୯୮ ହଜାର ପର୍ଯ୍ୟନ୍ତ ପହଞ୍ଚିଯାଇଥିଲା। ତେବେ ଏହା ଏବେ ୩୦ ପ୍ରତିଶତ ପର୍ଯ୍ୟନ୍ତ କମିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା କମି ୮୮୪ରେ ପହଞ୍ଚିଛି।

## ଆଖିବୁଜିଲେ ବଳାତ୍କାରର ଶିକାର ହାଥ୍‌ରସ ଶିଶୁକନ୍ୟା

**ଆଲିଗଡ଼,୬।୧୦:** ଉତ୍ତରପ୍ରଦେଶର ହାଥ୍‌ରସରେ ଦଳିତ ମହିଳା ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ନିଆଁ ଜଳୁଥିବାବେଳେ ଜିଲାର ଜଣେ ୪ ବର୍ଷୀୟ ଶିଶୁକନ୍ୟା ବଳାତ୍କାର ଶିକାର ହୋଇ ମଙ୍ଗଳବାର ପ୍ରାଣ ହରାଇଛନ୍ତି। ଜଣେ ସମ୍ପର୍କୀୟ ଶିଶୁକନ୍ୟାଟିକୁ ଗତ ୧୭ରେ ବଳାତ୍କାର କରିବା ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସୁଫଳ ମିଳିଲା ନାହିଁ। ମା' ଛେଉଣ୍ଡ ଶିଶୁକନ୍ୟାଟି ଆଲିଗଡ଼ର ଇଗ୍‌ଲାସ ଅଞ୍ଚଳରେ ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ ବୋଲି ପୋଲିସ କହିଛି। ଅଭିଯୁକ୍ତ(୧୫)କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଥିବା ପ୍ରକାଶ।

# ୨୦ ଯାଏ ବିଚାର ବିଭାଗୀୟ ହାଜତରେ ରହିବେ ରିଆ-ସୌଭିକ୍

ମୁମ୍ବାଇ, ୬।୧୦

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ମାମଲାରେ ରିଆ ଚକ୍ରବର୍ତ୍ତୀ ଏବଂ ତାଙ୍କ ଭାଇ ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ପଚରା ଉଚରା ଜାରି ରହିଛି। ସେମାନଙ୍କର ବିଚାର ବିଭାଗୀୟ ହାଜତ ମିଆଦକୁ ମଙ୍ଗଳବାର ଅକ୍ଟୋବର ୨୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହା ପୂର୍ବରୁ କୋର୍ଟ ପକ୍ଷରୁ ସମୟ ସୀମାକୁ ୧୪ ଦିନ ପାଇଁ ବୃଦ୍ଧି କରାଯାଇଥିଲା। ଏହାର ସମୟ ସୀମା ମଙ୍ଗଳବାର ଶେଷ ହେଉଥିଲା। ଭଉଣୀ ଭାଇ ଦୁହେଁ ବମ୍ବେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। କୋର୍ଟ ଏହାର ବିଚାର କରି ସେମାନଙ୍କୁ ଅକ୍ଟୋବର ୨୦ ପର୍ଯ୍ୟନ୍ତ ନ୍ୟାୟିକ ହାଜତରେ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ରାୟ ସଂରକ୍ଷିତ ରଖିଛନ୍ତି। ରିଆ ଏବଂ ସୌଭିକ୍ ଡ୍ରଗ୍ସ ସିଣ୍ଡିକେଟ ପରିଚାଳନା କରୁଥିବା ଏନ୍‌ସିବି ପକ୍ଷରୁ ଅଭିଯୋଗ କରାଯାଇଛି। ଦୁହେଁ ଅଭିଜ୍ଞ ଡ୍ରଗ୍ସ ପେଡେଲରଙ୍କ ସହିତ ଯୋଗାଯୋଗରେ ଥିବା ଏନ୍‌ସିବି କହିଛି। ଦୁହେଁ ଡ୍ରଗ୍ସ ପେଡେଲର ସାମୁଏଲ୍ ମିରାଣ୍ଡାଙ୍କ ସହାୟତାରେ ସୁଶାନ୍ତଙ୍କୁ ଡ୍ରଗ୍ସ ଯୋଗାଇ ଦେଉଥିବା ମଧ୍ୟ ଏନ୍‌ସିବି ପକ୍ଷରୁ ଅଭିଯୋଗ ଅଣାଯାଇଛି।



ସୌଭିକ୍ ରିଆ

## ମୁମ୍ବାଇ ପୋଲିସକୁ ବଦନାମ କରିବାକୁ ହୋଇଥିଲା ୮୦ ହଜାର ଫେକ୍ ଆକାଉଣ୍ଟ

ମୁମ୍ବାଇ, ୬।୧୦

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ମାମଲାରେ ପ୍ରତିଦିନ ନୂଆ ଖବର ଯୋଡ଼ି ହେବାରେ ଲାଗିଛି। ଏବେ ମୁମ୍ବାଇ ପୋଲିସ ପକ୍ଷରୁ ନୂଆ ତଥ୍ୟ ପଦାକୁ ଆସିଛି। ମୁମ୍ବାଇ ପୋଲିସକୁ ବଦନାମ୍ କରିବା ଲାଗି ତିଆରି ହୋଇଥିଲା ୮୦ ହଜାରରୁ ଅଧିକ ଫେକ୍ ସୋସିଆଲ୍ ମିଡ଼ିଆ ଆକାଉଣ୍ଟ ତିଆରି କରାଯାଇଥିଲା। ମୁମ୍ବାଇ ପୋଲିସର ସାଇବର ଟିମ୍ ଏହାର ଯାଞ୍ଚ କରିଛନ୍ତି। ମୁମ୍ବାଇ ପୋଲିସ କମିଶନର ପରମବୀର ସିଂଙ୍କ ନିର୍ଦ୍ଦେଶରେ ସାଇବର ଟିମ୍ ପକ୍ଷରୁ ଏନେଇ ଏକ ମାମଲା ଦାଏର କରାଯିବାର ଯୋଜନା ରହିଛି। ଅଧିକାଂଶ ଫେକ୍ ଆକାଉଣ୍ଟ ବିଦେଶରୁ ଅପରେଟ୍ ହେଉଥିବା କମିଶନର କହିଛନ୍ତି। ଇଟାଲୀ, ଜାପାନ, ପୋଲାଣ୍ଡ, ସ୍ଲୋଭାନିଆ, ଇଣ୍ଡୋନେସିଆ, ତୁର୍କୀ, ଥାଇଲାଣ୍ଡ, ରୋମାନିଆ ଆଦି ଦେଶରୁ ଫେକ୍ ଆକାଉଣ୍ଟଗୁଡ଼ିକୁ ଅପରେଟ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଇନଷ୍ଟାଗ୍ରାମ୍, ଟୁଇଟର ଏବଂ ଫେସ୍‌ବୁକ୍ ସମେତ ଅନ୍ୟ ସୋସିଆଲ୍ ମିଡ଼ିଆ ପ୍ଲାଟ୍‌ଫର୍ମରେ ଏଭଳି ଆକାଉଣ୍ଟଗୁଡ଼ିକ ଖୋଲାଯାଇ ମୁମ୍ବାଇ ପୋଲିସ ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ଅପଲୋଡ୍ କରାଯାଉଥିବା ପରମବୀର ସିଂ କହିଛନ୍ତି।

# ଫୁର୍‌ସତ୍



କାଜଲ ଅଗ୍ରୱାଲ

## ବୋହୂ ସାଜିବେ କାଜଲ

**ମୁମ୍ବାଇ:** ସିଙ୍ଘମ ଫେମ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ଖୁବଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଏବେ ତାଙ୍କ ପରିବାର ଲୋକଙ୍କୁ ଉପଯୁକ୍ତ ବରପାତ୍ର ମିଳିଯାଇଛନ୍ତି। କାଜଲ ଏହି ଖୁସି ଖବର ନିଜେ ସୋସିଆଲ ମିଡିଆରେ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ସୂଚନା ମୁତାବକ, କାଜଲ ଅଗ୍ରୱାଲ ବ୍ୟବସାୟୀ ଗୌତମ କିଚଲୁଙ୍କ ସହିତ ବିବାହ କରିବେ। ସେ ଇନଷ୍ଟାଗ୍ରାମରେ ଏହି ଖୁସିଖବର ଶେୟାର କରିଛନ୍ତି। କାଜଲ ଏହି ପୋଷ୍ଟରେ ବିବାହ ତାରିଖ ମଧ୍ୟ କହିଛନ୍ତି। ୩୦ ଅକ୍ଟୋବରରେ ମୁମ୍ବାଇରେ ବାହାଘର ହେବ ବୋଲି ଜଣାପଡିଛି। ତେବେ କେଉଁ ହୋଟେଲରେ ହେବ, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। କରୋନା ଯୋଗୁ ବିବାହ ଉତ୍ସବରେ କେବଳ ପରିବାର ଲୋକ ହିଁ ସାମିଲ ହେବେ। ଗତ ୧୬ ବର୍ଷ ଧରି ଫିଲ୍ମ ଇଣ୍ଡଷ୍ଟ୍ରୀରେ କାମ କରୁଛନ୍ତି କାଜଲ। ଫିଲ୍ମ 'କ୍ୟୁଁ ହୋ ଗୟା ନା'ରେ ବଲିଉଡ୍ ଅଭିନୟ ଜଗତରେ ସେ ଡେବ୍ୟୁ କରିଥିଲେ। ବଲିଉଡ୍‌ରେ ସଫଳ ନ ହେବାରୁ ସେ ସାଉଥ୍ ଇଣ୍ଡଷ୍ଟ୍ରୀରେ ଏଣ୍ଟ୍ରି କରିଥିଲେ। ସେ ସାଉଥ୍‌ରେ ଜଣେ ସଫଳ ଅଭିନେତ୍ରୀ। କାଜଲ ଟଲିଉଡ୍‌ରେ ବହୁ ହିଟ୍ ଫିଲ୍ମ ମଧ୍ୟ ଦେଇଛନ୍ତି। ସାଉଥ୍‌ରେ ତାଙ୍କ ଫ୍ୟାନ୍ ଫଲୋଇଙ୍ଗ୍ ମଧ୍ୟ ବହୁତ ଅଧିକ। ବଲିଉଡ୍‌ରେ ସିଙ୍ଘମ ମୁଭି ଛଡା କାଜଲ 'ସ୍ପେଶାଲ ୨୬', 'ଦୋ ଲଫଜ୍' ଭଳି ଫିଲ୍ମରେ କାମ କରିସାରିଛନ୍ତି।

## ସବୁଦିନ ସେଲ୍‌ଫି

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଆକ୍ଟିଭ ରହିବା ପାଇଁ କିଏ କେତେ କ'ଣ କରନ୍ତି। କିନ୍ତୁ କେତେଜଣ ଏପରି ଅଛନ୍ତି ଯେଉଁମାନେ ଆପେ ଆପେ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଯାନ୍ତି। ଠିକ୍ ଏମିତି ଜଣେ ହେଉଛନ୍ତି ମେଲିଶା ବ୍ଲାକ୍। ପ୍ରଥମେ ଅସୁନ୍ଦର ମହିଳାଭାବେ ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଥିଲେ ସେ, କିନ୍ତୁ କିଛିଦିନ ପରେ ସେ ପାଲଟିଛନ୍ତି ଷ୍ଟାର।

ମେଲିଶା ଏକ ବିଶେଷ ପ୍ରକାର ରୋଗ ଫ୍ରିମ୍ୟାନ୍ ସେଲ୍‌ଜନ୍ ସିଣ୍ଡ୍ରୋମ୍‌ର ଶିକାର ହୋଇଛନ୍ତି। ତେଣୁ ତାଙ୍କ ଚେହେରା ସାଧାରଣ ଲୋକଙ୍କ ତୁଳନାରେ ଭିନ୍ନ ଦେଖାଯାଉଛି। ତେଣୁ ମେଲିଶା ଯେତେବେଳେ ପ୍ରଥମେ ଏକ ଆର୍ଟିକଲ୍ ଲେଖି ସୋସିଆଲ ମିଡିଆରେ ନିଜର ଫଟୋ ଛାଡ଼ିଥିଲେ ଲୋକେ ତାଙ୍କୁ ଅତି ଅସୁନ୍ଦର ମହିଳା କହି ଟ୍ରୋଲ କରିଥିଲେ। ଏମିତି କି ଅନେକେ ତାଙ୍କୁ ଖରାପ ଭାଷାରେ ମଧ୍ୟ ବିଦ୍ରୂପ କରିଥିଲେ। ମେଲିଶାଙ୍କ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିବାରୁ ବ୍ୟାନ୍ କରିବା ପାଇଁ ମଧ୍ୟ କେତେଜଣ ଦାବି କରିଥିଲେ। କାହିଁକି ନା ମେଲିଶା ବହୁତ ଅସୁନ୍ଦର ଥିଲେ ବୋଲି ଲୋକେ ଯୁକ୍ତି କରିଥିଲେ। ମାତ୍ର ଟ୍ରୋଲ ହେବା ପରେ ବି ମେଲିଶା ଆଦୌ ଭୟଭୀତ ହୋଇ ନ ଥିଲେ। ସେ ସବୁଦିନ ନିଜର ଗୋଟିଏ ଲେଖାଏ ଫଟୋ ପୋଷ୍ଟ କରିବାକୁ ଲାଗିଲେ। ଧୀରେ ଧୀରେ ଲୋକେ ଟ୍ରୋଲ କରିବା ବଦଳରେ ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ। ଲୋକେ ତାଙ୍କର ସାହସକୁ ପ୍ରଶଂସା କରିଥିଲେ। ତାଙ୍କର ଏଭଳି ପଦକ୍ଷେପ ଦିବ୍ୟାଙ୍ଗମାନଙ୍କୁ ବଳ ପ୍ରଦାନ କରିବ ବୋଲି ଲୋକେ ମତ ଦେଇଥିଲେ। ଏବେ ଟୁଇଟରରେ ମେଲିଶାଙ୍କର ଫଲୋଅରଙ୍କ ସଂଖ୍ୟା ଲକ୍ଷେରୁ ବି ଅଧିକ ହୋଇଛି। ମେଲିଶାଙ୍କ କହିବା ଅନୁସାରେ ଗତ ବର୍ଷରୁ ସେ ରୁଟିନ୍ କାମ ଭାବରେ ପ୍ରତିଦିନ ରାତିରେ ନିଜର ଏକ ସୁନ୍ଦର ସେଲ୍‌ଫି ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିଥାନ୍ତି। ନିଜକୁ ଖୁସି କରିବା ପାଇଁ ସେ ଏଭଳି କରୁଥିଲେ, କେହି ତାଙ୍କୁ ଅସୁନ୍ଦର କୁହନ୍ତୁ ବା ଖରାପ ଭାବନ୍ତୁ ସେଥିରେ ତାଙ୍କର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ମେଲିଶାଙ୍କର ଏହି ବିଶ୍ୱାସ ହିଁ ଆଜି ତାଙ୍କୁ ପ୍ରଶଂସା ଆଣି ଦେଇଛି ଓ ସେ ସୋସିଆଲ ମିଡିଆରେ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଭାବେ ପରିଗଣିତ ହେଉଛନ୍ତି।



## କଣ୍ଢେଇ ଉଦ୍ଧାର ପାଇଁ ନାକେଦମ୍

**ନୂଆଦିଲ୍ଲୀ:** ପୁନର୍ବିନିଯୋଗ ବାକ୍ସ ଭିତରେ ଫଶି ରହିଥିବା ଏକ ବିଲେଇକୁ ଉଦ୍ଧାର କରିବା ପାଇଁ ଏକ ସମୟରେ ପୋଲିସଠାରୁ ଆରମ୍ଭ କରି ଅଗ୍ନିଶମ କର୍ମଚାରୀ ବି ପହଞ୍ଚିଥିଲେ। କିନ୍ତୁ ଅନେକ ପ୍ରୟାସ ପରେ କର୍ମଚାରୀମାନେ ସଫଳତା ହାସଲ କରିଥିଲେ ସତ କିନ୍ତୁ ବିଲେଇ ବଦଳରେ ବାହାରିଥିଲା ଏକ ବ୍ୟାଟେରିଚାଳିତ ଖେଳନା। ଏଭଳି ଏକ ଘଟଣା ଏବେ ବେଶ୍ ଚର୍ଚ୍ଚିତ ହୋଇଛି ଲଣ୍ଡନରେ।

ଲଣ୍ଡନରେ ଜଣେ ବ୍ୟକ୍ତି ଏକ ରିସାଇକେଲିଂ ବିନ୍ (ପୁନର୍ବିନିଯୋଗ ବାକ୍ସ) ଭିତରେ ନିଜର କିଛି ପୁରୁଣା କପଡା ଫିଙ୍ଗିବାକୁ ଯାଇଥିବାବେଳେ ସେଠାରେ ଏକ ବିଲେଇ ବୋବାଉଥିବାର ଶୁଣିଥିଲେ। ତେଣୁ ରିସାଇକେଲିଂ ବିନ୍ ଭିତରେ ଏକ ବିଲେଇ ଫଶି ଯାଇଥିବା ଅନୁଭବ କରି ସେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ମାତ୍ର ପୋଲିସ୍ ଅନେକ ସମୟ ଖୋଜିବା ପରେ ବିଲେଇଟିକୁ ଉଦ୍ଧାର କରିବାକୁ ସକ୍ଷମ ହୋଇ ପାରି ନ ଥିଲା। ତେଣୁ ଫାୟାରବ୍ରିଗେଡ୍ ବା ଅଗ୍ନିଶମ କର୍ମଚାରୀଙ୍କୁ ବି ଏହି କାମ ନିମନ୍ତେ ଡକା ଯାଇଥିଲା। ବିଲେଇର ସ୍ୱର ଶୁଣି ଅଗ୍ନିଶମ କର୍ମଚାରୀମାନେ ଶେଷରେ ରିସାଇକେଲିଂ ବିନ୍‌କୁ ଭାଙ୍ଗି ବିଲେଇକୁ ଉଦ୍ଧାର କରିଥିଲେ। ମାତ୍ର ଉଦ୍ଧାର ହେବା ପରେ ଜଣା ପଡ଼ିଥିଲା କି ସେହି ବିନ୍ ଭିତରେ ବିଲେଇ ନ ଥିଲା ବରଂ ବିଲେଇର ସ୍ୱର କରୁଥିବା ଏକ କଣ୍ଢେଇ ରହିଥିଲା। ବ୍ୟାଟେରିଚାଳିତ କଣ୍ଢେଇଟି ଅବିକଳ ବିଲେଇ ଭଳି ମ୍ୟାଉଁ ମ୍ୟାଉଁ ସ୍ୱର କରୁଥିଲା। ତେଣୁ ସମସ୍ତେ ଭ୍ରମରେ ପଡ଼ି ଯାଇଥିଲେ। ଏହି ଖବରଟିକୁ ଏବେ ସୋସିଆଲ ମିଡିଆରେ ଲୋକେ ବହୁସଂଖ୍ୟାରେ ଦେଖୁଛନ୍ତି। ଏଭଳି ଏକ ମଜାଦାୟକ ଖବରକୁ ଲୋକେ ଲାଇକ୍ କରିବା ସହିତ ରିଟୁଇଟ୍ ବି କରୁଛନ୍ତି। ହଜାର ହଜାର ସଂଖ୍ୟାରେ ଲୋକେ ଏହି ଖବରକୁ ଫଲୋ କରି ସୁନ୍ଦର ପ୍ରତିକ୍ରିୟା ଦେଇଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୫୮,୭୭,୦୦୦ | ୧୦,୫୦,୯୧୧ | ୨,୬୯,୮୧,୪୮୪ |
| ଭାରତ | ୬୭,୨୪,୩୮୦ | ୧,୦୪,୦୩୨ | ୫୭,୦୩,୬୦୭ |
| ଓଡ଼ିଶା | ୨,୩୮,୦୦୩ | ୯୪୦(+୫୩) | ୨,୧୦,୨୧୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସମଲିଙ୍ଗୀ ସମ୍ପର୍କ ରଖି ନାବାଳିକାଙ୍କୁ ଅପହରଣ, ଯୁବତୀ ଗିରଫ

ଫୁଲବାଣୀ ଅଫିସ/ବଲସକୁମ୍ପା,୬।୧୦- ଜଣେ ନାବାଳିକାଙ୍କ ସହ ୨୪ ବର୍ଷୀୟା ଯୁବତୀ ସମଲିଙ୍ଗୀ ସମ୍ପର୍କ ରଖିବା ଏବଂ ପରେ ତାଙ୍କୁ ଅପହରଣ କରିନେବା ଘଟଣା କନ୍ଧମାଳ ଜିଲା ଖଜୁରିପଡା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରାଯାଇଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କର ସେହି ଅଞ୍ଚଳର ଜଣେ ଯୁବତୀଙ୍କ ସହ ସମଲିଙ୍ଗୀ ସମ୍ପର୍କ ଥିଲା। ପରିବାର ଲୋକେ ଏହା ଜାଣିବା ପରେ ନାବାଳିକାଙ୍କୁ ତାଙ୍କ ମାଉସୀ ଘର ଖଜୁରିପଡା ଥାନା ଅଞ୍ଚଳରେ ଛାଡିଥିଲେ। ମାତ୍ର ଯୁବତୀ ଜଣକ କୌଣସି ପ୍ରକାରେ ଖବର ପାଇ ସେଠାରେ ପହଞ୍ଚି ନାବାଳିକାଙ୍କୁ ନେଇ ଦଶପଲ୍ଲା ଅଞ୍ଚଳକୁ ପଳାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ସୋମବାର ଖଜୁରିପଡା ଥାନାରେ ଏତଲା ଦେଇଥିଲେ। ପୋଲିସ ଖବର ପାଇ ନୟାଗଡ ଜିଲା ଦଶପଲ୍ଲାରୁ ଉଭୟଙ୍କୁ ଠାବ କରିଥିଲା। ପଚରାଉଚରା ପରେ ଯୁବତୀ ଜଣକ ଘଟଣାକୁ ସ୍ୱୀକାର କରିବାରୁ ତାଙ୍କୁ ଗିରଫ କରି ଫୁଲବାଣୀ କୋର୍ଟ ଚାଲାଣ କରାଯାଇଥିବାବେଳେ ଏନେଇ ମାମଲା (ନଂ.୯୯/୨୦) ରୁଜୁ କରାଯାଇଛି। ନାବାଳିକାଙ୍କୁ ଫୁଲବାଣୀ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି।

# ଆଇନଜୀବୀଙ୍କୁ ମିଳିବ ସହାୟତା

- ଶେଷ ଦିନରେ ପାରିତ ହେଲା ୫ ବିଲ୍
- ସହର ଉନ୍ନତିମୂଳକ ପାଣ୍ଠିର ୨୫% ବସ୍ତି ପାଇଁ ଖର୍ଚ୍ଚ ହେବ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

କୋଭିଡ୍ ମହାମାରୀ ଯୋଗୁ ରାଜ୍ୟରେ ଆଇନଜୀବୀଙ୍କୁ ସହାୟତା ଲାଗି ବିଧାନସଭାରେ ପାରିତ ହୋଇଛି ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠି(ସଂଶୋଧନ) ବିଲ୍। କୋଭିଡ୍ ମହାମାରୀ ଯୋଗୁ କୋର୍ଟଗୁଡ଼ିକରେ ସୀମିତ କାର୍ଯ୍ୟ ସମ୍ପାଦନ ହେଉଥିବାରୁ ଆଇନଜୀବୀମାନଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ରାଜ୍ୟ ବାର୍ କାଉନସିଲ ଆଇନଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡିଶା ଆଇନଜୀବୀ କଲ୍ୟାଣ ପାଣ୍ଠି ଅଧିନିୟମ ୧୯୮୭ରେ ସଂଶୋଧନ ଅଣାଯାଇଛି। ୧୯୮୭ ଅଧିନିୟମ ଅନୁଯାୟୀ ପରିଚାଳିତ ପାଣ୍ଠି କେବଳ ଆଇନଜୀବୀଙ୍କ ମୃତ୍ୟୁ ଓ ଅବସରକାଳୀନ ସୁବିଧା ପାଇଁ ଉଦ୍ଦିଷ୍ଟ ଥିଲା। ତେଣୁ ଉକ୍ତ ନିୟମରେ ସଂଶୋଧନ କରାଯିବାର ଆବଶ୍ୟକତା ନେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା ଗୃହରେ ବିବୃତି ରଖିଥିଲେ। ଏହି ସଂଶୋଧନ ଫଳରେ ପ୍ରାକୃତିକ ଦୁର୍ବିପାକ, ମହାମାରୀ ଓ ଆଇନଜୀବୀ ପେସାରେ ବ୍ୟାଘାତ ସୃଷ୍ଟି ହେଲେ ଓଡିଶା ଆଇନଜୀବୀ କଲ୍ୟାଣ ପାଣ୍ଠିର ନ୍ୟାସ କମିଟି ଅଭାବୀ ଆଇନଜୀବୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇପାରିବେ।

ମଙ୍ଗଳବାର ପାରିତ ହୋଇଥିବା ଓଡ଼ିଶା ଶିଳ୍ପ ବିବାଦ(ସଂଶୋଧନ) ବିଲ୍‌କୁ ନରସିଂହ ମିଶ୍ର ବିରୋଧ କରିଥିବା ବେଳେ ଏହା ଶ୍ରମିକଙ୍କ ମଙ୍ଗଳ ପାଇଁ ନା ଶିଳ୍ପପତିଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଶ୍ନ କରିଥିଲେ। ତେବେ ଶ୍ରମିକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ଶିଳ୍ପ ବିବାଦ ଅଧିନିୟମ ୧୯୪୭କୁ ପରିବର୍ତ୍ତନ କରାଯାଇ ଏହି ବିଲ୍ ଗୃହରେ ଉପସ୍ଥାପନ କରାଯାଇଥିବା ଶ୍ରମମନ୍ତ୍ରୀ ସୁଶାନ୍ତ ସାହୁ କହିଥିଲେ। ପୂର୍ବରୁ ଶ୍ରମିକମାନଙ୍କୁ ଛଟେଇ ପୂର୍ବରୁ ୧ ମାସର ନୋଟିସ୍ ଅବଧି ଦିଆଯାଉଥିବା ବେଳେ ଏହି ନୂତନ ଅଧିନିୟମରେ ୨ମାସର ନୋଟିସ୍ ଅବଧି କିମ୍ବା ୨ ମାସର ଆଗୁଆ ବେତନ ଦେବାର ବ୍ୟବସ୍ଥା ରହିଛି। ଜିଏସ୍‌ଟି ପ୍ରଦାନ ଏବଂ ରିଟର୍ନ ଦାଖଲ ଭଳି ବ୍ୟବସ୍ଥାକୁ ସରଳୀକରଣ କରିବା ଲାଗି ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ ୨୦୧୭କୁ ପରିବର୍ତ୍ତନ କରାଯାଇ ଓଡ଼ିଶା ଦ୍ରବ୍ୟ ଓ ସେବାକର(ସଂଶୋଧନ) ବିଲ୍ ପ୍ରସ୍ତୁତ ହୋଇଥିବା ବେଳେ ବହୁମତରେ ଏହି ବିଲ୍ ପାରିତ ହୋଇଥିଲା।

ସେହିପରି ମଙ୍ଗଳବାର ଓଡ଼ିଶା ପୌର ବିଧି(ସଂଶୋଧନ) ବିଲ୍ ପାରିତ ହୋଇଛି। ଓଡ଼ିଶା ମ୍ୟୁନିସିପାଲ୍ ଅଧିନିୟମ ୧୯୫୦ ଏବଂ ଓଡ଼ିଶା ମହାନଗର ଅଧିନିୟମ ୨୦୦୩ରେ କିଛିଟା ପରିବର୍ତ୍ତନ ଅଣାଯାଇ ନୂତନ ଅଧିନିୟମ କରାଯାଇଛି। ଏହାଦ୍ୱାରା ସହରାଞ୍ଚଳ ପାଇଁ ଉଦ୍ଦିଷ୍ଟ ଉନ୍ନତିମୂଳକ ପାଣ୍ଠିର ୨୫% ଏଣିକି ବସ୍ତିର ବିକାଶରେ ଖର୍ଚ୍ଚ ହେବ। ବସ୍ତିଗୁଡ଼ିକର ମୌଳିକ ସେବା ଓ ଭିତ୍ତିଭୂମି ନିମନ୍ତେ ଏହି ଅର୍ଥ ଖର୍ଚ୍ଚ କରାଯିବ। ଏହାବ୍ୟତୀତ ଟ୍ରେଡ୍ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ସରଳୀକରଣ କରାଯାଇଛି। ଆବଶ୍ୟକ କାଗଜପତ୍ର ପ୍ରଦାନ କଲେ ଆବେଦନକାରୀଙ୍କୁ ସେହିଦିନ ଏବଂ ଅନ୍‌ଲାଇନରେ ଲାଇସେନ୍ସ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହି ବିଲ୍‌କୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ବିଧାୟକ ସନ୍ତୋଷ ସିଂ ସାଲୁଜା ବିରୋଧ କରିଥିବାବେଳେ ଏହାଦ୍ୱାରା ବସ୍ତିଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ମନ୍ତ୍ରୀ ପ୍ରତାପ ଜେନା କହିଥିଲେ। ବର୍ତ୍ତମାନ ସୁଦ୍ଧା ଜାଗା ମିଶନରେ ୧ଲକ୍ଷ ୬୭ ହଜାର ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

# ଲିଜ୍ ଅବଧି ବଢ଼ାଇବାକୁ କହିଥିଲା ଭାଜପା: କଂଗ୍ରେସ

**ଖଣି ଦୁର୍ନୀତି ପ୍ରସଙ୍ଗର ନୂଆମୋଡ଼**

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ବିଧାନସଭାରେ ସୋମବାର ଭାଜପା ଉଠାଇଥିବା ରାଜ୍ୟ ସରକାରଙ୍କ ଖଣି ଦୁର୍ନୀତି ପ୍ରସଙ୍ଗ ମଙ୍ଗଳବାର ଏକ ନୂଆ ମୋଡ଼ ନେଇଛି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଗୃହରେ ଏକ ଭିନ୍ନ ତଥ୍ୟ ଉପସ୍ଥାପନ କରି ଭାଜପା ଉପରେ ବର୍ଷିଛନ୍ତି। କେନ୍ଦ୍ର ସରକାର ୨୦୧୫ରେ ଖଣି ଓ ଖଣିଜ(ଡେଭଲପ୍‌ମେଣ୍ଟ ଆଣ୍ଡ ରେଗୁଲେଶନ) ସଂଶୋଧନ ଆଇନ ଆଣିଥିଲେ। ଏହି ଆଇନ ବଳରେ ଯେଉଁମାନଙ୍କ ଖଣି ଲିଜ୍ ସରିଯାଇଥିଲା ସେମାନଙ୍କ ଲିଜ୍ ଅବଧିକୁ ଆହୁରି ୫ବର୍ଷ ପାଇଁ ବଢାଇବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ଭାଜପା ଗୃହରେ ଦେଇଥିବା ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍ ଏବଂ ଲିଜ୍ ବଢାଇବା ନିଷ୍ପତ୍ତି ରାଜ୍ୟ ସରକାରଙ୍କର ନୁହେଁ, ବରଂ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବୋଲି ବାହିନୀପତି କହିଥିଲେ। ମୋଦି ସରକାରଙ୍କ ଚିଠି ପାଇଁ ଆଜି ଓଡ଼ିଶା କୋଟି କୋଟି ଟଙ୍କା ହରାଇଛି। ଭାଜପା ପାଇଁ ହଜାର ହଜାର କୋଟି ଟଙ୍କା କ୍ଷତି ହୋଇଛି। ଏହା ଉପରେ ସିବିଆଇ ତଦନ୍ତ କରିବାକୁ ବାହିନୀପତି ଗୃହରେ ଦାବି କରିଥିଲେ।

ଏହି ଅବସରରେ ସେ ପାରାଦୀପ ଓ ଗୋପାଳପୁର ବନ୍ଦରରୁ ଚାଇନାକୁ ହେଉଥିବା ଲୁହାପଥର ରପ୍ତାନୀକୁ ବିରୋଧ କରିଥିଲେ। ଚାଇନା ସହ ଭାରତର ବିବାଦ ଯୋଗୁ କେନ୍ଦ୍ର ସରକାର ଚାଇନା ସାମଗ୍ରୀକୁ ବ୍ୟାନ୍ କରିବାକୁ କହିଥିଲେ ମଧ୍ୟ ପାରାଦୀପ ବନ୍ଦରରୁ ଲୁହାପଥର ନେବାକୁ ଚାଇନାକୁ ଅନୁମତି ଦେଇଛନ୍ତି। ଚାଇନାକୁ ଓଡ଼ିଶାର ଉଚ୍ଚମାନର ଲୁହାପଥର ରପ୍ତାନି ହେଉଛି। କେନ୍ଦ୍ରର ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକଦିନ ପାରାଦୀପ ବନ୍ଦରରୁ ୯୭୫ ଟନ୍ ଓ ଗୋପାଳପୁର ବନ୍ଦରରୁ ୩୩୨ ଟନ୍ ଲୁହାପଥର ରପ୍ତାନି ହେଉଛି। ସେହି ଲୁହାପଥରରେ ଅସ୍ତ୍ରଶସ୍ତ୍ର ତିଆରି କରି ଚାଇନା ଭାରତକୁ ଆକ୍ରମଣ କରିବ ବୋଲି ସେ କହିଥିଲେ। ଚାଇନାକୁ ଲୁହାପଥର ଚାଲାଣ ବନ୍ଦ କରିବାକୁ ଦାବି କରିଥିଲେ। ସେହିଭଳି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ମଧ୍ୟ ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇ ଭାଜପା ଉପରେ ବର୍ଷିଥିଲେ। ଖଣି ଏକ କେନ୍ଦ୍ରୀୟ ବିଷୟ। ଏହା ରାଜ୍ୟ ସରକାରଙ୍କ ବିଷୟ ନୁହେଁ। ଯଦି କିଛି ଦ୍ୱନ୍ଦ୍ୱ ଅଛି ତାହେଲେ ଭାଜପା ସଦସ୍ୟ କେନ୍ଦ୍ରରେ ଯାଇ ପଚାରନ୍ତୁ ବୋଲି ସେ କହିଥିଲେ। ଖଣି ଦୁର୍ନୀତି ପାଇଁ ଆଜି ଓଡ଼ିଶାର ଯାହା କ୍ଷତି ହୋଇଛି ତାହା କେନ୍ଦ୍ର ପାଇଁ ହୋଇଛି। ଏହି ଅବସରରେ ସେ ମିତ୍ତଲ, ଜେଏସ୍‌ଏଲ୍, ଜେଏସ୍‌ଡବ୍ଲ୍ୟୁ ଏବଂ ସିରାଜଉଦ୍ଦିନ ମାଇନ୍ସ କିଭଳି ଉଚ୍ଚକୋଟୀର ଲୁହାକୁ ନିମ୍ନମାନର କହି ହଜାର ହଜାର କୋଟି ଟଙ୍କା ଚୋରି କରି ନେଇଛନ୍ତି ସେ ସମ୍ପର୍କରେ କହିଥିଲେ। ଖଣିମନ୍ତ୍ରୀ ଏ ବାବଦରେ ଖଣି ମାଲିକମାନଙ୍କଠାରୁ ଫାଇନ ଆଦାୟ କରିବାକୁ ସେ କହିଥିଲେ।




# ‘କରୋନାରୁ ମୁକ୍ତ ପରେ ବି ନିୟମ ମାନନ୍ତୁ’

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

କରୋନାରୁ ମୁକ୍ତ ହେବା ପରେ ମଧ୍ୟ ଆକ୍ରାନ୍ତ ବ୍ୟକ୍ତି ସତର୍କ ରହିବା ଦରକାର। ନିୟମିତ ହାତ ଧୋଇବା, ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଏବଂ ପରିବେଶକୁ ସଫାସୁତୁରା ରଖିବା ଆବଶ୍ୟକ। କାରଣ କୋଭିଡ୍‌ର ଭୟ ଏବେ ବି ଯାଇନି। ଯେଉଁମାନେ କୋଭିଡ୍‌ରେ ଆକ୍ରାନ୍ତ ହୁଅନ୍ତି ସେମାନେ ଅତ୍ୟନ୍ତ ଅବଶ ହୋଇପଡ଼ନ୍ତି। ତେଣୁ ଆରୋଗ୍ୟ ହେବା ପରେ ଦିନକୁ ୪ରୁ ୫ଥର କମ୍ କମ୍ କରି ଖାଦ୍ୟ ଖାଇବେ। ଖାଦ୍ୟରେ ଭିଟାମିନ୍, ପ୍ରୋଟିନ୍ ଅଂଶ ସହିତ ବିଭିନ୍ନ ଖାଦ୍ୟସାର ଯଥେଷ୍ଟ ରହିବା ଦରକାର। ଫଳରେ ସେମାନଙ୍କର ଅବଶ ଦୂର ହୋଇଯିବ ଓ ସେମାନେ ନିଶ୍ଚିତ ଭାବେ ସୁସ୍ଥ ଅନୁଭବ କରିବେ। ଆରୋଗ୍ୟ ହେବା ପରେ ୨ରୁ ୪ ସପ୍ତାହ ମଧ୍ୟରେ ସେମାନେ ତାଙ୍କର ପୂର୍ବ ସାଧାରଣ ଜୀବନଶୈଳୀକୁ ଫେରିପାଇବେ ବୋଲି କଟକ ଏସ୍‌ସିବିର ମେଡିସିନ୍ ବିଭାଗ ମୁଖ୍ୟ ଡା. ଜୟନ୍ତ ପଣ୍ଡା କହିଛନ୍ତି। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ପରାମର୍ଶ ସମ୍ବନ୍ଧୀୟ ଖବରଦାତା ସମ୍ମିଳନୀରେ ଡା. ପଣ୍ଡା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ଆରୋଗ୍ୟ ହେବା ପରେ ଅନେକ ରୋଗୀଙ୍କର ନାକ ବନ୍ଦ ହେବା, କାଶ, ମୁଣ୍ଡ ବିନ୍ଧା, ଛାତି ଯନ୍ତ୍ରଣା, ଧଇଁସଇଁ ହେବା ଭଳି ଲକ୍ଷଣ ଲାଗିରହେ। କାରଣ ଏହି ଭୂତାଣୁ ଆମର ଶ୍ୱାସନଳୀକୁ ଆକ୍ରାନ୍ତ କରିଥାଏ। ନାକ, ଗଳା ଓ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରେ। ତେଣୁ ସେମାନେ ଡାକ୍ତରଙ୍କୁ ପରାମର୍ଶ କରିବା ସହିତ ବ୍ୟାୟାମ ଓ ଯୋଗ କରିବା ଉଚିତ। କରୋନା ସଙ୍କଟ ସମୟରେ ଯୋଗ ଚିକିତ୍ସା ଭଳି କାମ କରୁଛି। ଆଜିର ଦିନରେ ସମଗ୍ର ବିଶ୍ୱରେ ଯୋଗକୁ ଗ୍ରହଣ କରାଯାଉଛି। ଯୋଗ ମାଧ୍ୟମରେ ଆଭ୍ୟନ୍ତରୀଣ ଅଙ୍ଗ ବ୍ୟାୟାମ ହୋଇପାରୁଛି। ତେଣୁ ସୁସ୍ଥ ରହିବା ପାଇଁ ଯୋଗର ଆବଶ୍ୟକତା ରହିଛି ବୋଲି ଡା. ପଣ୍ଡା ସୂଚନା ଦେଇଛନ୍ତି।

# ୧୨ରୁ ବେଙ୍ଗାଲୁରୁକୁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୬।୧୦ (ବ୍ୟୁରୋ)

କରୋନା କଟକଣା ପାଇଁ ଅଟକି ରହିଥିବା ସେବାଗୁଡ଼ିକୁ ଭାରତୀୟ ରେଳ ପୁନର୍ବାର ଆରମ୍ଭ କରୁଛି। ଏ ପରିପ୍ରେକ୍ଷୀରେ ଗତ ୧ ତାରିଖଠାରୁ ୧୦ ଟ୍ରେନ୍ ଚଳାଚଳ କରୁଥିବାବେଳେ ଆସନ୍ତା ୧୨ତାରିଖଠାରୁ ଭୁବନେଶ୍ୱରରୁ ବେଙ୍ଗାଲୁରୁକୁ ଦୈନିକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଚଳାଚଳ କରିବାକୁ ସ୍ଥିର କରାଯାଇଛି। ଏନେଇ ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଟ୍ରେନ୍ ନଂ. ୦୮୪୬୩ ଭୁବନେଶ୍ୱରରୁ ୧୨ ତାରିଖ ଦିନ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିବ ଓ ଟ୍ରେନ୍ ନଂ. ୦୮୪୬୪ ୧୩ ତାରିଖରେ ବେଙ୍ଗାଲୁରୁରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ ବୋଲି ଜଣାପଡ଼ିଛି। ଯାତ୍ରା ସମୟରେ ଏହି ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ୪୨ ଟି ସ୍ଥାନରେ ରହଣି କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି।

# ରାଜ୍ୟରେ ୨୬,୭୯୩ ସକ୍ରିୟ ସଂକ୍ରମିତ

- ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪,୯୩୯
- ଦିନକରେ ୨,୬୭୩ ଆକ୍ରାନ୍ତ ଚିହ୍ନଟ: ୧୬ ମୃତ
- ଆରୋଗ୍ୟ ଲାଭ କଲେ ୩,୮୧୭

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ରାଜ୍ୟରେ କମୁଛି ସଂକ୍ରମଣ ସଂଖ୍ୟା। ଗତ ୨୪ ଘଣ୍ଟାରେ ଆଉ ୨,୬୭୩ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୩୮,୦୦୩ରେ ପହଞ୍ଚିଛି। ସେପଟେ ଦୈନିକ ଆରୋଗ୍ୟ ସଂଖ୍ୟା ଅଧିକ ରହୁଥିବାରୁ ରାଜ୍ୟରେ ଏବେ ସକ୍ରିୟ ରୋଗୀଙ୍କ ସଂଖ୍ୟା କମ୍ ରହିଛି। ମଙ୍ଗଳବାର ରାଜ୍ୟରେ ଆଉ ୩,୮୧୭ଜଣ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଫଳରେ ଏବେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୨,୧୦,୨୧୭କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୨୬,୭୯୩ଜଣ ସକ୍ରିୟ ରୋଗୀ ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪,୯୩୯ ସକ୍ରିୟ ରୋଗୀ ରହିଥିବା ବେଳେ ଗଜପତିରେ ସର୍ବନିମ୍ନ ୧୦୧ଜଣ ରହିଛନ୍ତି। ତେବେ ପୂର୍ବରୁ ହଟ୍‌ସ୍ପଟ୍ ଜିଲା କୁହାଯାଉଥିବା ଗଞ୍ଜାମରେ ଏବେ ମାତ୍ର ୧୮୮ଜଣ ସକ୍ରିୟ ରୋଗୀ ରହିଛନ୍ତି। ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪୪୮ ଜଣ ରହିଥିବା ବେଳେ କଟକ ୨୧୪, ନୂଆପଡ଼ା ୧୫୯, କେନ୍ଦ୍ରାପଡ଼ା ୧୫୧, ଅନୁଗୋଳ ୧୨୬, ପୁରୀ ୧୨୪, ମୟୂରଭଞ୍ଜରୁ ୧୦୦ଜଣ ରହିଛନ୍ତି। ଅନ୍ୟ ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଦୁଇ ଅଙ୍କରେ ସୀମିତ ରହିଛି। ସେପଟେ ରାଜ୍ୟରେ ସଂକ୍ରମଣ ସଂଖ୍ୟା କମୁଥିଲେ ମଧ୍ୟ କରୋନାଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଚଳିତ ମାସରେ ଅର୍ଥାତ୍ ଗତ ୬ଦିନରେ ୯୮ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଗତ ୨୪ଘଣ୍ଟାରେ ରାଜ୍ୟରେ ଆଉ ୧୬ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବାଲେଶ୍ୱରରୁ ୪, ଖୋର୍ଦ୍ଧାରୁ ୩, କଟକ ୨, ଅନୁଗୋଳ, ବୌଦ୍ଧ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ, ସୁବର୍ଣ୍ଣପୁରରେ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୯୪୦ରେ ପହଞ୍ଚିଛି। ଗଞ୍ଜାମ ଜିଲାରେ ସର୍ବାଧିକ ୨୨୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫୪ ନମ୍ବର ସହ ଖୋର୍ଦ୍ଧା ଜିଲା ଦ୍ୱିତୀୟରେ, ୮୨ ନମ୍ବର ସହ କଟକ ଜିଲା ତୃତୀୟ ସ୍ଥାନରେ ରହିଛି।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଛି ‘ଆୟୁରକ୍ଷା କିଟ୍’



- ବିନା ଲକ୍ଷଣ ଓ ସ୍ୱଳ୍ପ ଲକ୍ଷଣଧାରୀଙ୍କ ନିକଟରେ ହୋଇଛି ପରୀକ୍ଷା
- ଜାରି ରହିଛି ସଚେତନତା
- ଘରେ କିଟ୍ ବନାଇବା ପଦ୍ଧତି କହିଲା ଆୟୁଷ ମନ୍ତ୍ରଣାଳୟ

ଭୁବନେଶ୍ୱର, ୬।୧୦ (ବ୍ୟୁରୋ)

ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଁ ‘ଆୟୁରକ୍ଷା କିଟ୍’କୁ ଜନସାଧାରଣଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୂର୍ଣ୍ଣ ଆୟୁର୍ବେଦିକ ପଦ୍ଧତି ଦ୍ୱାରା ଏହି କିଟ୍‌କୁ ତିଆରି କରାଯାଇଛି। ଏଥିରେ ମୁଖ୍ୟତଃ ଚବନ୍‌ପ୍ରାଶ, ଆୟୁଷ କ୍ୱାଥ/କାଢ଼ା, ସଂଶମନ ବଟୀ ଓ ଅଣୁ ତୈଳ ଥିବା ଜଣାପଡ଼ିଛି। ବର୍ତ୍ତମାନ ଏହା ବଜାରରେ ଉପଲବ୍ଧ ହେଉ ନାହିଁ। କେବଳ କିଛି ଆଗଧାଡ଼ିର କରୋନା ଯୋଦ୍ଧାଙ୍କ ସହ ଭୁବନେଶ୍ୱରରେ ଚାଲିଥିବା କ୍ୟାମ୍ପେନିଂ, ଆୟୁଷ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଏହି କିଟ୍ ଦିଆଯାଉଛି ବୋଲି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ପ୍ରତିଷ୍ଠାନର ନିର୍ଦ୍ଦେଶକ ଏମ୍. ଏମ୍. ରାଓ ସୂଚନା ଦେଇଛନ୍ତି।

ଆୟୁରକ୍ଷା କିଟ୍‌ରେ ଥିବା ସମସ୍ତ ଔଷଧ ଲୋକମାନେ ନିଜ ଘରେ ମଧ୍ୟ ପ୍ରସ୍ତୁତ କରିପାରିବେ। ଘରେ ଚିକିତ୍ସିତ ସଂକ୍ରମିତ କିମ୍ବା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାକୁ ଉତ୍ସୁକ ଥିବା ବ୍ୟକ୍ତି ସମସ୍ତ କୋଭିଡ୍ ନିୟମ ମାନିବା ସହ ନିୟମିତ ଉଷୁମ ପାଣି ପିଇବା, ହଳଦୀ କ୍ଷୀର ପିଇବା, ଗାର୍ଗିଲିଂ କରିବା, ଚବନପ୍ରାଶ ଖାଇବା, ହର୍ବାଲ ଚା’ (ତୁଳସୀ, ଡାଲ୍‌ଚିନି, ଗୋଲମରିଚ, ଶୁଣ୍ଠି, କିସ୍‌ମିସ୍‌ରେ ପ୍ରସ୍ତୁତ) ପିଇବା ଦ୍ୱାରା ସଂକ୍ରମଣଠାରୁ ଦୂରେଇ ରହିପାରିବା ବୋଲି ସେ କହିଛନ୍ତି। ସବୁଠୁ ବଡ଼ କଥା ହେଲା ଏହି କିଟ୍‌ର ବ୍ୟବହାର ଗତ କିଛି ଦିନ ମଧ୍ୟରେ କୋଭିଡ୍ ଯୋଦ୍ଧା ଯଥା ପୋଲିସ, ଖବରଦାତା, ସଫେଇ କର୍ମଚାରୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା କରାଯାଇଛି। ଯାହା ସଫଳ ହୋଇଥିବା ପରିଲକ୍ଷିତ ହୋଇଛି। ଆୟୁରକ୍ଷା କିଟ୍ ସେବନ କରିବା ଦ୍ୱାରା ସମସ୍ତଙ୍କ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧିପାଇଥିବା ଜଣାପଡ଼ିଛି। ଏଥିସହ ଭୁବନେଶ୍ୱରର କିଛି ସ୍ୱଳ୍ପ ଲକ୍ଷଣଧାରୀ ଓ ଲକ୍ଷଣବିହୀନ ଆକ୍ରାନ୍ତଙ୍କୁ ଏହି କିଟ୍‌ର ସେବନ କରିବାକୁ ଦିଆଯାଇଥିଲା। ଯେଉଁମାନଙ୍କ ଶରୀରରେ ମଧ୍ୟରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧିପାଇଥିବା ରାଓ କହିଛନ୍ତି। ବର୍ତ୍ତମାନ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠାନ ଦ୍ୱାରା ଶିବିର କରାଯାଇ ଲୋକମାନଙ୍କୁ ଆୟୁରକ୍ଷା କିଟ୍ ସମ୍ପର୍କରେ ସଚେତନ କରାଯିବା ସହ ଏହାର ନିର୍ମାଣ ପଦ୍ଧତି ଉପରେ ବୁଝାଯାଉଛି। ପ୍ରକାଶ ଯେ, କେନ୍ଦ୍ର ଆୟୁଷ ମନ୍ତ୍ରୀ ଶ୍ରୀପଦ ନାୟକ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷ ବର୍ଦ୍ଧନ ଏବଂ ନୀତି ଆୟୋଗର ଉପସଭାପତି ଡା. ରାଜୀବ କୁମାର ମିଳିତ ଭାବେ ମଙ୍ଗଳବାର ‘ନ୍ୟାଶନାଲ କ୍ଲିନିକାଲ ଓ ମ୍ୟାନେଜ୍‌ମେଣ୍ଟ ପ୍ରୋଟୋକଲ- ଆୟୁର୍ବେଦ ଏବଂ ଯୋଗ ଫର ମ୍ୟାନେଜ୍‌ମେଣ୍ଟ ଅଫ୍ କୋଭିଡ୍-୧୯’ର ଉନ୍ମୋଚନ କରିଛନ୍ତି।

# ଗୋଟିଏ ପଟେ ଦାବି, ଅନ୍ୟ ପଟେ ବିରୋଧ

**ଶ୍ରୀମନ୍ଦିର ଖୋଲାଯିବା ପ୍ରସଙ୍ଗ**

ପୁରୀ ଅଫିସ, ୬।୧୦

ବର୍ତ୍ତମାନ ଶ୍ରୀମନ୍ଦିର ଖୋଲାଯିବା ପାଇଁ ଗୋଟିଏ ପଟେ ଦାବି ହେଉଥିବାବେଳେ ଅନ୍ୟ ପଟେ ଏହାକୁ ବିରୋଧ କରାଯାଉଛି। ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲିବା ଦାବି ନେଇ ମଙ୍ଗଳବାର ପୂର୍ବାହ୍ନରେ ସୁଆର ମହାସୁଆର ନିଯୋଗ ପୂର୍ବତନ ସଭାପତି ଦାମୋଦର ମହାସୁଆରଙ୍କ ନେତୃତ୍ୱରେ କେତେଜଣ ସେବାୟତ ଅରୁଣସ୍ତମ୍ଭ ନିକଟରେ ଧାରଣା ଦେଇଥିଲେ। ଧାରଣାକାରୀମାନେ କହିଥିଲେ, କରୋନା ପାଇଁ ୬ମାସରୁ ଊର୍ଦ୍ଧ୍ୱ ହେବ ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଛି। ଫଳରେ ଏହାର ପ୍ରଭାବ ସମଗ୍ର ସେବାୟତ ସମାଜ ଉପରେ ପଡ଼ିଛି। ହଜାର ହଜାର ସେବାୟତ ପରିବାର ପ୍ରତିପୋଷଣ କରିବା ପାଇଁ ହନ୍ତସନ୍ତ ହେଉଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯେଉଁ ଆର୍ଥିକ ସହାୟତା ଦିଆଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ। ତେଣୁ ଶ୍ରୀମନ୍ଦିର ଚାରିଦ୍ୱାରରେ ଡାକ୍ତରଙ୍କୁ ରଖି ପର୍ଯ୍ୟାୟକ୍ରମେ ୫୦ଜଣ ଲେଖାଏ ଭକ୍ତଙ୍କୁ ପ୍ରବେଶ ଅନୁମତି ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଉପଜିଲାପାଳ ଭବତାରଣ ସାହୁ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।



ଅନ୍ୟପକ୍ଷରେ ବର୍ତ୍ତମାନ ପରିସ୍ଥିତିରେ ଶ୍ରୀମନ୍ଦିର ଖୋଲିବା ସମ୍ଭବ ନୁହେଁ ବୋଲି ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧି କହିଛନ୍ତି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଥିଲେ, ପ୍ରାୟ ୫୦୦ ସେବାୟତ କରୋନା ଦ୍ୱାରା ସଂକ୍ରମିତ ହେଲେଣି। ଏହି ମହାମାରୀରେ ୧୫ରୁ ଅଧିକ ସେବାୟତଙ୍କ ଜୀବନ ଗଲାଣି। ତେଣୁ ଏବେ ବି ଅନେକ ସେବାୟତ ହୋମ୍ ଆଇସୋଲେଶନ ଏବଂ ହସ୍ପିଟାଲରେ ଅଛନ୍ତି। ତେଣୁ ଏଭଳି ସ୍ଥିତିରେ ମନ୍ଦିର ଖୋଲାଗଲେ ସଂକ୍ରମଣ ଆହୁରି ବଢ଼ିବ। କାହା କଥାରେ ମନ୍ଦିର ବନ୍ଦ ହୋଇନାହିଁ କି କାହା କଥାରେ ମନ୍ଦିର ଖୋଲିବ ନାହିଁ। କରୋନା ସଂକ୍ରମଣ କମିବା ପରେ ଯେବେ ପରିଚାଳନା କମିଟି ଏବଂ ଛତିଶା ନିଯୋଗ ଖୋଲିବା ଲାଗି ନିଷ୍ପତ୍ତି ନେବେ ସେବେ ଖୋଲିବ ବୋଲି ଦାସମହାପାତ୍ର କହିଛନ୍ତି। ଏହି ଅବସରରେ ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ମାଧବ ମହାପାତ୍ର, ଅନନ୍ତ ତିଆଡ଼ି ଉପସ୍ଥିତ ଥିଲେ।




**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**

**B.Tech. Programme:**
IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2020.
Applications are invited for admission to B.Tech. Programme under **Odisha category** in the following disciplines:
- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2020 Rank.
For Admission Bulletin and more details visit the following link : **https://www.iiit-bh.ac.in/admissions**

**M.Tech. Programme:**
Few seats are vacant in the M.Tech. (CSE) programme. Interested candidates may visit the following link for details: **https://iiit-bh.ac.in/admissions**

**Phone : 8763122395, 8763122394**
**E-mail : btechadmission@iiit-bh.ac.in, Home page : www.iiit-bh.ac.in**
IIIT Bhubaneswar, Gothapatna, PO: Malipada, Bhubaneswar-751003, India

**ଆଜିର ମନ୍ତବ୍ୟ**

“ଆଞ୍ଚଳିକ ଅଖଣ୍ଡତା, ସାର୍ବଭୌମତ୍ୱ ପ୍ରତି ସମ୍ମାନ ଏବଂ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଆଧାରିତ ବିଶ୍ୱସ୍ତରୀୟ ନିୟମ ପାଳନ କରିବାକୁ ଭାରତ ପ୍ରତିବଦ୍ଧ।

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ପିଙ୍କୁ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ୩ ବୈଜ୍ଞାନିକଙ୍କୁ ପଦାର୍ଥ...

ନକ୍ଷତ୍ରପୁଞ୍ଜ (ଗାଲାକ୍ସି)ର କେନ୍ଦ୍ରରେ ଥିବା ଅତିପ୍ରକାଣ୍ଡ ଶକ୍ତିଶାଳୀ ପଦାର୍ଥ ଅର୍ଥାତ୍ ବ୍ଲାକ୍ ହୋଲ୍ ଆବିଷ୍କାର କରିଛନ୍ତି। ନୋବେଲ କମିଟିର ବୈଜ୍ଞାନିକମାନେ କହିଛନ୍ତି ଯେ, ବ୍ଲାକ୍ ହୋଲ୍ ହେଉଛି ବ୍ରହ୍ମାଣ୍ଡର ସବୁଠୁ ଆକର୍ଷକ ପଦାର୍ଥ ମଧ୍ୟରୁ ଅନ୍ୟତମ, ଯାହା ବିଜ୍ଞାନ କଳ୍ପନା ଏବଂ ବିଜ୍ଞାନ ତଥ୍ୟର ମୂଳଦୁଆ ପାଲଟିଛି ଏବଂ ଯେଉଁଠାରେ ସମୟ ସ୍ଥିର ହୋଇଥିବାର ଦେଖାଯାଏ। ଜର୍ମାନୀରେ ୧୯୫୨ରେ ଜନ୍ମିତ ରେନ୍‌ହାର୍ଡ ‘ମ୍ୟାକ୍ସ ପ୍ଲାଙ୍କ’ ପ୍ରତିଷ୍ଠାନରେ ବାୟୁମଣ୍ଡଳର ବହିର୍ଭାଗ ସମ୍ବନ୍ଧୀୟ ପଦାର୍ଥ ବିଜ୍ଞାନ ବିଭାଗର ନିର୍ଦ୍ଦେଶକ ଅଛନ୍ତି। ସେହିପରି ୫୫ ବର୍ଷୀୟା ଆଣ୍ଡ୍ରେୟା କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଛନ୍ତି। ଉଭୟ ରେନ୍‌ହାର୍ଡ ଏବଂ ଆଣ୍ଡ୍ରେୟା ଆମ ନକ୍ଷତ୍ରପୁଞ୍ଜର ଛାୟାପଥରେ ଧୂଳି ଆଚ୍ଛାଦିତ କେନ୍ଦ୍ରକୁ ଦେଖିଥିଲେ, ଯେଉଁଠାରେ କିଛି ଅଦ୍ଭୁତ ଘଟଣା ଘଟୁଥିଲା, ଅନେକ ତାରକା ଏଭଳି ଘୂରୁଥିଲେ ଯେ ସେଗୁଡ଼ିକୁ ସେମାନେ ଦେଖି ପାରି ନ ଥିଲେ। ତାହା ଏକ ବ୍ଲାକ୍ ହୋଲ୍ ଥିଲା, ଯାହା ସାଧାରଣ ନୁହେଁ, ଏକ ସୁପରମାସିଭ୍ ବ୍ଲାକ୍ ହୋଲ୍। ସୂର୍ଯ୍ୟର ତାହା ୪ ନିୟୁତ ଗୁଣ। ବର୍ତ୍ତମାନ ବୈଜ୍ଞାନିକମାନେ ଜାଣନ୍ତି ଯେ ସମସ୍ତ ଗ୍ୟାଲେକ୍ସିରେ ସୁପରମାସିଭ୍ ବ୍ଲାକ୍ ହୋଲ୍ ଅଛି। ନୋବେଲ ପୁରସ୍କାର ବାବଦରେ ଏକ ସ୍ୱର୍ଣ୍ଣପଦକ ଏବଂ ୧୦ ନିୟୁତ ସ୍ୱିଡେନ କ୍ରୋନର(୧,୧୧୮,୦୦୦ ଡଲାରରୁ ଅଧିକ) ଦିଆଯାଉଛି। ସାଧାରଣତଃ ଷ୍ଟକହୋମ୍‌ରେ ଡିସେମ୍ବର ୧୦ରେ ଏହି ପୁରସ୍କାର ଦିଆଯିବାକୁ ଥିବାବେଳେ କରୋନା ମହାମାରୀ ଯୋଗୁ ଉକ୍ତ ଆନୁଷ୍ଠାନିକ ସମାରୋହକୁ ବାତିଲ କରିଦିଆଯାଇଛି। ଏହା ପରବର୍ତ୍ତେ ବିଜେତାମାନେ ନିଜ ଦେଶରେ ରହି ଭର୍ଚୁଆଲ ସମାରୋହରେ ପୁରସ୍କାର ଗ୍ରହଣ କରିଛନ୍ତି। ସ୍ୱିଡେନର ବୈଜ୍ଞାନିକ ଆଲଫ୍ରେଡ୍ ବର୍ନାର୍ଡ ନୋବେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି। ଆଲଫ୍ରେଡ ତାଙ୍କ ସମ୍ପତ୍ତିର ଏକ ବଡ଼ ଅଂଶ ଏଥିପାଇଁ ଉତ୍ସର୍ଗ କରିଛନ୍ତି। ଏହାଦ୍ୱାରା ମାନବଜାତିର ସ୍ୱାର୍ଥରେ କାମ କରୁଥିବା ଲୋକଙ୍କୁ ସମ୍ମାନିତ କରିବା ପାଇଁ ଏହି ଟଙ୍କା ପ୍ରଦାନ କରାଯାଇପାରିବ। ସୋମବାର ନୀରବ ଘାତକ ‘ହେପାଟାଇଟିସ୍ ସି’ ଭୂତାଣୁ ଆବିଷ୍କାର ପାଇଁ ୩ ବୈଜ୍ଞାନିକ ଆମେରିକାର ହାର୍ଭେ ଜେମ୍ସ ଆଲଟର, ଚାର୍ଲ୍ସ ଏମ୍ ରାଇସ୍ ଏବଂ ବ୍ରିଟେନର ମାଇକେଲ୍ ହଫ୍‌ଟନଙ୍କୁ ମେଡିସିନ୍‌ରେ ନୋବେଲ ପୁରସ୍କାର ଦିଆଯାଇଛି।

## ଦିଲୀପ ରାୟ...

ମାମଲାର ତଦନ୍ତ ସିବିଆଇ କରିଥିଲା। ନିୟମ ଅନୁସାରେ ୧ଏମ୍‌ଟିପିଏରୁ କମ୍ ଲୁହା, ଷ୍ଟିଲ କିମ୍ବା ସ୍ପଞ୍ଜ ଆଇରନ ଉତ୍ତୋଳନ କରୁଥିବା କୌଣସି କମ୍ପାନୀକୁ କୋଇଲା ଖଣି ଆବଣ୍ଟନ ହୋଇପାରିବ ନାହିଁ। ମାତ୍ର ସିଟିଏଲ୍ କରିଥିବା ଆବେଦନରେ ଏହି ଦିଗକୁ ଅଣଦେଖା କରାଯାଇ କୋଇଲା ଖଣି ଆବଣ୍ଟନ କରାଯାଇଥିଲା ବୋଲି ସିବିଆଇ ଚାର୍ଜଶିଟରେ ଉଲ୍ଲେଖ କରିଥିଲା। ସିବିଆଇ ଦିଲୀପଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଆଇପିସି ଦଫା ୧୨୦(ବି) (ଆପରାଧିକ ଷଡ଼ଯନ୍ତ୍ର), ୪୨୦(ଠକେଇ), ୪୦୯(ବିଶ୍ୱାସ ଭଙ୍ଗ) ଏବଂ ଦୁର୍ନୀତି ନିବାରଣ ଆଇନର ଦଫା ୧୩(୧)(ଡି)ରେ ଚାର୍ଜଶିଟ ଦାଖଲ କରିଥିଲା। ପ୍ରକାଶ ଯେ, ୧୦୫.୧୫୩ହେକ୍ଟର ପରିମିତ ବ୍ରହ୍ମଡିହା କୋଇଲା ଖଣି ପାଇଁ ସିଟିଏଲ୍ ୧୯୯୮ରେ ଆବେଦନ କରିଥିଲା। କୋଇଲା ଖଣି ଆବଣ୍ଟନ ପୂର୍ବରୁ ଏହାର ସ୍ଥିତି ପରଖିବାକୁ କୋଲ୍ ଇଣ୍ଡିଆ ଲିମିଟେଡ ସେଣ୍ଟ୍ରାଲ୍ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନିଂ ଇନ୍‌ଷ୍ଟିଚ୍ୟୁଟ ଲିମିଟେଡ(ସିଏମ୍‌ପିଡିଆଇଏଲ୍)କୁ ଦାୟିତ୍ୱ ଦେଇଥିଲା। ସ୍ଥିତି ଅନୁଧ୍ୟାନ ପରେ ଏହା ଖନନ ଉପଯୋଗୀ ନୁହେଁ ବୋଲି ଜଣାପଡ଼ିଥିଲା। ଖଣିରେ ପ୍ରଚୁର ପାଣି ଜମି ରହିଥିବାରୁ ଏହାକୁ ଖନନ କଲେ ଏହା ପାର୍ଶ୍ୱବର୍ତ୍ତୀ କୋଇଲା ଖଣି ପାଇଁ ବିପଦ ସୃଷ୍ଟି କରିବ ବୋଲି କୁହାଯାଇଥିଲା। ମାତ୍ର ପରେ ୧୯୯୯ ସିଟିଏଲ୍‌କୁ ଏହି ଖଣି ବେଆଇନ ଭାବେ ଅନୁମତି ମିଳିଥିଲା।

## ଦିନକ ପୂର୍ବରୁ ସରିଲା...

ଉପରେ ଏଥର ଆଲୋଚନା ହୋଇଥିଲା। କରୋନା କଟକଣା ମଧ୍ୟରେ ବିଧାନସଭା ଚାଲିଥିବାରୁ ଏଥର ପ୍ରଶ୍ନକାଳ ରହି ନ ଥିଲା। ସ୍ୱର୍ଗତ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିୟୋଗରେ ୪ତାରିଖରେ ଶୋକ ପ୍ରସ୍ତାବ ଅଣାଯାଇ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା। ଶେଷ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହର ସୁପରିଚାଳନା ପାଇଁ ବିରୋଧୀ ଦଳ ନେତାଙ୍କ ସହ ସମସ୍ତ ସଦସ୍ୟ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଶାସନ ଦଳ, ବିରୋଧୀ ଦଳ ଏବଂ ବିଧାନସଭାର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ତେବେ ଅନ୍ତିମ ଦିବସରେ ଭାଜପା କୌଣସି ଆଲୋଚନାରେ ସାମିଲ ହୋଇ ନ ଥିଲା।

## ବିରୋଧ ମଧ୍ୟରେ...

ଆଲୋଚନା ନ ହେବାକୁ ବିରୋଧ କରି ଭାଜପା ବିଶ୍ୱବିଦ୍ୟାଳୟ ବିଲ୍ ଆଲୋଚନାରେ ଭାଗନେଇ ନ ଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବିବୃତି ବେଳେ ଭାଜପା ବିଧାୟକମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। କଂଗ୍ରେସର ବରିଷ୍ଠ ବିଧାୟକ ନରସିଂହ ମିଶ୍ର ବିଲ୍‌କୁ କଳା ବିଲ୍‌ଭାବେ ଅଭିହିତ କରି ପିଲାଙ୍କ ଭବିଷ୍ୟତ ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି କହିଥିଲେ। ସରକାରଙ୍କ ଉତ୍ତରରେ ସେ ସନ୍ତୁଷ୍ଟ ନୁହନ୍ତି ଏବଂ ଆବଶ୍ୟକ ପଡ଼ିଲେ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି କହିଥିଲେ। ସଂଶୋଧନ ବିଲ୍‌ର ଧାରା ୩, ୫, ୬, ୭, ୧୦, ୧୫ ଓ ୧୬କୁ ସେ ପୁଣିଥରେ ବିରୋଧ କରିଥିଲେ। ଏହି ଧାରାଗୁଡ଼ିକୁ ସଂଶୋଧନ ପ୍ରସ୍ତାବରୁ ବାଦ୍ ଦେବାକୁ ସେ କହିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଏହାକୁ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷରେ ବିଲ୍ ଉପରେ ବିବୃତି ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଥିଲେ, ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଚାଳନା ପାଇଁ କେନ୍ଦ୍ରର କୌଣସି ଆଇନ ନାହିଁ। ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ ଏକମାତ୍ର ଆଇନ। କେନ୍ଦ୍ର ଓ ରାଜ୍ୟ ଆଇନ ଭିତରେ କୌଣସି ଦ୍ୱନ୍ଦ୍ୱ ନ ଥିବା ସେ କହିଥିଲେ। ୩୧ ବର୍ଷ ପରେ ଏହି ଆଇନରେ ପରିବର୍ତ୍ତନ କରାଯାଉଛି। ସବୁ ପରିବର୍ତ୍ତନ ହୋଇନି। ଆବଶ୍ୟକତା ଦେଖି କିଛିଟା ବଦଳିଛି। ରାଜ୍ୟ ସରକାର କୁଳପତି ଚୟନରେ ହସ୍ତକ୍ଷେପ କରନ୍ତି ନାହିଁ କି କରିବେ ନାହିଁ। ନିରପେକ୍ଷତା ଓ ସ୍ୱଚ୍ଛତା ମଧ୍ୟରେ କୁଳପତି ଚୟନ କରାଯିବ। ଅଧ୍ୟାପକ ନିଯୁକ୍ତି ଦାୟିତ୍ୱ ଓପିଏସ୍‌ସିକୁ ଦେବାକୁ ବ୍ୟବସ୍ଥା କରାଯାଇଛି। ନିଯୁକ୍ତି ବେଳେ ଶିକ୍ଷାଗତ ଯୋଗ୍ୟତା ୟୁଜିସି ଗାଇଡ୍‌ଲାଇନ୍ ଅନୁଯାୟୀ ନିଆଯିବ। ଏବେ ବିଶ୍ୱବିଦ୍ୟାଳୟ ଯେମିତି ନିଯୁକ୍ତି ପ୍ରକ୍ରିୟା କରୁଛି ଓପିଏସ୍‌ସି ମଧ୍ୟ ସେହି ଅନୁଯାୟୀ କରିବ। ସିଣ୍ଡିକେଟ୍‌କୁ ଶକ୍ତିଶାଳୀ କରିବାକୁ ସିନେଟ୍ ବ୍ୟବସ୍ଥା ଉଚ୍ଛେଦ ହୋଇଥିବା ମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ଜାତୀୟ ଶିକ୍ଷାନୀତି ଓଡ଼ିଶାରେ ଲାଗୁହେବା ସମ୍ପର୍କରେ ମନ୍ତ୍ରୀ କହିଥିଲେ, ତାହାକୁ ତର୍ଜମା ପାଇଁ ମୁଖ୍ୟମନ୍ତ୍ରୀ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଏହା ଉପରେ ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଥିବା ସାହୁ କହିଥିଲେ।

## କ’ଣ ବଦଳିବ

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୧ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ଏବେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁଯାୟୀ ପରିଚାଳିତ ହେଉଛି। ତେବେ ନୂତନ ଅଧିନିୟମ ଅଣାଯିବା ଦ୍ୱାରା ସିନେଟ୍‌କୁ ଉଠାଇ ଦିଆଯିବ। ବିଶ୍ୱବିଦ୍ୟାଳୟର ପରିଚାଳନା ନିମନ୍ତେ ସିଣ୍ଡିକେଟ୍‌କୁ ପୁନର୍ଗଠିତ କରାଯିବ। କୁଳପତିଙ୍କ ଚୟନ ନିମନ୍ତେ ଥିବା କମିଟିରେ ସିଣ୍ଡିକେଟ୍ ଦ୍ୱାରା ମନୋନୀତ ସଦସ୍ୟଙ୍କ ବଦଳରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଜଣେ ବ୍ୟକ୍ତି(ଶିକ୍ଷାବିତ୍)ଙ୍କୁ ସାମିଲ୍ କରାଯିବ। କୁଳପତିଙ୍କୁ ଅଧିକ ସମୟ ଦେବା ଉଦ୍ଦେଶ୍ୟରେ କୁଳପତିଙ୍କ କାର୍ଯ୍ୟକାଳକୁ ୩ରୁ ୪ ବର୍ଷ ବୃଦ୍ଧି କରାଯିବ ଏବଂ ସର୍ବୋଚ୍ଚ ବୟସ ସୀମା ୬୭ ବର୍ଷ କରାଯିବ। ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଓ ରାଜ୍ୟ ଚୟନ ବୋର୍ଡ ଉପରେ ନ୍ୟସ୍ତ କରାଯିବ। ସେହିଭଳି ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଅଡିଟ୍ ରିପୋର୍ଟ ସମସ୍ତଙ୍କ ଅବଗତି ନିମନ୍ତେ ଏଣିକି ନିଜ ନିଜ ୱେବସାଇଟ୍‌ରେ ଅପ୍‌ଲୋଡ୍ କରି ତାହାକୁ ୩ ବର୍ଷ ପର୍ଯ୍ୟନ୍ତ ରଖିବେ। ଅନ୍ୟପକ୍ଷରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୦୫ ଅନୁଯାୟୀ ଉକ୍ତ ଶିକ୍ଷାନୁଷ୍ଠାନ ଏକକ ବିଶ୍ୱବିଦ୍ୟାଳୟ ଭାବେ ପ୍ରତିଷ୍ଠା ହୋଇଛି। ତେଣୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୦୫କୁ ଉଠାଇ ଦିଆଗଲା। ସମସ୍ତ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଅଧିନିୟମ ପରିଧି ମଧ୍ୟକୁ ଆଣିବା ଲକ୍ଷ୍ୟରେ ଏହି ବ୍ୟବସ୍ଥା କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପ୍ରାପ୍ତି ଘଟିପାରେ। ଭୁଲ୍ ବୁଝାମଣା ଜନିତ ବିନା କାରଣରେ ମଧ୍ୟ ଅଶାନ୍ତି, କଳହର ସୂତ୍ରପାତ ହୋଇପାରେ। ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**



ନିଜ ଲୋକମାନଙ୍କ ବିରୋଧ ସଙ୍ଗକୁ ବିଭିନ୍ନ ପ୍ରକାରର ଅଭାବ, ଅସୁବିଧାର ସାମନା କରିବାକୁ ପଡିପାରେ। ଯେତେ ଭଲରେ ରହି ଅନ୍ୟମାନଙ୍କୁ ମଧ୍ୟ ଭଲରେ ରଖିବାକୁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡି ଦେବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**



ଅର୍ଥ ସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ସହକର୍ମୀ ବନ୍ଧୁ ତାହା ପୂରଣ କରିବେ। ଆଜି ଯାଉଥିବା ରାସ୍ତାରେ ଚୋରି, ପକେଟମାର କିମ୍ବା ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଧନ ହାନି ଘଟିବାର ପୂର୍ଣ୍ଣ ସୂଚନା ରହିଛି। ବୃଥା ସନ୍ଦେହଜନିତ କାରଣରୁ ବନ୍ଧୁମାନଙ୍କ ସହ ସାଧାରଣ କଥାରେ କଳହ ଲାଗିପାରେ।

**କର୍କଟ**



କର୍ମାରମ୍ଭର ପ୍ରଥମାବସ୍ଥାରେ ଅସୁବିଧା ଭଳି ମନେହେଲେ ମଧ୍ୟ ପରକ୍ଷଣରେ ବହୁତ ସୁବିଧା ଉପଭୋଗ କରିପାରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ସାହାଯ୍ୟ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ସିଂହ**



ଆପଣଙ୍କ ସ୍ପଷ୍ଟବାଦିତା ଓ କାର୍ଯ୍ୟ ହାସଲର କଳା କୌଶଳକୁ ବନ୍ଧୁମାନେ ପ୍ରଶଂସା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ରହିଥିବା ବିଷମତା ନେଇ ଚିନ୍ତିତ ଥିଲେ ମଧ୍ୟ ଆପଣଙ୍କ କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କନ୍ୟା**



ଅଟକି ରହିଥିବା କାମକୁ ପୂରାଦମରେ କରିଚାଲିବେ ତଥାପି ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। ଦୀର୍ଘ ଦିନରୁ ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସାଂଗଠନିକ କ୍ଷେତ୍ରରେ କିଛି ନୂତନ ଦିଗ୍‌ଦର୍ଶନ ଦେଇପାରନ୍ତି।

**ତୁଳା**



ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥତା ରହିବ ନାହିଁ। ଅଫିସରେ କିମ୍ବା କର୍ମକ୍ଷେତ୍ରରେ ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କ ମୁହଁ ସାମ୍ନାରେ କିଛି କହିପାରିବେ ନାହିଁ। ବାରମ୍ବାର ସରକାରୀ କାମରେ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବିଛା**



କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ କ’ଣ ହେଲା ଏଣୁତେଣୁ ଗୁଡାଏ ବେକାର କଥାରେ ମନ ଅଶାନ୍ତ ରହିବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା କେତେକ ବ୍ୟକ୍ତି ବେଖାତିର ମନୋଭାବ ପ୍ରଦର୍ଶନ କରିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ**



ଆଜି ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତେଜିତ ରହିପାରେ। ଘରେ ଅଶାନ୍ତିର ବାତାବରଣ ସଙ୍ଗକୁ କର୍ମକ୍ଷେତ୍ରରେ ଉତ୍ତେଜନା ଓ ଜମିଜମା କଳହର ଆଶଙ୍କା ରହିଛି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର**



ବିଳମ୍ବିତ ସମୟରେ ଅଭିଳାଷ ପୂରଣ ହେବାରୁ ମନରେ ବିଭିନ୍ନ ପ୍ରକାରର ଦୁର୍ଭାବନା ସ୍ଥାନ ପାଇବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡିଥିବା ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ଯାତ୍ରାକାଳରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ**



ଆଜି ଆପଣଙ୍କୁ ଘର କାମ ଛାଡି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ୍ୟ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ କାରଣରୁ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି।

**ମୀନ**



ପୂର୍ବଯୋଜନାନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କରିବେ ତଥାପି କିଛିନା କିଛି ପ୍ରତିବନ୍ଧକକୁ ସାମନା କରିବାକୁ ପଡିପାରେ। ପାଖ ପଡୋଶୀ ଈର୍ଷାପରାୟଣପୂର୍ବକ ପରୋକ୍ଷଭାବରେ ସମାଲୋଚନା କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା କରିବାକୁ ପଡ଼ିପାରେ।

ଆଜି ଆଶ୍ୱିନ ମଳକୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ବୁଧବାର, ଅକ୍ଟୋବର ୭ ତାରିଖ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୫.୪୨ମି. ଗତେ ଘ.୦୬.୨୯ମି. ମଧ୍ୟେ, ଘ.୦୭.୧୬ମି.ଗତେ ଘ.୦୮.୦୩ମି.ମଧ୍ୟେ, ଘ.୧୦.୨୩ମି.ଗତେ ଘ.୧୨.୪୪ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୧୫ମି.ଗତେଘ.୦୭.୦୪ମି.ମଧ୍ୟେ, ରାତ୍ରି ଘ.୦୮.୪୨ମି.ଗତେ ଘ.୦୩.୧୫ମି. ମଧ୍ୟେ, ଘ.୦୪.୦୪ମି. ଗତେ ଘ.୦୫.୪୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୨୯ମି. ଗତେ ଘ.୦୭.୧୬ମି. ମଧ୍ୟେ, ଅପରାହ୍ନ ଘ.୦୧.୩୧ମି. ଗତେ ଘ.୦୩.୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୩୪ମି. ଗତେ ଘ.୦୧.୦୨ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302





**BRIDE WANTED**

Suitable bride for a good-looking Khandayat boy, 5’4”, 1984, MBA & MCA, Software Engineer at WIPRO. Contact: 9937358497. D-69921

Age 39 Government Engineer Widower କରଣ ପୁଅଙ୍କୁ any caste married, unmarried ଝିଅ ଦରକାର। 9668711776. D-67959

Bride needed for Karan tall handsome, only Child Nationalised Bank Officer, caste No bar. Contact: 9437427691. D-56666

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରୀ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68258

Son age 27, B. Tech M. Tech NIST Berhmapur current job in MNC company at out of country, caste no bar, 8144589551. D-18512

**GROOM WANTED**

Age-32 divorcee secretariatରେ ଥିବା ସୁନ୍ଦର ଗୁଡିଆ ଜାତିର ଝିଅଙ୍କପାଇଁ ଯେକୌଣସି ଜାତିର ପୁଅ ଦରକାର। Contact: 7077999816. D-18484

**Govt. Job କରୁଥିବା age-35 କରଣ ଜାତିର divorcee ଝିଅ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। Contact: 7327034058.** D-69446

ସରକାରୀ ଚାକିରିଆ 40ବୟସ୍କା unmarried ବଣିଆ ଝିଅଙ୍କୁ ବିବାହିତ, ଅବିବାହିତ ଯେ କୌଣସି ଜାତିର ପୁଅ ଦରକାର। 7381460070. D-67958

Barik bride 28/5’4”, Doctor (BDS), working in a reputed dental clinic, Bhubaneswar. Looking for suitable match. Caste-No bar. Contact: 9178062431, 8249177878. D-69447





**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

Infosis II ପାଖରେ layout approved plot 680/- Patia, Pahala, Arugul, Jharpadaରେ plot available. 7978124465. D-69552

**ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313.** D-69176

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

**Ready to move 2BHK flat @22.99 lakhs** near Mount Litera Zee School, Kateni is for sale. 9937162220.** D-18497

ଛତାବର 200’ roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା 1500sqft.କୁ 9,75,000/- 9437306208. D-69349

Tamando national highway ଠାରୁ 600meter ଦୂରରେ immediate ଘରକରି ରହିବା ପାଇଁ boundary plot ମିଳୁଅଛି। 8480619769. D-69558

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ **2BHK flat**, ଲିଙ୍ଗିପୁରରେ **10 Bedroom independent building**, ପୁରୀ **VIP** ରୋଡ୍‌ରେ **4BHK flat**, ଅଠରନଳା ପାଖରେ **5Bedroom independent building** ବକ୍ରୟହେବ। **Genuine buyer. Contact: 9438109040, 8144658008.** D-18511

CV Raman College ପାଖରେ 28000sqft. plot ବିକ୍ରିହେବ। Contact: 9778928492. D-68384

Hi-Tech ଛକରୁ 5 K.m ଦୂରରେ କୃଷ୍ଣସରଣପୁର ମୌଜାରେ ପଟ୍ଟାଥିବା boundary plot ମିଳୁଛି। 8480619769. D-69559

Booking open for 3BHK duplex with layout plan near ITER College, Jagamara, Bhubaneswar. Contact: 9861616986. D-67571

**GENERAL**

**PURCHASE**

ପ୍ରିଣ୍ଟିଙ୍ଗ ପ୍ରେସ୍ ଆବଶ୍ୟକ। Offset printing press required. Chandrasekharpur, Bhubaneswar. 9437008388. D-68383





House at Nayapalli, DAV/ Stewart School for Family. 8895096862, 9438490107. D-56957





Newly open SPA centre smart therapist full body massage: 7846814019. D-59967

Newly open full body massage SPA in Bhubaneswar. Contact: 7205058838. D-69770

Herbal full body massage by smart / expert therapist. Contact: 8338067247. D-69765

Newly open SPA centre smart therapist full body massage: 7205187702. D-59966

Get good massage for your health the best therapy SPA Station. 7655024727, 8118079281. D-69555

Get refreshment body massage by expert therapist contact for. 9556978408. D-69766

Newly open SPA centre smart therapist full body massage: 8114970372. D-59968

Swarna SPA newly open positively health benefits with expert therapist. 7873794731. D-69767

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768

Rejuvenate and Ayurvedic full body massage by smart therapist. 9348123330. D-69771

Full ayurvedic body massage with refreshment expert therapist call: 7436826500. D-69774

**AFFIDAVIT**

I, Geeta Devi spouse of No. 14828912M, Hav Jankee Yadav, resident of Vill-Lalanpur, Po-Maharaj Ganj, Dist.- Ghazipur, State- Uttar Pradesh, Pin-233001, have changed my name from Geeta Devi to Geeta Yadav vide affidavit dated 21.09.2020 before the Notary Public, Salipur, Cuttack. D-18510

I, Rasmi Rekha Parida spouse of No. 14812934F, Hav Dinabandhu Jena resident of Vill & Po- Pandua, Teh.- Anandapur, Dist.- Keonjhar, State-Odisha, Pin-758043 have changed my name from Rasmi Rekha Parida to Rashmi Rekha Jena vide affidavit dated 21.09.2020 before the Notary Public, Salipur, Cuttack. D-18509

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, No. 14812934F, Hav Dinabandhu Jena resident of Vill & Po- Pandua, Teh.- Anandapur, Dist.- Keonjhar, State-Odisha, Pin- 758043 have changed my son’s name from Somyajeet Jena to Soumyajit Jena vide affidavit dated 05.10.2020 before Notary Public, Salipur, Cuttack. D-18508

I, Kiran Sharma spouse of No. 14835250X, Hav Prem Lal Pathak, resident of Vill- Peehari, Po-Beswan, Teh.- Iglas, Dist.- Aligarh, State-Uttar Pradesh, Pin-202145 have changed my name from Kiran Sharma to Kiran vide affidavit dated 21.09.2020 before the Notary Public, Salipur, Cuttack. D-18507

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହସ୍ପିଟାଲରୁ ଛୁଟି ମିଳିଛି। ସେ କରୋନାରୁ ସୁସ୍ଥ ହୋଇ ହ୍ୱାଇଟ୍ ହାଉସ୍ ଫେରିଛନ୍ତି। ଶୀଘ୍ର କାମରେ ଯୋଗଦେବେ ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି। ଶୁକ୍ରବାର ତାଙ୍କଠାରେ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ତାଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ୍ ଆସିଥିଲା। ତେଣୁ ତାଙ୍କୁ ବେଥେସଡ଼ାସ୍ଥିତ ୱାଲଟର ରିଡ୍ ନ୍ୟାଶନାଲ୍ ମିଲିଟାରୀ ମେଡ଼ିକାଲ ସେଣ୍ଟରରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଟ୍ରମ୍ପଙ୍କ ଅକ୍ସିଜେନ୍ ସ୍ତର କମ୍ ଥିବାରୁ ତାଙ୍କୁ ୨ ଥର ଅକ୍ସିଜେନ୍ ଦିଆଯାଇଥିବା ମେଡ଼ିକାଲ କଲେଜର ଡାକ୍ତର କୋନେଲ କହିଛନ୍ତି। ହସ୍ପିଟାଲରୁ ଫେରିଥିବା ନେଇ ଟ୍ରମ୍ପ ଟୁଇଟ୍ କରି ସୂଚନା ଦେଇଛନ୍ତି।

# ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ହଡ଼ପ

**ସିଏଜି ରିପୋର୍ଟ**

**ଡବ୍ଲ୍ୟୁଡିସିରେ ହେଉଛି ବ୍ୟାପକ ଅନିୟମିତତା**

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ ବିଭାଗ ଏବଂ ସରକାରୀ ଉଦ୍ୟୋଗଗୁଡ଼ିକରେ ଥିବା କେତେଜଣ ଅଧିକାରୀ ନିଜ କର୍ତ୍ତବ୍ୟରେ ଅବହେଳା କରିବା ସହ ସରକାରୀ ଅର୍ଥକୁ ହଡ଼ପ କରିବାକୁ ପଛାଉ ନାହାନ୍ତି। ଏଥିଯୋଗୁ ବିକାଶମୂଳକ କାର୍ଯ୍ୟ ଅନେକାଂଶରେ ବାଧାପ୍ରାପ୍ତ ହେବା ସହିତ ରାଜକୋଷରୁ ବହୁ ଅର୍ଥ ବାଟମାରଣା ହେଉଛି। ଏପରି କି ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ଅର୍ଥ ଏବଂ ଭତ୍ତାକୁ ମଧ୍ୟ ହଡ଼ପ କରାଯାଉଛି। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ ଏଭଳି ତଥ୍ୟ ପଦାକୁ ଆସିଛି।

ମଙ୍ଗଳବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ସାଧାରଣ ଓ ସାମାଜିକ କ୍ଷେତ୍ର ଉଦ୍ୟୋଗ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଅନୁକମ୍ପା ଦେଖାଇ ୨.୩୨ କୋଟି ଟଙ୍କାର ଲାଇସେନ୍ସ ଫି' ବେଆଇନ ଭାବେ ପ୍ରଦାନ କରିଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସରକାରୀ ଅର୍ଥ ଆତ୍ମସାତ, ବାର୍ଦ୍ଧକ୍ୟଭତ୍ତା ହଡ଼ପ ଭଳି ସଙ୍ଗିନ ତଥ୍ୟ ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏପରି କି ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ହଡ଼ପ କରାଯାଇଛି। ୯ଟି ପଞ୍ଚାୟତ ସମିତିର ୧୯ଟି ଗ୍ରାମପଞ୍ଚାୟତରେ ୭୨ଟି ଗ୍ରାମରେ ମୃତକଙ୍କ ନାମରେ ଭତ୍ତା ବଣ୍ଟନ କରାଯାଇଛି।

୧୦ଟି ଜିଲାର ୮୯ଟି ବ୍ଲକର ବିକାଶ କରିବା ଲାଗି ଡବ୍ଲ୍ୟୁଓଡିସି ଗଠନ କରାଯାଇଥିଲା। ରାଜ୍ୟ ସରକାର ଏହି ସଂସ୍ଥାର ଦାୟିତ୍ୱ ୨୬ ଜଣିଆ ସଦସ୍ୟଙ୍କ ଉପରେ ନ୍ୟସ୍ତ କରିଛନ୍ତି। ତେବେ ବିକାଶ ପରିବର୍ତ୍ତେ ଏହି ସଂସ୍ଥା ଅନିୟମିତତାରେ ଉବୁଟୁବୁ ହେଉଛି। ଜଳସେଚନ ପ୍ରକଳ୍ପକୁ ଅଗ୍ରାଧିକାର ଦିଆ ନ ଯାଇ ଅନ୍ୟ ପ୍ରକଳ୍ପ ପାଇଁ ଡବ୍ଲ୍ୟୁଓଡିସି ଅର୍ଥ ଅଯଥାରେ ବ୍ୟୟ କରାଯାଇଛି। ୨୦୧୫ରୁ ୨୦୧୮ ମଧ୍ୟରେ ରାଉରକେଲା ମହାନଗର ନିଗମକୁ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିବାକୁ ୩.୦୩ କୋଟି ଟଙ୍କା ଦିଆଯାଇଥିବା ବେଳେ ସେହି ଅର୍ଥ ସ୍ମାର୍ଟ ସିଟି ପାଇଁ ଖର୍ଚ୍ଚ ହୋଇଛି । ୨୦୧୮ସୁଦ୍ଧା ୨୬୯୦ ପ୍ରକଳ୍ପର କୌଣସି ଅଡିଟ୍ ଡବ୍ଲ୍ୟୁଓଡିସି ଦ୍ୱାରା କରାଯାଇ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ୨୦୦୪ରୁ ୨୦୧୮ ମଧ୍ୟରେ ଡବ୍ଲ୍ୟୁଓଡିସି ୨୭,୯୧୦ ପ୍ରକଳ୍ପରୁ ୧୦୦୯ ପ୍ରକଳ୍ପ ପାଇଁ ୬୧.୧୫ କୋଟି ଟଙ୍କା ବେଆଇନ ଭାବେ ଆବଣ୍ଟନ କରିଥିବା ରିପୋର୍ଟରେ କୁହାଯାଇଛି। କେବଳ ଡବ୍ଲ୍ୟୁଓଡିସି ନୁହେଁ ବିଭିନ୍ନ ବିଭାଗର କାର୍ଯ୍ୟ ବିଳମ୍ବ ଯୋଗୁ ରାଜ୍ୟକୁ ବହୁ କ୍ଷତି ସହିବାକୁ ପଡିଛି। ରାଜ୍ୟର ୪ଟି ସ୍ଥାନରେ ସୌର ପ୍ରକଳ୍ପ ସ୍ଥାପନ କରିବାକୁ କେନ୍ଦ୍ର ସରକାର ୩୮.୧୦ କୋଟି ପ୍ରଦାନ କରିଥିଲେ। ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ସେହି ଅର୍ଥ ୩ ବର୍ଷ ଯାଏ ବିନିଯୋଗ ନ ହୋଇ ପଡି ରହିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାରଙ୍କ ଠାରୁ ୯ କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଥିଲା। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ବ୍ୟାଙ୍କ ଖାତା ସହିତ କ୍ୟାଶ ବହିର ମେଳ କରାଗଲାବେଳେ ୧.୦୩ କୋଟି ଟଙ୍କା ଆତ୍ମସାତ ହୋଇଥିବା ସିଏଜି ରିପୋର୍ଟରେ କହିଛନ୍ତି। ୯ଟି ପଞ୍ଚାୟତ ସମିତି ଅଧୀନ ୭୨ଟି ଗ୍ରାମର ୧୫୦ ଜଣ ମୃତ ହିତାଧିକାରୀଙ୍କ ନାମରେ ୨.୭୯ ଲକ୍ଷ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ୍ କରାଯାଇଥିବା ରିପୋର୍ଟରେ କୁହାଯାଇଛି।



ବିଧାନସଭାରେ ମଙ୍ଗଳବାର ସିଏଜି ରିପୋର୍ଟ ଉପସ୍ଥାପନ ପରେ ଆକାଉଣ୍ଟାଣ୍ଟ ଜେନେରାଲ୍ ବିଭୁଦତ୍ତ ବସନ୍ତିଆ (ମଝି) ଓ ଅନ୍ୟ ଅଧିକାରୀମାନେ ପୁସ୍ତିକାକୁ ସାର୍ବଜନୀନ କରୁଛନ୍ତି।

## ସଂକ୍ଷେପରେ

### କାର୍ତ୍ତିକେଶ୍ୱରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୬।୧୦(ବ୍ୟୁରୋ):** ବାଲେଶ୍ୱର ପୂର୍ବତନ ଏମ୍‌ପି ତଥା ଭୋଗରାଇର ପୂର୍ବତନ ବିଧାୟକ, ସୁଲେଖକ କାର୍ତ୍ତିକେଶ୍ୱର ପାତ୍ରଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି, ପାତ୍ରଙ୍କ ଦେହାନ୍ତ ବିଷୟ ଜାଣି ଦୁଃଖିତ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ନେତୃବୃନ୍ଦ ସ୍ୱର୍ଗତ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି ।

### ମୋକିମଙ୍କୁ କରୋନା

**କଟକ ଅଫିସ, ୬।୧୦:** ବାରବାଟୀ- କଟକ ବିଧାୟକ ଇଂ. ମହମ୍ମଦ ମୋକିମ କରୋନା ସଂକ୍ରମିତ ହୋଇଛନ୍ତି। ଏ ନେଇ ସେ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି। ମଙ୍ଗଳବାର ତାଙ୍କର ରିପୋର୍ଟ ପଜିଟିଭ ଆସିଛି। ଗତ ତିନି ଦିନ ହେବ ତାଙ୍କର ଥଣ୍ଡା ଥାଇ ଛିଙ୍କ ହେଉଥିଲା। ଏଥିପାଇଁ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ସୋମବାର ସେ ନିଜର କୋଭିଡ୍ ଟେଷ୍ଟ କରାଇଥିଲେ। ତାଙ୍କର ରିପୋର୍ଟ ପଜିଟିଭ ଥିବା ଜଣାପଡ଼ିଛି। ଏବେ ସେ ହୋମ ଆଇସୋଲେଶନରେ ରହିଛନ୍ତି। ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ହୋମ ଆଇସୋଲେଶନରେ ରହିବାକୁ ମୋକିମ ଅନୁରୋଧ କରିବା ସହ ଅବଶ୍ୟକ ପଡ଼ିଲେ କୋଭିଡ ଟେଷ୍ଟ କରିବାକୁ ପରାମର୍ଶ ଦେଇଛନ୍ତି।

### ବନ୍ଧୁକ ଦେଖାଇ ୧.୨୮ଲକ୍ଷ ଲୁଟ୍

**ବାଲିପାଟଣା,୬।୧୦(ଡି.ଏନ୍.ଏ.):** ବାଲିପାଟଣା ଛକ ନିକଟ ବାଗଦେବୀ ବିଦ୍ୟା ମନ୍ଦିର ନିକଟରୁ ମଙ୍ଗଳବାର ଏକ ଘରୋଇ ଫାଇନାନ୍ସ କର୍ମଚାରୀ ଅମିତ୍ ମିଶ୍ରଙ୍କଠାରୁ ୧ଲକ୍ଷ ୨୮ହଜାର ୯୦ଟଙ୍କା ଲୁଟ୍ ହୋଇଛି। ଅମିତ୍‌ଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ମାମଲା(ନଂ.୩୧୧/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୁଳନ୍ତିରା ଓ ଚଣାହଟାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଋଣ ଟଙ୍କା ସଂଗ୍ରହ କରି ଅପରାହ୍ନ ୩ଟାରେ ଅମିତ୍ ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ବାଗଦେବୀ ବିଦ୍ୟାମନ୍ଦିର ନିକଟରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ହଠାତ୍ ଅମିତ୍‌ଙ୍କ ଗାଡିକୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଅମିତ୍‌ଙ୍କ ବାଇକ୍‌କୁ ଭାଙ୍ଗିବା ସହ ବନ୍ଧୁକ ଓ ଭୁଜାଲି ଦେଖାଇ ତାଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଅମିତ୍ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ।

### ଜଟଣୀରୁ ହରିଣ ଉଦ୍ଧାର

**ଜଟଣୀ,୬।୧୦(ଡି.ଏନ୍.ଏ.):** ଜଟଣୀ ବାଛରାମୁଣ୍ଡିଆ ନିକଟରୁ ମଙ୍ଗଳବାର ସକାଳେ ଆହତ ଅବସ୍ଥାରେ ଗୋଟିଏ ଅଣ୍ଡିରା ହରିଣକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖୋର୍ଦ୍ଧା ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହାର ବୟସ ୪ରୁ ୫ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ହରିଣଟି ଆହତ ଅବସ୍ଥାରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ ଡେପୁଟି ରେଞ୍ଜର ଶରତ ଜାନି, ଫରେଷ୍ଟର ସାଧୁଚରଣ ମହାପାତ୍ରଙ୍କ ସମେତ କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ। ହରିଣର ଆଗ ଗୋଡ଼ରେ ଆଘାତ ଲାଗିଥିବାରୁ ଖୋର୍ଦ୍ଧା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଇ ଅବଜରଭେଶନ୍‌ରେ ରଖାଯାଇଥିବା ଫରେଷ୍ଟର ମହାପାତ୍ର କହିଛନ୍ତି। ଚନ୍ଦକା ଜଙ୍ଗଲରୁ ହରିଣଟି ଆସିଥାଇପାରେ ବୋଲି ଅନୁମାନ କରାଯାଉଛି।

# ଓଡ଼ିଶାରେ କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାର



ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାରଙ୍କ ସହ ବିଧାୟକ ସୁରେଶ ରାଉତରାୟ ଓ ଅନ୍ୟମାନେ।

ଭୁବନେଶ୍ୱର (ବ୍ୟୁରୋ)/ ପୁରୀ ଅଫିସ, ୬।୧୦

ପ୍ରଦେଶ କଂଗ୍ରେସ କମିଟି (ପିସିସି) ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର ମଙ୍ଗଳବାର ପ୍ରଥମଥର ଲାଗି ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ବିମାନବନ୍ଦରରେ ଚେଲ୍ଲାକୁମାରଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀ ଯାଇଛନ୍ତି। ମାତ୍ର ବିମାନବନ୍ଦର ଓ ପୁରୀରେ କଂଗ୍ରେସ ପକ୍ଷରୁ କୌଣସି ଶୋଭାଯାତ୍ରା ଆୟୋଜନ ନ କରିବାକୁ କମିଶନରେଟ୍ ପୋଲିସ ବାରଣ କରିଛି। ଭାଜପା ବା ବିଜେଡିର କୌଣସି ସମାବେଶକୁ ପୋଲିସ ବାରଣ କରୁ ନ ଥିବାବେଳେ କଂଗ୍ରେସ ପ୍ରତି ଏଭଳି ପଦକ୍ଷେପକୁ ପିସିସି ପକ୍ଷରୁ ନିନ୍ଦା କରାଯାଇଛି। କଂଗ୍ରେସ ଦଳ ପ୍ରତି ଏପରି ଆଚରଣ ଠିକ୍ ନୁହେଁ ବୋଲି ନିରଞ୍ଜନ କହିଛନ୍ତି। ବୁଧବାର ଚେଲ୍ଲାକୁମାର ଦଳର ସବୁସ୍ତରର ନେତାମାନଙ୍କ ସହ ବୈଠକ କରି ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ସବୁ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀମାନଙ୍କ ସହ ବୈଠକ କରିବେ। ସେହିପରି ଯୁବ, ଛାତ୍ର ଏବଂ ମହିଳା ନେତୃବୃନ୍ଦଙ୍କ ସହ ମଧ୍ୟ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହାସହ ତାଙ୍କର ଏହି କାର୍ଯ୍ୟକ୍ରମ ମଧ୍ୟରେ ସେ ତିର୍ତ୍ତୋଲ ଏବଂ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରିବେ।

ଏ. ଚେଲା କୁମାର ମଙ୍ଗଳବାର ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ସିଂହଦ୍ୱାର ନିକଟରେ ସେ ପହଞ୍ଚିବା ପରେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଓ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ଏହାପରେ ସେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବିଜେଡି ସରକାର ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ କ୍ଷମତାରେ ରହିଥିଲେ ବି ଓଡ଼ିଶାରେ ବେକାରି ଓ ଚାଷୀ ସମସ୍ୟା ବଢ଼ିଛି। ରାଜ୍ୟ ସରକାରଙ୍କ ବିଫଳତାକୁ ଓଡ଼ିଶାବାସୀଙ୍କ ପାଖରେ କଂଗ୍ରେସ ପହଞ୍ଚାଇବ। ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନରେ କଂଗ୍ରେସ ଜିତିବ। ଏଥିସହ ବିଜେଡି ଏବଂ ଭାଜପା ମଧ୍ୟରେ ସର୍ବଦା ଭିତିରି ବୁଝାମଣା ରହିଛି ବୋଲି ଚେଲା କୁମାର କହିଥିଲେ। ତାଙ୍କ ସହ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୬, ୮୨୯ ପୋଲିସ ସଂକ୍ରମଣ, ୩୩ ମୃତ

ଭୁବନେଶ୍ୱର,୬।୧୦ (ବ୍ୟୁରୋ)

ଡାକ୍ତରୀ କର୍ମଚାରୀ ପରେ ପୋଲିସ ହେଉଛି କରୋନା ଯୋଦ୍ଧା। ମହାମାରୀ ସମୟରେ ଏମାନେ ମଧ୍ୟ ନିଜ ଜୀବନକୁ ଭୟ ନକରି ଲୋକଙ୍କ ସେବା କରୁଛନ୍ତି। ସଂକ୍ରମଣଙ୍କୁ ଦୂରେଇବା ପାଇଁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରଖିବା ପାଇଁ ପୋଲିସ ସର୍ବଦା ଚେଷ୍ଟା କରି ଆସିଛି। ଏପରିକି ବିଭିନ୍ନ ଛକ, ଗଳିକନ୍ଦିରେ ପୋଲିସ କଡାକଡି ଯାଞ୍ଚ କରୁଛି। ଇତିମଧ୍ୟରେ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟ ପୋଲିସରେ ୬ ହଜାର ୮୨୯ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ୩୩ଜଣଙ୍କର ମୃତ୍ୟୁ ଘଟିଲାଣି। ଗୃହ ବିଭାଗର ରାଜ୍ୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏକ ପ୍ରଶ୍ନରେ ଏହି ଉତ୍ତର ଦେଇଛନ୍ତି। ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ଭୁବନେଶ୍ୱର ୟୁପିଡିରେ ସର୍ବାଧିକ ପୋଲିସ କରୋନା ସଂକ୍ରମିତ ହୋଇଛନ୍ତି। ଭୁବନେଶ୍ୱର ୟୁପିଡିରେ ୫୫୦ପୋଲିସ ଆକ୍ରାନ୍ତ ହୋଇଥିବା ବେଳେ କଟକରେ ୨୭୭ଜଣ ପୋଲିସ ଚିହ୍ନଟ ହୋଇଛନ୍ତି। ଗଞ୍ଜାମରେ ୨୬୦, ପୁରୀରେ ୨୫୫ ପୋଲିସ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି ଭୁବନେଶ୍ୱରରେ ଥିବା ସପ୍ତମ ବାଟାଲିୟନରେ ୧୪୭ଜଣ ପୋଲିସ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସବୁଠୁ ଭଲ ଖବର ହେଲା ଅର୍ଥନୈତିକ ଅପରାଧ ଶାଖାରେ କୌଣସି ଅଫିସର ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇନାହାନ୍ତି। ସେହିପରି ଭୁବନେଶ୍ୱର ଥିବା ସିକ୍ୟୁରିଟି ୱିଙ୍ଗ୍‌ରେ ୬୮, ସ୍ପେଶାଲ ବ୍ରାଞ୍ଚରେ ୩୪, ଅନୁଗୋଳରେ ୧୨୫, ବାଲେଶ୍ୱର ୧୫୫, କେନ୍ଦ୍ରାପଡ଼ାରେ ୧୧୨ଜଣ ଆକ୍ରାନ୍ତ ହୋଇଛନ୍ତି। ଏହାସହ ମୃତ୍ୟୁ ଘଟିଥିବା ପୋଲିସ କର୍ମଚାରୀଙ୍କ ପରିବାରଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା କରାଯାଉଥିବା ମନ୍ତ୍ରୀ ବିଧାନସଭାରେ ଉତ୍ତର ଦେଇଛନ୍ତି।

# ଥମୁନି ସଂକ୍ରମଣ: ୬ ଦିନରେ ୨୦୧୯ ଆକ୍ରାନ୍ତ

- ଭୁବନେଶ୍ୱରରୁ ଦିନକରେ ୩୬୫ ଆକ୍ରାନ୍ତ, ୩୨୯ ସୁସ୍ଥ
- ମୃତ୍ୟୁ ସଂଖ୍ୟା ୧୦୫କୁ ବୃଦ୍ଧ ସକ୍ରିୟଙ୍କ ସଂଖ୍ୟା

ଭୁବନେଶ୍ୱର, ୬।୧୦ (ବ୍ୟୁରୋ)

ଭୁବନେଶ୍ୱରରେ ସଂକ୍ରମଣର ଗ୍ରାଫ୍ ତଳକୁ ଆସିବାର ନା ଧରୁନି। ଅକ୍ଟୋବର ଆରମ୍ଭରୁ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଅକ୍ଟୋବର ୧ରୁ ୬ ତାରିଖ ମଧ୍ୟରେ ଭୁବନେଶ୍ୱରରେ ୨,୦୧୯ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯାହାମଧ୍ୟରୁ କେବଳ ୧,୪୫୧ ଜଣ ସ୍ଥାନୀୟ ସଂକ୍ରମିତ ଥିବାବେଳେ ୫୬୮ଜଣ ସଂକ୍ରମିତ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବାସ କରୁଥିବା ଲୋକ ଏବେ ଏକ ପ୍ରକାର ଭୟର ବାତାବରଣ ମଧ୍ୟରେ ରହିଛନ୍ତି। ଅପରପକ୍ଷରେ କୌଣସି କଟକଣା ଲାଗୁ ନ ହୋଇ ଅନ୍ୟ ସହର ତୁଳନାରେ ଭୁବନେଶ୍ୱର ସ୍ଥିତି ବହୁତ ଭଲ ଅଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ସୂଚନା ଅନୁସାରେ ଗତ ୬ଦିନ ମଧ୍ୟରେ ଭୁବନେଶ୍ୱରରୁ ମୋଟ ୨,୦୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧,୯୬୯ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ହେଲେ ସବୁଠୁ ବଡ଼ କଥା ହେଉଛି ସହରରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉନାହିଁ। ଦୈନିକ ୩୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ସୁସ୍ଥ ହାର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗତ ୬ ଦିନରେ ୧୨ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ଫଳରେ ମୃତ୍ୟୁ ସଂଖ୍ୟା ଏବେ ୧୦୫ରେ ପହଞ୍ଚିଛି। ଭୁବନେଶ୍ୱରରୁ ମଙ୍ଗଳବାର ଆଉ ୩୬୫ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୧୬ ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୨୪୯ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିସହ ଆଉ ୩୨୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ସମସ୍ତ ପଜିଟିଭ ପୂର୍ବରୁ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ପଟିଆରୁ ୨୧, ନୟାପଲ୍ଲୀରୁ ୧୯, ଶହୀଦନଗରରୁ ୧୨, ଲକ୍ଷ୍ମୀସାଗରରୁ ୯, ପାତ୍ରପଡ଼ାରୁ ୮, ୟୁନିଟ-୯, ରସୁଲଗଡ଼, ୟୁନିଟ-୮, ଶୈଳଶ୍ରୀ ବିହାର ଓ ଶହୀଦନଗରରୁ ୭ ଲେଖାଏ, ଶୈଳଶ୍ରୀ ବିହାର ଓ ଝାରପଡ଼ାରୁ ୬ ଲେଖାଏ, ଆଇଆର୍‌ସି ଭିଲେଜ ଓ ପଳାଶୁଣୀରୁ ୫ ଲେଖାଏ, ବାପୁଜୀ ନଗର ଓ ସାମନ୍ତରାପୁରରୁ ୪ ଲେଖାଏ, ୟୁନିଟ-୯, ମଞ୍ଚେଶ୍ୱର, ନୀଳାଦ୍ରି ବିହାର, ଖାରବେଳ ନଗର ଓ ବରମୁଣ୍ଡାରୁ ୩ ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ବହୁ ସ୍ଥାନରୁ ଜଣେ କିମ୍ବା ୨ ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏବେ ଭୁବନେଶ୍ୱରରେ ୩,୫୭୧ ଜଣ ସକ୍ରିୟ ଆକ୍ରାନ୍ତ ଥିବା ଜଣାପଡ଼ିଛି।

# ରୋଗୀଙ୍କୁ ଷ୍ଟ୍ରେଚରରେ ବୋହିଲେ ୨କି.ମି.

**ଯାଇପାରିଲାନି ଆମ୍ବୁଲାନ୍ସ**

ଖୋର୍ଦ୍ଧା ଅଫିସ,୬।୧୦

ସହାୟତା କରିବା ପାଇଁ ଅର୍ଥର ଆବଶ୍ୟକତା ନ ଥାଏ। ଆବଶ୍ୟକ ଥାଏ ଉଦାର ହୃଦୟ ଓ ମନ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତର ନାଉପଦା ଗ୍ରାମରେ। ଗ୍ରାମର ବାସନ୍ତୀ ବରାଡ଼(୩୫)ଙ୍କ ପାଇଁ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଦେବଦୂତ ସାଜିଥିଲେ। ରବିବାର ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ କର୍ମଚାରୀମାନେ ପ୍ରାୟ ୨ କିଲୋମିଟର ଷ୍ଟ୍ରେଚରରେ ଆଣି ଚିକିତ୍ସା କରାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ନାଉପଦା ଗ୍ରାମର ବାସନ୍ତୀ ଗୁରୁତର ଅବସ୍ଥାରେ ନିକଟ ପାହାଡ଼ ଉପରେ ପଡିଥିବା ଖବରପାଇ ଭୁବନେଶ୍ୱରରେ ରହୁଥିବା ତାଙ୍କ ପୁଅ ୧୦୮କୁ କଲ୍ କରି ଜଣାଇଥିଲେ। ଖବରପାଇ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ସନ୍ୟାସୀ ମଲିକ, ଫାର୍ମାସିଷ୍ଟ କମଳଲୋଚନ ନାୟକ ଏବଂ ହେଲପର ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ବଣଜଙ୍ଗଲ ଘେରା ପାହାଡ଼ ଅଞ୍ଚଳକୁ ଯିବା ଲାଗି ରାସ୍ତା ନ ଥିବାରୁ ପ୍ରାୟ ୨କିମି ଦୂରରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ରୋଗୀଙ୍କୁ କିପରି ଆଣିବେ, ସେ ନେଇ ସେମାନଙ୍କ ମଧ୍ୟରେ ଭାଳେଣି ପଡିଥିଲା। ସେମାନେ ବିଳମ୍ବ ନ କରି ଆମ୍ବୁଲାନ୍ସରୁ ଷ୍ଟ୍ରେଚର ଧରି ଜଙ୍ଗଲ ରାସ୍ତା ଦେଇ ଚାଲି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିବାର ଲୋକଙ୍କ ସହାୟତାରେ ଗୁରୁତର ବାସନ୍ତୀଙ୍କୁ ଷ୍ଟ୍ରେଚରରେ ଧରି ତଳକୁ ଆସିଥିଲେ। ଆମ୍ବୁଲାନ୍ସରେ ପ୍ରଥମେ ସ୍ଥାନୀୟ ମେଡିକାଲ ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ: ଅଭିଯୁକ୍ତ ଗିରଫ

ସାଲେପୁର,୬।୧୦(ଡି.ଏନ୍.ଏ.)

ସାଲେପୁର ବ୍ଲକ ଚନ୍ଦ୍ରାଦେଇପୁର ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ଅଭିଯୁକ୍ତ କାଳନ୍ଦୀ ଗୋଛାୟତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟା ସମୟରେ ସମ୍ପୃକ୍ତ ନାବାଳିକା ସାଇକେଲରେ ଘରକୁ ଫେରୁଥିବାବେଳେ ଅନ୍ଧାରର ସୁଯୋଗ ନେଇ କାଳନ୍ଦୀ ନାବାଳିକାଙ୍କୁ ଅଟକାଇ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଚାଲିଆସିବାରୁ ଅଭିଯୁକ୍ତ ସେଠାରୁ ଖସି ପଳାଇଯାଇଥିଲେ। ଏନେଇ ନାବାଳିକାଙ୍କ ବାପା ସାଲେପୁର ଥାନାରେ ଅଭିଯୋଗ କରିବାପରେ ମାମଲା (ନଂ-୩୦୮/୨୦) ରୁଜୁ କରାଯାଇଛି।

# ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା

**କଳାବ୍ୟାଜ୍ ପିନ୍ଧି କଳାଦିବସ ପାଳିଲେ**

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ମୁଲତବୀ ପ୍ରସଙ୍ଗକୁ ଗ୍ରହଣ କରା ନ ଯିବା ଏବଂ ଖଣି ଦୁର୍ନୀତି ପ୍ରସଙ୍ଗ ଉପରେ ଆଲୋଚନା ନ ହେବାରୁ ମଙ୍ଗଳବାର ବିଧାନସଭାରେ ଦିନସାରା ହୋହଲ୍ଲା କରିଥିଲା ବିରୋଧୀ ଭାଜପା। ଶୂନ୍ୟକାଳରୁ ଆରମ୍ଭ କରି ଅଧିବେଶନ ଚାଲିବା ପର୍ଯ୍ୟନ୍ତ ଗୃହର କୌଣସି ଆଲୋଚନାରେ ଅଂଶଗ୍ରହଣ କରି ନ ଥିଲେ ଦଳର କୌଣସି ସଦସ୍ୟ। ପିଏମ୍ କିଷାନ ଯୋଜନା ପାଇଁ ରାଜ୍ୟ ସରକାର ଚାଷୀଙ୍କ ଭୁଲ୍ ତଥ୍ୟ ଦେଇଥିବା ପ୍ରସଙ୍ଗ ଉପରେ ମୁଲତବୀ ଆଣିବାକୁ ଭାଜପା ପ୍ରସ୍ତାବ ଦେଇଥିବା ବେଳେ ବାଚସ୍ପତି ଏହାକୁ ଗ୍ରହଣ କରି ନ ଥିଲେ। କଂଗ୍ରେସ ସମାନ ବିଷୟ ଉପରେ ସୋମବାର ମୁଲତବୀ ପ୍ରସ୍ତାବ ଆଣିଥିବାରୁ ଅନ୍ୟ କୌଣସି ବିଷୟକୁ ମୁଲତବୀରେ ଆଣିବାକୁ ବାଚସ୍ପତି କହିଥିଲେ। ମାତ୍ର ଭାଜପା ପିଏମ୍ କିଷାନ ଯୋଜନା ସମ୍ପର୍କରେ ମୁଲତବୀ ପ୍ରସ୍ତାବ ଆଣିବା ଜିଦ୍‌ରେ ଅଟଳ ରହିଥିଲା। ରାଜ୍ୟରେ ୪୮ଲକ୍ଷ ୧୦ହଜାରରୁ ଊର୍ଦ୍ଧ୍ୱ ଚାଷୀ ଥିବା ବେଳେ ରାଜ୍ୟ ସରକାର ପିଏମ୍ କିଷାନ୍ ଯୋଜନା ପାଇଁ ମାତ୍ର ୪ଲକ୍ଷ ଚାଷୀଙ୍କ ନାମ କାହିଁକି ଦେଇଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ପ୍ରଶ୍ନ କରିଥିଲେ। ପୂର୍ବାହ୍ନରେ ଦଳ ସଦସ୍ୟମାନେ ଗୃହ ମଧ୍ୟଭାଗରେ ବସିରହି ହୋହଲ୍ଲା କରିଥିଲେ। ସେହିଭଳି ଅପରାହ୍ନରେ ବିଲ୍ ସମ୍ପର୍କରେ ଆଲୋଚନା ବେଳେ ଭାଜପା ବିଧାୟକମାନେ ଏହି ଦିବସକୁ କଳା ଦିବସଭାବେ ପାଳନ କରି କଳାବ୍ୟାଜ୍ ପିନ୍ଧିଥିଲେ। ଏହାପରେ ବିରୋଧୀ ଦଳ ନେତାଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଗୃହରେ ଅବ୍ୟବସ୍ଥା ନେଇ ରାଜ୍ୟପାଳଙ୍କ ନିକଟରେ ଫେରାଦ ହେବାକୁ ରାଜଭବନ ଯାଇଥିଲେ।

**BANK JOB**
Odisha ରେ ଥିବା Private ଓ Govt. Bank ରେ peon ଏବଂ Back Office (Contractual) ପଦର ନିଯୁକ୍ତି ପାଇଁ 10th / +2 / +3 pass Candidate ଆବଶ୍ୟକ ।
Salary : 8000/- To 14000/-
9178912298, 8895725158

Recruitment for the Post of LIC Agent as an Insurance Advisor.
**Join India's No.1 - LIC of India**
**Sushree Sangeeta Nayak** (DO LIC)
Contact:
9337286709, 7653067426

**VACANCY**
A Leading Food Manufacturing Company require male & female candidate for all over Odisha for expending his branches in every district.
Sales Manager : Qualification (Graduate), Marketing Manager : Qualification (Graduate), Sales Representative : 10th Above, Veterinary Doctor : BVS.
Salary upto 12,000/- to 50,000/-
All candidates are submitted his/her bio-data with 2 recent passport size photo & documents sent by under sign address on before20th October 2020 via speed post below mention address. Age Limit : (18 to 50) yrs.
VALEO DILIGENTIA PVT LTD.
Address - IT Colony, Rajgangpur, Near OCL,Sundarggarh, Odisha - 770017,
Call Us : 7205635009, 7008894327, Email : mail2valeodiligentia@gmail.com

NATIONAL FELLOWSHIPS FOR STUDENTS INTERESTED IN RESEARCH CAREERS
KISHORE VAIGYANIK PROTSAHAN YOJANA
किशोर वैज्ञानिक प्रोत्साहन योजना
KVPY

**KVPY Fellowship-2020**
- Stream SA: Students enrolled in XI Standard (Science Subjects) during the academic year 2020-21 and aspiring to join an undergraduate program in basic sciences (B.Sc /B.S./B.Stat./B.Math. / Int. M.Sc./ Int. M.S.) during the academic year 2022-23.
- Stream SX: Students enrolled in +2 / XII standard (Science Subjects) during the academic year 2020-21 and aspiring to join an undergraduate program in basic sciences (B.Sc./ B.S./ B.Stat./ B.Math./ Int. M.Sc./ Int. M.S.) during the academic year 2021-22.
- Stream SB: Students enrolled in First Year B.Sc. / B.S. / B. Stat. /B. Math./ Int. M.Sc./Int. M.S. in basic sciences during the academic year 2020-21.

| | | |
|---|---|---|
| 1 | Start of online submission of Application | 6th September 2020 |
| 2 | Last date for closing of online Application | 30th October 2020 |
| 3 | KVPY Aptitude Test | 31st January 2021 |

For more detail please visit: http:// www.kvpy.iisc.ernet.in
Convener, KVPY, IISc, Bengaluru-560 012

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଏସ୍ ଆଣ୍ଡ ଟି ଗିୟରଗୁଡ଼ିକର ପୁନରୁଦ୍ଧାର ପାଇଁ ଟେଣ୍ଡର ବିଜ୍ଞପ୍ତି**
କ୍ର.ସଂ. (୧) ଇ-ଟେଣ୍ଡର ନଂ. ୭୦-ଏସ୍‌ଟି-ଟେଣ୍ଡର-୨୦୨୦ । ତାରିଖ: ୩୦।୦୯।୨୦୨୦।
କାର୍ଯ୍ୟ: "ଦିପ୍‌କା ସାଇଡିଂଠାରେ ଏସ୍ ଆଣ୍ଡ ଟି ଗିୟରଗୁଡ଼ିକର ପୁନରୁଦ୍ଧାର।" ଟେଣ୍ଡର ମୂଲ୍ୟ: ₹୧,୩୭,୬୩,୧୭୮.୪୬/- (ଏକକୋଟି ସଇଁତିରିଶ ଲକ୍ଷ ତେଷଠି ହଜାର ଏକଶହ ଅଠସ୍ତରି ଟଙ୍କା ଛୟାଳିଶ ପଇସା ମାତ୍ର)। ଇଏମ୍‌ଡି: ₹୨,୧୮,୮୦୦/- (ଦୁଇଲକ୍ଷ ଅଠର ହଜାର ଆଠଶହ ଟଙ୍କା ମାତ୍ର)। ଟେଣ୍ଡର ଦାଖଲ: ତା୨୬।୧୦।୨୦୨୦ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ ।
ସିନିୟର ଡିଭିଜନାଲ ସିଗ୍. ଆଣ୍ଡ ଟେଲି. ଇଂ./କାଇନ୍
CPR/10/265 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

**ବିଜ୍ଞାପନ**
No.D-72:-
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ଭାମିନୀ, ରାୟଗଡ଼ା**
ନାମ- ସତ୍ୟରଞ୍ଜନ ଛତ୍ରିଆ
କନଷ୍ଟେବଳ ନଂ.-୫୭୮
ପିତା- ଜଗଦୀଶ ଛତ୍ରିଆ
ଗ୍ରାମ- ମୁଖିଗୁଡ଼ା
ପୋ.- ମୁଖିଗୁଡ଼ା
ଥାନା- ଜୟପାଟଣା
ଜିଲ୍ଲା- କଳାହାଣ୍ଡି
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୭।୦୩।୨୦୨୦ରିଖ ଅପରାହ୍ନଠାରୁ ତା୨୩।୦୩।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୪।୦୩।୨୦୨୦ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
OIPR-12029/11/0015/2021

ସତ୍ୟ କେବଳ ଭାରତରେ ସୀମାବଦ୍ଧ ନୁହେଁ। ତାହା ମଧ୍ୟ ଭାରତର ଏକଚାଟିଆ ସମ୍ପତ୍ତି ନୁହେଁ। କିନ୍ତୁ ଏହା ଯଦି ଭାରତରେ ବିଫଳ ହୁଏ – ତେବେ ତାହା ଅନ୍ୟ କେଉଁଠାରେ ସଫଳ ହେବାର ଆଶା କମ୍। ଏହା ଅନ୍ୟ କେଉଁଠାରେ ଏକ ବିଫଳ ବା ଆଂଶିକ ସଫଳ ପ୍ରୟାସ କରିପାରେ। –ଶ୍ରୀଅରବିନ୍ଦ

# ନୂଆ ଦିଗ

କୃଷି ଆଇନଠାରୁ ଦୃଷ୍ଟି ଘୁଞ୍ଚାଇବାକୁ ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା ଖବର ସାହାଯ୍ୟ କଲା। ତା' ପୂର୍ବରୁ ଅର୍ଥନୀତିରେ ଦୁରବସ୍ଥା ସହ ଚାଇନାର ଆକ୍ରମଣକୁ ଦକ୍ଷତାର ସହ ସାମ୍ନା କରିବାରେ ବିଫଳହୋଇଥିବା ସରକାରକୁ ସିନେମା ତାରକା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ଖବର ସେହିଭଳି ଦୃଷ୍ଟି ହଟାଇବାରେ ସହାୟକ ହୋଇଥିଲା। କ୍ଷମତାସୀନ ଦଳର ଗୋଟିଏ ପରେ ଗୋଟିଏ ବିଫଳତାକୁ ସାମ୍ନା କରିବା ସକାଶେ ବିଭିନ୍ନ ଛୋଟକାଟିଆ ଘଟଣାକୁ ଗୁରୁତ୍ୱ ଦିଆଯାଇ ବିଭ୍ରାଟ କରାଯାଇଥିବା ବେଳେ ମହାରାଷ୍ଟ୍ରର ଶରଦ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବେ ନେଇଥିବା ଏକ ଅଭିନବ ପଦକ୍ଷେପକୁ ଗଣମାଧ୍ୟମ ଉଚିତ ଧ୍ୟାନ ଦେଇନାହିଁ। ୫ ଅକ୍ଟୋବର, ୨୦୨୦ରେ ଦଳ ଭିତରେ ଏକ ସ୍ୱାଧୀନ ଶାଖା ଭାବେ ଲେସ୍‌ବିଆନ୍, ଗେ, ବାଇସେକ୍ସୁଆଲ, ଟ୍ରାନ୍ସଜେଣ୍ଡର (ଏଲ୍‌ଜିବିଟି) ଗଠନ କରି କିନ୍ନରମାନଙ୍କ ଲାଗି କାର୍ଯ୍ୟ କରିବ ବୋଲି ଏନ୍‌ସିପି ପକ୍ଷରୁ କୁହାଯାଇଛି। ଏନ୍‌ସିପି ଲୋକ ସଭା ଏମ୍‌ପି ସୁପ୍ରିୟା ସୁଲେ କହିଛନ୍ତି ଯେ, ଏଲ୍‌ଜିବିଟି ବର୍ଗ ସମାନ ଅଧିକାର ପାଇବା ପାର୍ଟି ଅନୁଭବ କରିବା ପରେ ଏଭଳି ସେଲ୍ ଗଢ଼ିବାକୁ ଚିନ୍ତା କଲା। ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ ପୂର୍ବରୁ ଏହି ଦଳ ତା'ର ନିର୍ବାଚନ ଇସ୍ତାହାରରେ ଏଲ୍‌ଜିବିଟି ସେଲ୍ ଗଢ଼ିବା ବିଷୟ ଉଲ୍ଲେଖ କରିଥିଲା। ଉକ୍ତ ବର୍ଗକୁ ସମାଜରେ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିବାରୁ ଏନ୍‌ସିପିର ଉଦ୍ୟମ ସ୍ୱାଗତଯୋଗ୍ୟ।

ଭାରତୀୟ ସମ୍ବିଧାନରେ ପ୍ରତ୍ୟେକ ନାଗରିକଙ୍କୁ ନ୍ୟାୟ, ସମାନତା ଓ ସମାନ ସୁଯୋଗ ଦିଆଯିବାର ବ୍ୟବସ୍ଥା ରଖାଯାଇଛି। କାହାରିଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଏଥିରେ ଉଲ୍ଲେଖ ରହିଛି। ସେହିପରି ଗଣତନ୍ତ୍ରରେ ଧର୍ମ, ଜାତି, ଲିଙ୍ଗ ଓ ଭାଷା ନିର୍ବିଶେଷରେ ସବୁ ନାଗରିକ ସମାନ ବୋଲି କୁହାଯାଇଥିଲେ ମଧ୍ୟ ବାସ୍ତବରେ ତାହା ପ୍ରତିଫଳିତ ହୋଇପାରୁ ନାହିଁ। ରାଜନୈତିକ ଦଳଗୁଡ଼ିକ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଚିନ୍ତାରେ ବୁଡ଼ିଯାଇ ବିଭାଜନ ଓ ବିଭେଦର ରାଜନୀତି କରୁଛନ୍ତି। ଧର୍ମାନ୍ଧତା, ରାଜନୀତିରେ ଅପରାଧୀକରଣ, ବିଭିନ୍ନ ପ୍ରକାରର ଅସହିଷ୍ଣୁତାକୁ ପାଥେୟ କରି ନିର୍ବାଚନ ଲଢ଼ାଯାଉଛି। ନିର୍ବାଚନ ଇସ୍ତାହାରରେ ସବୁ ଦଳ ଲୋକଙ୍କୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବେକାରଙ୍କୁ କାମ ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ କରିଥାଆନ୍ତି। କିନ୍ତୁ ତାହା ବାସ୍ତବରେ ପରିଣତ ହୋଇପାରି ନ ଥାଏ। କାରଣ ନିର୍ବାଚନ ପରେ ସେମାନଙ୍କ ଚେହେରା ବଦଳିଯାଏ। ଏଭଳି ସ୍ଥଳେ ଏନ୍‌ସିପି ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗର ପ୍ରସଙ୍ଗକୁ ଉଠାଇବା ସହ ତାହାର ସମାଧାନ ଦିଗରେ ସେଲ୍ ଗଠନ କରିବାକୁ ଯେଉଁ ପ୍ରୟାସ କରିଛି ତାହା ଅନ୍ୟ ରାଜନୈତିକ ଦଳକୁ ଚିନ୍ତା କରିବାକୁ ସୁଯୋଗ ଦେଲା ବୋଲି କୁହାଯାଇପାରିବ। ଏହି ସେଲ୍‌ର କାର୍ଯ୍ୟଧାରା କିଭଳି ରହିବ ଓ କିନ୍ନର ଗୋଷ୍ଠୀ କେତେ ମାତ୍ରାରେ ଉପକୃତ ହେବେ ଭବିଷ୍ୟତରେ ଜଣାପଡ଼ିବ। ତେବେ ଗୋଟେ ସାମାଜିକ ପ୍ରସଙ୍ଗକୁ ଆଖିରେ ରଖି ହେଉଥିବା ଉଦ୍ୟମ ସଂସ୍କାର ଆସିବାର ପ୍ରଥମ ପାହାଚ ବୋଲି କୁହାଯାଇପାରେ।

ଆଜିର ଜାତୀୟ ସ୍ତରର ରାଜନୈତିକ ଦୃଶ୍ୟପଟକୁ ଅନିଶା କଲେ ନେତାମାନେ ଦଳୀୟ ସ୍ୱାର୍ଥକୁ ଦେଖି କେଉଁଭଳି ପଦକ୍ଷେପ ନିଆଯିବ ସେହି ଚିନ୍ତା କରୁଛନ୍ତି। ଅଯୋଧ୍ୟାରେ ରାମ ମନ୍ଦିର ହେଲେ ତାହାକୁ ଦେଖି ସମସ୍ତେ ଖୁସି ହୋଇପାରନ୍ତି। କିନ୍ତୁ ତାହା ଦ୍ୱାରା ଦେଶ ସମ୍ମୁଖୀନ ହେଉଥିବା ଆର୍ଥିକ ସମସ୍ୟା ଦୂର ହୋଇପାରିବ ନାହିଁ କି ବେକାର ଯୁବତୀଯୁବକଙ୍କ ହାତକୁ କାମ ମିଳିବ ନାହିଁ। ସେହିପରି ବିଭିନ୍ନ ସମୟରେ ସାମାନ୍ୟ ବିଷୟକୁ ବଡ଼ ଆକାର କରାଯାଇ ସୃଷ୍ଟି କରାଯାଉଥିବା ଦଙ୍ଗାରୁ କୌଣସି ଦଳ କ୍ଷଣିକ ଫାଇଦା ପାଇଯାଇପାରେ। ହେଲେ ଏଥିରେ ଅନେକ ଅସହାୟ ଓ ନିରୀହ ଲୋକ ବଳିପଡ଼ିଥାଆନ୍ତି। ଉତ୍ତରପ୍ରଦେଶର ହାଥ୍‌ରସ ଗଣବଳାତ୍କାରୀଙ୍କୁ ଶାସକଙ୍କ ଜାଣତରେ ପ୍ରଶାସନିକ ସୁରକ୍ଷା ଦିଆଯିବା ନିନ୍ଦନୀୟ। ଅନ୍ୟପକ୍ଷରେ ସେହି ଘଟଣାରୁ ରାଜନୈତିକ ଫାଇଦା ନେବା ପାଇଁ ବିରୋଧୀ ଚିନ୍ତା କରୁଥିଲେ ତାହା ମଧ୍ୟ ଗ୍ରହଣୀୟ ନୁହେଁ। ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ଓ ଅମାନୁଷିକ ଅତ୍ୟାଚାରକୁ ରୋକାଯିବା ପାଇଁ ସବୁ ଦଳରେ ରଣକୌଶଳ ସ୍ଥିର କରାଯିବା ଦରକାର। ଏହିଭଳି ମୌଳିକ ସମସ୍ୟାର ସମାଧାନ କଥା ଚିନ୍ତା କରୁ ନ ଥିବା ପ୍ରତିଟି ରାଜନୈତିକ ଦଳ ଘଟଣା ଘଟିଯିବା ପରେ ଆହା ଚୁ ଚୁ କରିବାର କୌଣସି ମାନେ ନ ଥାଏ।

କୋଭିଡ୍-୧୯ ଯୋଗୁ ସମଗ୍ର ବିଶ୍ୱ ଏବେ ଆର୍ଥିକ, ସାମାଜିକ, ସ୍ୱାସ୍ଥ୍ୟଗତ ଓ ଆବେଗିକ ସଙ୍କଟ ଦେଇ ଗତି କରୁଛି। ସେଥିପାଇଁ ଦେଶଗୁଡ଼ିକ ନିଜର ଭୂରାଜନୈତିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କଲେଣି। ଭାରତରେ ସେଭଳି ନ୍ୟୁ ନର୍ମାଲ ଆସିବା ଦରକାର। କାରଣ ଏଠାକାର ସବୁ ଧର୍ମାବଲମ୍ବୀ ଚାହାନ୍ତି ଉତ୍ତମ ଶିକ୍ଷା, ନିଯୁକ୍ତି, ଉନ୍ନତ ସ୍ୱାସ୍ଥ୍ୟସେବା, ବିଶୁଦ୍ଧ ପାନୀୟ ଜଳ, ଖଣ୍ଡିଏ ଘର ଏବଂ ବିକଶିତ ହେବା ପାଇଁ ଆବଶ୍ୟକ ଉପାଦାନ। ସମସ୍ତଙ୍କ ଦରକାର ସୁରକ୍ଷା ଓ ସମାନ ସୁଯୋଗ। ବ୍ୟକ୍ତିଗତ ସ୍ୱାଧୀନତା ଉପଭୋଗ ପ୍ରତ୍ୟେକ ନାଗରିକଙ୍କ ଧ୍ୟେୟ ହେବା କଥା। ବାସ୍ତବରେ ଏସବୁ ଲୋକଙ୍କୁ ମିଳିପାରୁ ନାହିଁ ଏଇଥିପାଇଁ ଯେ ଶାସନ ଓ ପ୍ରଶାସନିକ ସ୍ତରରେ ଥିବା ବ୍ୟକ୍ତିମାନେ ତୃଣମୂଳ ସ୍ତରର ଲୋକ ଓ ସେମାନଙ୍କ ସମସ୍ୟା ସହ ଯୋଡ଼ି ହେଉ ନାହାନ୍ତି। ସେଥିସକାଶେ ଗୋଟେ ପରିବର୍ତ୍ତନ ଆସିପାରୁ ନାହିଁ। ତେଣୁ ସମାଜର ପ୍ରକୃତ ପ୍ରସଙ୍ଗ ଯାହା ଲୋକଙ୍କୁ ପ୍ରଭାବିତ କରୁଛି ତାହାକୁ ଗୁରୁତ୍ୱ ଦେବା ଆଜିର ରାଜନୈତିକ ବାତାବରଣରେ ନ୍ୟୁ ନର୍ମାଲ ହେବା ଉଚିତ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅକ୍ଟୋବର ୧୯୯୫

- ଶ୍ରୀଲଙ୍କାର କେତେକ ଅଞ୍ଚଳରେ ଜାରି ଜରୁରିକାଳୀନ ପରିସ୍ଥିତିର ସମୟସୀମା ବୃଦ୍ଧି ଲାଗି ଅଣାଯାଇଥିବା ପ୍ରସ୍ତାବ ଦେଶର ପାର୍ଲାମେଣ୍ଟରେ ଗୃହୀତ ହୋଇଯାଇଛି।
- ଜମ୍ମୁ-କଶ୍ମୀର ଲୋକପ୍ରତିନିଧି ଆଇନର ସଂଶୋଧନ ପ୍ରସ୍ତାବକୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନୁମୋଦନ।
- କେନ୍ଦ୍ର ସରକାର ଅସ୍ଥାୟୀ ୪ ବର୍ଷିଆ ବଣ୍ଡ୍ ବିକ୍ରି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 7 | 1 | | C | | | 9 | | D | | | | 4 | |
| | | 2 | 5 | | 1 | | 6 | | | | | | 0 | |
| | | | | | | A | | | | 7 | | | | D |
| | | A | | 8 | D | | 3 | | | 1 | | E | | 5 |
| | D | E | A | B | 0 | | 7 | | | | 4 | 1 | | |
| | | | D | 7 | 3 | | 1 | | | | C | B | | |
| 9 | B | | | | 2 | | | | 0 | | A | | | |
| | 3 | 5 | | | | | | 4 | | | | | 7 | 9 |
| | | C | | A | | 7 | | | | | 8 | | | |
| | | | 1 | 4 | C | | | | | 9 | B | 3 | 8 | |
| 5 | | B | 2 | 6 | | | | | | | 3 | | 9 | A |
| | 0 | | | | | 6 | | | C | | | | | E |
| | | 8 | | | | | | B | A | | | | 1 | |
| 2 | 6 | | B | 1 | | | | | | | | 8 | | |
| A | E | | | 5 | 4 | | | | | | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 6 | D | 2 | 1 | 9 | 5 | C | 0 | 7 | A | 8 | E | B | 3 |
| B | C | 7 | 0 | E | 6 | A | D | 2 | 4 | 3 | 1 | 9 | 5 | 8 |
| 2 | 9 | 1 | D | A | C | 3 | 8 | B | 0 | 5 | E | 4 | 7 | 6 |
| A | 3 | 8 | 5 | 7 | 4 | E | 6 | 9 | B | 2 | C | D | 0 | 1 |
| 5 | E | 0 | 8 | B | 3 | 1 | 7 | 4 | D | 6 | 9 | 2 | A | C |
| 6 | D | 4 | 3 | 2 | E | B | 1 | C | A | 7 | 0 | 8 | 9 | 5 |
| 7 | 1 | 5 | 6 | 9 | 8 | 2 | E | A | 3 | C | B | 0 | 4 | D |
| 3 | A | E | 1 | 5 | B | 0 | 4 | 7 | 9 | 8 | D | C | 6 | 2 |
| 8 | 2 | C | 4 | 0 | A | 9 | 3 | D | 5 | 1 | 6 | 7 | E | B |
| 9 | 0 | B | C | D | 7 | 6 | 5 | 8 | 2 | E | 4 | 1 | 3 | A |
| E | 4 | 6 | B | 3 | 5 | D | 0 | 1 | 8 | 9 | 2 | A | C | 7 |
| 0 | 7 | A | E | C | 1 | 8 | 9 | 5 | 6 | D | 3 | B | 2 | 4 |
| D | B | 2 | 7 | 8 | 0 | C | A | 6 | E | 4 | 5 | 3 | 1 | 9 |
| C | 8 | 9 | A | 6 | 2 | 4 | B | 3 | 1 | 0 | 7 | 5 | D | E |
| 1 | 5 | 3 | 9 | 4 | D | 7 | 2 | E | C | B | A | 6 | 8 | 0 |

ଗତକାଲିର ଉତ୍ତର

# ଓଡ଼ିଶୀ ସଙ୍ଗୀତର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନ୍ୟତା



ପ୍ରଫେସର ଉଦୟନାଥ ସାହୁ

ଗତ ସେପ୍ଟେମ୍ବର ୨ ତାରିଖରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ନିମିତ୍ତ ଭାରତ ସରକାରଙ୍କୁ ଅନୁରୋଧ କରାଯିବାକୁ ଏକ ପ୍ରସ୍ତାବ କ୍ୟାବିନେଟ୍ ଅନୁମୋଦନ ଲାଭ କରିଛି। ଏହି ପାରମ୍ପରିକ ସଙ୍ଗୀତ ଶୈଳୀ ବହୁ ପୁରାତନ ଓ ଶାସ୍ତ୍ରାନୁମୋଦିତ। ୧୯୬୩ ମସିହାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତାପ୍ରାପ୍ତ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିନାହିଁ। ଏ ଦିଗରେ ଉଦ୍ୟମ ଜାରି ରହିଛି। ଭାରତ ସରକାରଙ୍କ ଦ୍ୱାରା ହିନ୍ଦୁସ୍ତାନୀ ସଙ୍ଗୀତ ଏବଂ କର୍ଣ୍ଣାଟକୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି। ଓଡ଼ିଶା ସରକାର ୨୦୦୮ରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦେଇଛନ୍ତି।

ଖ୍ରୀ.ପୂ. ଦ୍ୱିତୀୟ ଶତକରେ ମହାମେଘବାହନ ଖାରବେଳ ସଙ୍ଗୀତର ପୃଷ୍ଠପୋଷକତା କରିଥିବାର ହାତୀଗୁମ୍ଫା ଶିଳାଲେଖରୁ ଜଣାଯାଏ। ଏଥିରୁ ଅନୁମେୟ ଯେ ଖ୍ରୀଷ୍ଟାବ୍ଦ ପୂର୍ବରୁ ଉତ୍କଳରେ ସଙ୍ଗୀତ ଚର୍ଚ୍ଚା କରାଯାଉଥିଲା। ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର' ଅନୁସାରେ, ସଙ୍ଗୀତ ଚାରିଗୋଟି ଶ୍ରେଣୀରେ ବିଭକ୍ତ ହୋଇଥିଲା। ସେଗୁଡ଼ିକ ଯଥା- ଅବନ୍ତୀ, ଦାକ୍ଷିଣାତ୍ୟ, ପାଞ୍ଚାଳୀ ଓ ଉଡ୍ରମାଗଧୀ। ତେଣୁ 'ନାଟ୍ୟଶାସ୍ତ୍ର'ର ପ୍ରାଚୀନତାକୁ ଲକ୍ଷ୍ୟ କରି ଉତ୍କଳୀୟ ସଙ୍ଗୀତ ପରମ୍ପରାର ପ୍ରାଚୀନତା ବିଚାର କରାଯାଇପାରେ। ଅର୍ଥାତ୍ ଅଙ୍ଗ, ବଙ୍ଗ ଓ ଉଡ୍ର (ପ୍ରାଚୀନ ଓଡ଼ିଶା)ରେ ନୃତ୍ୟ ସଙ୍ଗୀତର ପ୍ରସାର ଘଟିଥିଲା।

ଖ୍ରୀଷ୍ଟୀୟ ଷଷ୍ଠରୁ ଏକାଦଶ ଶତାବ୍ଦୀ ମଧ୍ୟରେ ସ୍ଥାପିତ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ଓ ଶିଳା ଦେହରୁ ନୃତ୍ୟଗୀତର ପରମ୍ପରା ପ୍ରତିପାଦନ କରାଯାଇପାରେ। ଭୁବନେଶ୍ୱର ଲକ୍ଷ୍ମଣେଶ୍ୱର, ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର ମନ୍ଦିର ଗାତ୍ରରେ ନୃତ୍ୟରତା ରମଣୀର ଛବି ଫୁଟିଉଠେ। ଲିଙ୍ଗରାଜ ମନ୍ଦିର ଭିତରେ ଅପସରାମାନେ ନୃତ୍ୟ କରୁଥିବାର ଚିତ୍ର ପରିଦୃଷ୍ଟ ହୁଏ। କୋଣାର୍କ ମନ୍ଦିର ଦେହରେ ନୃତ୍ୟରତା ରମଣୀ ଓ ବାଦ୍ୟ-ବାଜଣାର ଛବି ନିହିତ। ମୁକ୍ତେଶ୍ୱର ମନ୍ଦିର ଓ ରାଜାରାଣୀ ମନ୍ଦିର ଗାତ୍ରରେ ଖୋଦିତ ଓଡ଼ିଶୀ ନୃତ୍ୟ ଭଙ୍ଗୀର ଲାସ୍ୟ ମୂର୍ତ୍ତିଗୁଡ଼ିକରେ ଓଡ଼ିଶାର ସ୍ୱତନ୍ତ୍ର ସଙ୍ଗୀତ ପଦ୍ଧତି ବିଦ୍ୟମାନ ଥିବାର ନିର୍ଦ୍ଦିଷ୍ଟ ପ୍ରମାଣ ମିଳେ। ଜଗନ୍ନାଥ ସେବାରେ ମଧ୍ୟ ଓଡ଼ିଶୀ ସଙ୍ଗୀତ ପରମ୍ପରା ପରିପୁଷ୍ଟି ଲାଭ କରିଛି। କାରଣ ଗୀତରୁ ବାଦ୍ୟ ଓ ଗୀତ ଏବଂ ବାଦ୍ୟରୁ ନୃତ୍ୟ ହୁଏ। 'ଗୀତଂ ବାଦ୍ୟଂ ତଥା ନୃତ୍ୟଂ ତ୍ରୟଂ ସଙ୍ଗୀତ ମୁଚ୍ୟତେ'- ଗୀତ, ବାଦ୍ୟ ଓ ନୃତ୍ୟକୁ ସଙ୍ଗୀତ କୁହାଯାଏ। ଏଥିରୁ ପ୍ରାଚୀନ ଓଡ଼ିଶାରେ ଯେଉଁ ସମୃଦ୍ଧ ସଙ୍ଗୀତର ଧାରା ପ୍ରବାହିତ ହେଉଥିଲା ତାହା ଜଣାଯାଏ।

'ସଙ୍ଗୀତ ରତ୍ନାକର' ସଙ୍ଗୀତ ଶାସ୍ତ୍ର ଆଲୋଚନାର ଏକ ବିରାଟ ଗ୍ରନ୍ଥ। ତାହାର ରଚୟିତା ନିଃଶଙ୍କ ଶାର୍ଙ୍ଗଦେବ ବିଜ୍ଞାନର ମହାପଣ୍ଡିତ, ନରସିଂହଦେବଙ୍କ ରାଜସଭାରେ ଥିଲେ ବୋଲି ପଣ୍ଡିତ ନୀଳକଣ୍ଠ ଦାଶ ମତ ଦିଅନ୍ତି। ଅନ୍ୟ ଯେଉଁ ସଙ୍ଗୀତ ଶାସ୍ତ୍ରଗୁଡ଼ିକ ପଞ୍ଚଦଶ ଶତାବ୍ଦୀବେଳକୁ ଭାରତରେ ପ୍ରଚଳିତ ଥିଲା। ସେଗୁଡ଼ିକ ଯଥା- ଦାମୋଦରଙ୍କ 'ସଙ୍ଗୀତ ଦର୍ପଣ'(୧୫ଶ ଶତାବ୍ଦୀ), ଶୁଭଙ୍କରଙ୍କ 'ସଙ୍ଗୀତ ଦର୍ପଣ'(୧୫ଶ ଶତାବ୍ଦୀ) ଏବଂ ନନ୍ଦିକେଶ୍ୱରଙ୍କ 'ଅଭିନୟ ଦର୍ପଣ' ପ୍ରଭୃତି। ତେବେ 'ନାଟ୍ୟଶାସ୍ତ୍ର'ର ପରବର୍ତ୍ତୀ କେତେକ ପ୍ରାମାଣିତ ସଙ୍ଗୀତ ଗ୍ରନ୍ଥମାନଙ୍କ ମଧ୍ୟରେ 'ସଙ୍ଗୀତ ରତ୍ନାକର'କୁ ପ୍ରାଧାନ୍ୟ ଦିଆଯାଏ। ଏତଦ୍‌ବ୍ୟତୀତ ପରବର୍ତ୍ତୀ ସମୟରେ କୃଷ୍ଣ ଦାସ ବଡ଼ଜେନାଙ୍କ 'ଗୀତ ପ୍ରକାଶ', ରାଜା ହରିଚନ୍ଦନଙ୍କ 'ସଙ୍ଗୀତ ମୁକ୍ତାବଳୀ', ହରିନାୟକଙ୍କ 'ସଙ୍ଗୀତ ସାର', ହଳଧର ମିଶ୍ରଙ୍କ 'ସଙ୍ଗୀତ କଳ୍ପଲତିକା', ଗଦାଧର ଦାସଙ୍କ 'ଗୀତ ପ୍ରକାଶ ବୋଲି', ଗଜପତି ନାରାୟଣ ଦେବଙ୍କ 'ସଙ୍ଗୀତ ନାରାୟଣ', ଯଦୁନାଥ ସିଂହଙ୍କ 'ଅଭିନୟ ଦର୍ପଣ ପ୍ରକାଶ' ପ୍ରଭୃତି ବହୁ ସଙ୍ଗୀତ ଗ୍ରନ୍ଥ ରଚିତ ହୋଇଛି।

ରାଗ ଓ ରାଗିଣୀ ଶବ୍ଦର ବହୁଳ ପ୍ରଚଳନ ସଙ୍ଗୀତ ଶାସ୍ତ୍ରରେ ଦେଖାଯାଏ। ରାଗ ହେଉଛି ମନୋରଞ୍ଜନକାରୀ ସ୍ୱର ବିଶେଷ। ସଂସ୍କୃତରେ ବୃତ୍ତ ଶବ୍ଦ ଯେଉଁ ବ୍ୟାପକ ଅର୍ଥରେ ବ୍ୟବହୃତ, ସେହି ଅର୍ଥରେ ରାଗ ଶବ୍ଦ ପ୍ରୟୋଗ କରାଯାଇଛି। ସଂସ୍କୃତ ସଙ୍ଗୀତ ଶାସ୍ତ୍ର ଦ୍ୱାରା ଓଡ଼ିଆ କବିମାନେ ବିଶେଷ ଭାବେ ପ୍ରଭାବିତ। ସେଥିରୁ ସେମାନେ ରାଗ ରାଗିଣୀର ନାମ ଗ୍ରହଣ କରି ଓଡ଼ିଆ ଛନ୍ଦଗୁଡ଼ିକର ନାମକରଣ କରିଥାନ୍ତି। ସଂସ୍କୃତ ସାହିତ୍ୟର ବୃତ୍ତ ବା ଛନ୍ଦ ଓ ଓଡ଼ିଆ ସାହିତ୍ୟର ରାଗ ଏକାର୍ଥ ବାଚକ। ପ୍ରାଚୀନ ସଙ୍ଗୀତ ଶାସ୍ତ୍ର ଯଦିଓ ସମସ୍ତ ରାଗ ରାଗିଣୀର ମୂଳ ତଥାପି ବିଭିନ୍ନ ଯୁଗରେ ଅନେକ ନୂତନ ରାଗର ଉତ୍ପତ୍ତି ହୋଇଅଛି। ମୁସଲମାନ ବାଦଶାହମାନଙ୍କ ଦରବାରରେ ହିନ୍ଦୁ-ସଙ୍ଗୀତ ଅନୁଶୀଳନ ହୋଇଥିବାରୁ ଆହୁରି କେତେଗୁଡ଼ିଏ ରାଗରାଗିଣୀର ସୃଷ୍ଟି ହୋଇଅଛି। ଦେଶର ନାମ ଅନୁସାରେ ମଧ୍ୟ ରାଗରାଗିଣୀର ସୃଷ୍ଟି ହୋଇଛି। ସେଗୁଡ଼ିକ ହେଉଛି- ବଙ୍ଗାଳୀ, ଗାନ୍ଧାରୀ, ଗୁର୍ଜରୀ, ସୈନ୍ଧବୀ, ଔଡ୍ରୀ, କଳିଙ୍ଗୀ, କାବେରୀ, ମାଳବ, ଗୋଡ଼ୀ, କାମୋଦୀ, ପାଞ୍ଚାଳୀ ଇତ୍ୟାଦି।

ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ମେଷ ଛନ୍ଦ ବିଚାରରେ ବୌଦ୍ଧଗାନ ଓ ଦୋହାର ଗୁରୁତ୍ୱ ଯଥେଷ୍ଟ। ସେଥିରେ ସନ୍ନିବେଶିତ ଗୀତଗୁଡ଼ିକ ଓଡ଼ିଆ ଭାଷାର ସଂପୂର୍ଣ୍ଣ ନିଦର୍ଶନ ନ ହେଲେ ମଧ୍ୟ କାହ୍ନୁପା, ଲୁଇପା, ଶବରୀପା, ବୀଣାପା ପ୍ରଭୃତିଙ୍କର ରଚନା ସେ ସମୟର ଓଡ଼ିଶାରେ ପ୍ରଚଳିତ ଭାଷାର ନିଦର୍ଶନ ବୋଲି ସ୍ପଷ୍ଟ ଜଣାଯାଉଛି। ସେଥିରେ ଗବଡ଼ା (ଗଉଡ଼ା), ଅରୁ, ଗୁଜ୍ଜରୀ, ପଟ୍ଟମଞ୍ଜରୀ, ଦେବକ୍ରୀ, ଦେଶାଖ, ଭୈରବୀ, କାମୋଦ, ଧନସୀ, ବରାଡ଼ୀ, ମଲ୍ଲାରୀ, ମାଳଶ୍ରୀ, କହ୍ନୁ ଗୁଜ୍ଜରୀ, ବଙ୍ଗଳା ରାଗର ଉଲ୍ଲେଖ କରାଯାଇଛି। ଏହି ରାଗଗୁଡ଼ିକ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ହୋଇଆସୁଛି।

ଦ୍ୱାଦଶ ଶତାବ୍ଦୀରେ ରଚିତ ଜୟଦେବଙ୍କ 'ଗୀତଗୋବିନ୍ଦ' କାବ୍ୟରେ ଓଡ଼ିଶାରେ ସଙ୍ଗୀତ ଚର୍ଚ୍ଚାର ଗଭୀରତା ଓ ଶାସ୍ତ୍ରଜ୍ଞାନର ବ୍ୟାପକତା ପ୍ରତିଫଳିତ। ଏଥିରେ ସର୍ବମୋଟ ୨୪ଗୋଟି ସଙ୍ଗୀତ ଅଛି ଏବଂ ବାରଗୋଟି ବିଭିନ୍ନ ରାଗର ପ୍ରୟୋଗ ହୋଇଛି।

ସାରଳା ମହାଭାରତରେ ବିଭିନ୍ନ ରାଗର ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ହେଉଛି- ଆଭିରୀ, କର୍ଣ୍ଣାଟୀ, କଲ୍ୟାଣୀ, କାଶୀ-କନଡ଼ା, କୌଶିକ, କେଦାର, ଗୁଜ୍ଜରୀ, ଗୁଜ୍ଜରୀମହ୍ଲାର, ଗୌରୀ, ମଣ୍ଡକେରୀ, ଚିନ୍ତାଦେଶାକ୍ଷ, ଚୋଖି, ତୋଡ଼ି, ନଟନାରାୟଣୀ, ନାଗବଲ୍ଲୀ, ପଞ୍ଚମବରାଡ଼ି, ଭୈରବୀ, ଭୂପାଳ,ମାଳବ, ମାଳଶ୍ରୀ, ମଙ୍ଗଳବରାଡ଼ି, ମହ୍ଲାର, ମଧୁକେରୀ, ଯାମଳାତୋଡ଼ି, ଲଳିତବସ' ଓ ହିନ୍ଦୋଳ।

ସାରଳ ଦାସଙ୍କ ମତରେ ସଙ୍ଗୀତ ବିଦ୍ୟା ଏକ ବେଦ ବିଶେଷ। କବି ଯେଉଁ ପାଞ୍ଚୋଟି ବେଦର ସୂଚନା ପ୍ରଦାନ କରିଛନ୍ତି, ସେଗୁଡ଼ିକ ହେଲା- ଆୟୁର୍ବେଦ, ଜ୍ୟୋତିର୍ବେଦ, ଧନୁର୍ବେଦ, ଶିଶୁବେଦ ଓ ଗାନ୍ଧର୍ବବେଦ। ଏହା ହିଁ ସଂସ୍କୃତରେ ପାଞ୍ଚ ଉପବେଦ ଭାବେ ପ୍ରସିଦ୍ଧ। ସାରଳା ଦାସ ତାଙ୍କ ମହାଭାରତର ବହୁ ସ୍ଥଳରେ 'ଭରହ' ଶବ୍ଦ ବ୍ୟବହାର କରିଛନ୍ତି।

ଏହି 'ଭରହ' ଶବ୍ଦ ସଙ୍ଗୀତ ବିଦ୍ୟାର ଅର୍ଥ ବହନ କରିଥାଏ। 'ଭରହ'ର ଅର୍ଥ ହେଉଛି ସଙ୍ଗୀତ ରସ। ଡକ୍ଟର ବଂଶୀଧର ମହାନ୍ତିଙ୍କ ମତରେ 'ଭରହ' ଶବ୍ଦଟି ଆଲୋଚନା କଲେ ଜଣା ପଡ଼େ ଯେ ଏହି ଶବ୍ଦଟି ଭରତ ଶବ୍ଦରୁ ଆସିଅଛି। ଭରତ ଏଠାରେ ସୂଚିତ କରେ ଭରତଙ୍କ 'ନାଟ୍ୟଶାସ୍ତ୍ର'। ଭରତ ଶବ୍ଦର ପ୍ରାକୃତ ରୂପ ହେଉଛି, ଭରହ ଯାହାର ଅର୍ଥ ପରିବର୍ତ୍ତନ ହୋଇ ନୃତ୍ୟ ଭଙ୍ଗୀ ଅର୍ଥରେ ବ୍ୟବହୃତ ହୋଇଛି। ସାରଳା ଦାସ ଭରତଙ୍କ 'ନାଟ୍ୟଶାସ୍ତ୍ର' ସମ୍ପର୍କରେ ଅବଗତ ଥିଲେ। ତେଣୁ ସେ ଭରହ ହରଷ ବୋଲି ଲେଖିଅଛନ୍ତି।

କବି ସଙ୍ଗୀତ ଗାନର ସପ୍ତସ୍ୱର ସହିତ ପରିଚିତ ଥିଲେ। ସପତସ୍ୱର (ସା,ରି, ଗ,ମ,ପ,ଧ,ନି,ସା)ରୁ ଜଣାଯାଏ ଯେ, କବି ସଙ୍ଗୀତ ଶାସ୍ତ୍ରର ସ୍ୱର ନିୟମ ସହ ମଧ୍ୟ ପରିଚିତ ଥିଲେ। ତାଙ୍କ ଗ୍ରନ୍ଥଗୁଡ଼ିକୁ ଏକ ଅନାଡ଼ମ୍ବର ଦାଣ୍ଡି ବୃତ୍ତରେ ଲେଖିଥିଲେ ହେଁ ତାଙ୍କର ଯେ ବିଭିନ୍ନ ସଙ୍ଗୀତ ଓ ଛନ୍ଦ ଶାସ୍ତ୍ରରେ ଅଭିଜ୍ଞତା ଥିଲା ତାହା ବିଭିନ୍ନ ଦୃଷ୍ଟାନ୍ତରୁ ଜଣାଯାଏ।

ତେବେ ଚର୍ଯ୍ୟାଗୀତିକା, ଗୀତଗୋବିନ୍ଦ, ସାରଳା ମହାଭାରତ ପରେ ରୀତି ଯୁଗରେ ଏହି ସଙ୍ଗୀତ ପ୍ରୟୋଗର ବହୁ ପରୀକ୍ଷା ନିରୀକ୍ଷା ହୋଇଅଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ମଧ୍ୟ ସଙ୍ଗୀତ ସମ୍ରାଟ ବୋଲି କୁହାଯାଏ। କାରଣ ଉପେନ୍ଦ୍ର ଭଞ୍ଜ ଓଡ଼ିଶାର ସଙ୍ଗୀତ ପରମ୍ପରାକୁ ସୁସମୃଦ୍ଧ କରିବା ସହିତ ଓଡ଼ିଶୀ ସଙ୍ଗୀତରେ ରସ, ମାଧୁର୍ଯ୍ୟ ଓ ଭାବଗାମ୍ଭୀର୍ଯ୍ୟର ମଧୁର ସମନ୍ୱୟ କରିଥିଲେ। ତାହାର ସାଙ୍ଗିତିକ ସାବଳୀଳତା ସର୍ବତ୍ର ପରିଦୃଷ୍ଟ। ତାଙ୍କ କାବ୍ୟଗୁଡ଼ିକରେ ବୃତ୍ତ, ଛାନ୍ଦ, ରାଗ-ରାଗିଣୀ, ସଙ୍ଗୀତ, କଳାକୁଶଳତା ପ୍ରଭୃତି ଦେଖିବାକୁ ମିଳିଥାଏ। ଶବ୍ଦ ଯୋଜନାର ଚମତ୍କାରିତା, ପଦାବଳୀର ମନୋହାରିତା, ଭାବ ବ୍ୟଞ୍ଜନର ଆକର୍ଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ସେହିପରି ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ, କବି ବନମାଳୀ ଦାସ ପ୍ରମୁଖଙ୍କର ସଙ୍ଗୀତ ଶାସ୍ତ୍ର ସମ୍ମତ ଛାନ୍ଦ, ବୃତ୍ତ, ସ୍ୱର, ତାଳ, ଲୟ, ଯତିପାତ ଇତ୍ୟାଦି ସମୃଦ୍ଧ ରଚନାଗୁଡ଼ିକ ଗାନପ୍ରଧାନ ହୋଇଅଛି। ଏହାଥିଲା ସାହିତ୍ୟ ଓ ସଙ୍ଗୀତ ମିଶ୍ରଣର ଯୁଗ। ଚମ୍ପୂରେ ରହିଛି ଶାସ୍ତ୍ରୀୟ ରୀତି। ସଙ୍ଗୀତ ଧର୍ମିତା ଓ ଭାଷା ଲାଲିତ୍ୟ ଏହାର ଅନ୍ୟତମ ଆକର୍ଷଣୀୟ ଦିଗ।

ବର୍ତ୍ତମାନ ବିଶୁଦ୍ଧ ରାଗ ସଙ୍ଗୀତକୁ 'ଶାସ୍ତ୍ରୀୟ ସଙ୍ଗୀତ' ବୋଲି କୁହାଯାଉଛି। ଓଡ଼ିଶାରେ ବହୁବିଧ ଶାସ୍ତ୍ରୀୟ ସଙ୍ଗୀତ ପ୍ରଚଳିତ ଥିଲେ ମଧ୍ୟ ନିଜସ୍ୱ ଶୈଳୀ ଦୃଷ୍ଟିରୁ 'ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ' ଅଧିକ ଲୋକପ୍ରିୟ। ଶାସ୍ତ୍ରଗତ ନିୟମ ଅନୁସାରେ ଯେଉଁ ସଙ୍ଗୀତ ପରିବେଷିତ ହୁଏ, ତାହା ଶାସ୍ତ୍ରୀୟ ସଙ୍ଗୀତ। ଏକ ନିର୍ଦ୍ଦିଷ୍ଟ ଅନୁଶାସନ ବା ଶୃଙ୍ଖଳା ମଧ୍ୟରେ, ନିର୍ଦ୍ଦିଷ୍ଟ ବିଧିବିଧାନ ସହିତ ଉତ୍କୃଷ୍ଟ ସାଙ୍ଗିତିକ କଳା କୌଶଳରେ ଏହା ପରିବେଷିତ ହୋଇଥାଏ। ଆମ ଓଡ଼ିଶୀ ସଙ୍ଗୀତ, ଏ ସମସ୍ତ ନୀତି, ନିୟମ, କ୍ରିୟା, ପ୍ରକ୍ରିୟା ସାହାଯ୍ୟରେ ପରିବେଷିତ ହେଉଥିବାରୁ ଏହା ଶାସ୍ତ୍ରୀୟ ସଙ୍ଗୀତ ଅଟେ। ଏହାକୁ ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଗଲେ ଏହାର ମାନ ଉଚ୍ଚ ହେବା ସହିତ ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ।

ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ,
ନୂଆଦିଲ୍ଲୀ, ମୋ: ୯୮୨୧୧୯୬୪୬୬

# ସୋସିଆଲ ମିଡିଆରେ ମୃତ୍ୟୁ



ଡ. କୁଳାଙ୍ଗାର

ସମସ୍ତଙ୍କ ପରି ମୋର ମଧ୍ୟ ଅନେକ ଶତ୍ରୁ ଅଛନ୍ତି ଏବଂ ସମସ୍ତଙ୍କ ପରି ମୁଁ ବି ଦିନେ ଇହଧାମ ତ୍ୟାଗ କରିବି! ସେଦିନ ମୋର ଶତ୍ରୁମାନେ ମଧ୍ୟ ମୋର ପ୍ରଶଂସା କରିବେ! ମୃତ୍ୟୁ ତ ଚିରସତ୍ୟ । ମୃତ୍ୟୁ ହେଉଛି ଏମିତି ଏକ ସତ୍ୟ, ଯାହାକୁ ମହାବଳୀ ମଧ୍ୟ ଭୟ କରେ ।

ଏବେ ବିଶିଷ୍ଟ, ବିଖ୍ୟାତ ଓ ବହୁଚର୍ଚ୍ଚିତ ବ୍ୟକ୍ତିମାନଙ୍କୁ ଦୁଇଦୁଇଥର ମରିବାକୁ ହେଉଛି। ଥରେ ସୋସିଆଲ ମିଡିଆରେ ଆଉ ତା' ପରେ ସତରେ। ଶୁକୁଶୁକୁ ହେଉଥିବା ବା ସଭ୍ୟ ସମାଚାରୀୟ ଭାଷାରେ ଗୁରୁତର ଅବସ୍ଥାରେ ଜୀବନ ସହ ସଂଘର୍ଷ କରୁଥିବା ବେଳେ, ସୋସିଆଲ ମିଡିଆରେ ତାଙ୍କୁ ଆଗୁଆ ମାରି ଦିଆଯାଉଛି। ସାଧାରଣ ନୁହେଁ, ବହୁ ଅସାଧାରଣ ଜନ ମଧ୍ୟ ବିଶିଷ୍ଟ ବ୍ୟକ୍ତିଙ୍କର ମୃତ୍ୟୁ ନ ହେଉଣୁ ସଫୋଟ ଶୋକବାର୍ତ୍ତା ସୋସିଆଲ ମିଡିଆରେ ଛାଡି ଦେଉଛନ୍ତି। ପରିସ୍ଥିତି ଏପରି ହେଲାଣି; ଲୋକେ ନିଜ ମୋବାଇଲ/କମ୍ପ୍ୟୁଟର ଆଦିରେ ଶୋକବାର୍ତ୍ତା ପାଇଁ ଫଟୋଫ୍ରେମ୍, ବାର୍ତ୍ତାର ଆଲେଖ୍ୟ ଫର୍ମାଟ ପ୍ରସ୍ତୁତ କରି ରଖିଛନ୍ତି। କେଉଁଠୁ କିଛି ସୁରାକ ପାଇବା ମାତ୍ରେ ସତମିଛ ନ ବାରି ମୁଁ ତାଙ୍କର ମୃତ୍ୟୁରେ ଗଭୀର ମର୍ମାହତ, ସିଏ ଭାରି ଭଲ ଥିଲେ, ଈଶ୍ୱର ତାଙ୍କ ପରିବାରକୁ ଶକ୍ତି ଦିଅନ୍ତୁ ଆଦି ପୋଷ୍ଟ କରି ଲାଇକ୍, କମେଣ୍ଟ, ଶେୟାର ସାଉଁଟିବାରେ ଲାଗି ପଡୁଛନ୍ତି।

ଏହାଦ୍ୱାରା ମୃତକଙ୍କ ପରିବାରର ଲାଭ ହେଉଥିବା ବେଳେ ବେସରକାରୀ ଡାକ୍ତରଖାନାଗୁଡ଼ିକ କ୍ଷତି ସହୁଛନ୍ତି। କଥା କ'ଣ କି ଜୀବିତ ବ୍ୟକ୍ତିର ଚିକିତ୍ସା ଅପେକ୍ଷା ମୃତ ବ୍ୟକ୍ତିଙ୍କର ଚିକିତ୍ସା କରିବାରେ ବହୁ ବଡବଡ ଡାକ୍ତରଖାନା ଖ୍ୟାତି ଓ ଅର୍ଥଅର୍ଜନ କରିଥାଆନ୍ତି। ଘର ଲୋକେ ଜାଣି ସାରିବେଣି ଆଉ ନୁହେଁ, ସୋସିଆଲ ମିଡିଆରେ ପ୍ରଚାର ହେବଣି କି ଅମୁକ ଆଉ ନାହାନ୍ତି। ହାସ୍‌ପାତାଳ ଅଧିକାରୀ କହୁଥିବେ; ଆଜ୍ଞାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଜୀବନରକ୍ଷାକାରୀ ବ୍ୟବସ୍ଥାରେ ତାଙ୍କୁ ରଖାଯିବା ସହିତ ଡାକ୍ତରମାନେ ଉଦ୍ୟମ ଜାରି ରଖିଛନ୍ତି।

ତେବେ ସୋସିଆଲ ମିଡିଆର ଚାପରେ ସେମାନେ ତାହାକୁ ଅସ୍ଥିର କରିବାକୁ ପଡେ। ଜୀବନ ରକ୍ଷାକାରୀ ବ୍ୟବସ୍ଥାଯନ୍ତ୍ରର ଭଡା ଆଦାୟକୁ କାଟଛାଣ୍ଟ କରିବାକୁ ପଡେ। ନିଜ ପର ସମସ୍ତେ ଦେଖିବାକୁ ଧାଆନ୍ତି । ଯଦି ବଞ୍ଚିଛନ୍ତି ଆମକୁ ଦେଖାଅ ବୋଲି ଦାବି କରନ୍ତି। ଶେଷରେ ହାସ୍ପାତାଳ କର୍ତ୍ତୃପକ୍ଷ ସତରେ ମଲେ ବୋଲି ଘୋଷଣା କରନ୍ତି।

ଅସମର୍ଥିତ ସୂତ୍ରରୁ ଜଣାପଡିଛି କି ସୋସିଆଲ ମିଡିଆରେ ଖୁସି ଖବର ଯେମିତି କି ଜନ୍ମଦିନ, ବିବାହ ବା ବିବାହବାର୍ଷିକ, ପୁରସ୍କାର ଲାଭ, ଚାକିରି, ପ୍ରେମଲାଭ, ବିଦେଶଯାତ୍ରା ଅବା ଗୃହ ପ୍ରବେଶ ଆଦି ସୁଖରେ ଯେତିକି ପ୍ରଶଂସାପୂର୍ଣ୍ଣ କମେଣ୍ଟ ଓ ପ୍ରଚାର ମିଳୁନାହିଁ ବରଂ ଦୁର୍ଘଟଣା, ମୃତ୍ୟୁ, ବିବାହ/ପ୍ରେମ ବିଚ୍ଛେଦ, ମାରପିଟ୍, ହଜାହଜି, ଚୋରି କିମ୍ବା ଲୁଟ୍ ଆଦିରେ ଅଧିକ କମେଣ୍ଟ ଓ ପ୍ରଚାର ମିଳୁଛି। ସୋସିଆଲ ମିଡିଆରେ ଲୋକେ ଚାହିଁ ବସିଛନ୍ତି କି କାହାର କେମିତି ଦୁଃଖ ପଡୁ ଏବଂ ଆମକୁ ତାଙ୍କ ଦୁଃଖରେ ସମଦୁଃଖୀ ହେବା ପାଇଁ ସୁଯୋଗ ମିଳୁ। ତେବେ କାହାର ମୃତ୍ୟୁରେ ଶୋକ ପ୍ରକାଶ କରିବା ପାଇଁ ଆଜିକାଲି ଯାଚ୍ଛାତା ପ୍ରତିଯୋଗିତା ହେଉଛି। ସୋସିଆଲ ମିଡିଆ, ୱେବ୍ ଚାନେଲ୍, ଖବରକାଗଜ ଆଦିରେ ଏମିତି ବାର୍ତ୍ତା ପ୍ରକାଶ ପାଇଁ ପ୍ରତିଯୋଗିତା।

ଅମୁକ କୁଖ୍ୟାତ ଲୋକଙ୍କ ମୃତ୍ୟୁରେ ସମୁକ ବିଖ୍ୟାତ ଲୋକଙ୍କ ଦୁଃଖ ପ୍ରକାଶର ବହୁ ଖବର ତ ଆପଣ ପଢିଥିବେ! ସେଇ ଖବରକୁ ପଢିପଢି ମୋର ଭାଆରି ଲୋଭ ହେଲା । କଥା କ'ଣ କି ସତରେ ନ ହେଲେ ବି ମୁଁ ମନେମନେ ଗୋଟେ ବଡ କବି । ମୋତେ ଏଠୁ ମାନପତ୍ର, ସେଠୁ ପାନପତ୍ର ପୁଣି କୋଉଠୁ ପ୍ରେମପତ୍ର ଆଦି ମିଳିଛି । ମୋର ପ୍ରଶଂସା କରି ଖବର ଗୋଟେ ଛାପିବା ପାଇଁ ଯେତେ ନେହୁରା ହେଲେ ମଧ୍ୟ କୌଣସି ସାମ୍ବାଦିକ ମାଗଣାରେ ଏମନ୍ତ ଖବରଟିଏ ଛାଡି ଦେଉନାହାନ୍ତି, ଯାହାକୁ ଆଖିରେ ଦେଖିବା ପାଇଁ ମୋର ମନ ବିକଳ। ଏମିତି ନିଜେ ନିଜ ବିଷୟରେ ଖବର ତିଆରି କରି ମୁଁ କେତେଥର ବାଣ୍ଟିଛି। ଏହାର ସୁଫଳ ତ କିଛି ମିଳିନାହିଁ ଓଲଟି କୁଫଳ ମିଳିଛି।

ଅତଏବ ମୃତ୍ୟୁ ହିଁ ଏକମାତ୍ର ବାଟ। ଯାହା ଜଣାପଡୁଛି, ମୋର ମୃତ୍ୟୁ ପରେ ଯାଇ ମନସ୍କାମନା ପୂରଣ ହୋଇପାରିବ । ଇହଧାମ ତ୍ୟାଗ କଲା ପରେ ଯାଇ ବିନା ଖର୍ଚ୍ଚରେ ସଫଟୋ ସାଫଲ୍ୟର ବିବରଣୀଯୁକ୍ତ ଖବର ପ୍ରକାଶ ପାଇବ ଏବଂ ଏ ବଜ୍ଜାତ ବିରୋଧୀ ମୋର ଶତ୍ରୁଗଣ ମଧ୍ୟ ମୋର ପ୍ରଶଂସା କରିବାକୁ ବାଧ୍ୟ ହେବେ। ଅବ୍ୟବସ୍ଥାକୁ, ଅଘଟଣକାରୀକୁ ବ୍ୟଙ୍ଗ କରୁଛି ବୋଲି ସାହିତ୍ୟ ଏକାଡେମୀ ମଧ୍ୟ ମୋତେ ପଚାରୁନାହିଁ। କିନ୍ତୁ ମୃତ୍ୟୁ ପରେ ପୁରସ୍କାର ଦେବା ମଧ୍ୟ ଆମ ସାହିତ୍ୟ ଏକାଡେମୀର ପ୍ରକୃତି। ତେଣୁ ସେ ପଟୁ ବି ଲାଭ।

ମୋ ମନକୁ ଆଉ ଅଟକେଇ ପାରିଲି ନାହିଁ । ଜିଇ ଥାଉଥାଉ ଯଦି ଦେଖି ପାରିଲିନି, ମଲା ପରେ ଅର୍ଜନ କରି ଆଉ କି ଲାଭ? ଜିଇବା ଅପେକ୍ଷା ମରିବାରେ ଯଦି ଲାଭ, ତେବେ ମରିଯିବା ହିଁ ଶ୍ରେୟସ୍କର ହେବ। ତେବେ ମରିବି କେମିତି? ଭାବିଲି ଆତ୍ମହତ୍ୟା କରିଦେବି! ଧେତ୍ ତେରିକା..। ନିକଟରେ ଘଟିଥିବା ଏମିତିଆ କେସ୍‌ରୁ ଅନୁମେୟ ସେଥିରେ ଆଶା ପୂରଣ ହେବନି। ସେମିତି ମଲେ, ମିଡିଆବାଲା ମୋତେ ହାଇଲାଇଟ୍ ନ କରି ଆତ୍ମହତ୍ୟାକୁ ଗଣ୍ଡି କରିବେ। ମୋର କୃତିତ୍ୱକୁ ଗୁଳିମାରି ମୋର ପ୍ରେମିକା କେତେଟା ଥିଲେ, ସେଥିରୁ କିଏ ମାନସିକ ବିକାରଗ୍ରସ୍ତ, କିଏ ନିଶାଖୋର, ଏସବୁ ବେଶି ଆଲୋଚନା ହେବ।

ତା' ଛଡା ଆତ୍ମହତ୍ୟା ବି ବଡ କଷ୍ଟକର ବ୍ୟାପାର । ତେଣୁ ମୁଁ ଅନ୍ୟ ଉପାୟ ଖୋଜିଲି । ବହୁ ବିଚାର ପରେ ନିଷ୍ପତ୍ତି ନେଲି କି ମୁଁ ପ୍ରଥମେ ଥରେ ମରିକି ଦେଖିବି । ଅର୍ଥାତ୍ ମୁଁ ଆଗ ସୋସିଆଲ ମିଡିଆରେ ମରିବି । ତା' ପରେ ଯଦି ଠିକ୍ ଲାଗିଲା ମରିବି ନ ହେଲେ ନାଇଁ । ସେୟା କଲି। ସୋସିଆଲ ମିଡିଆରେ ଏକ ଫୁଲ, ଧୂପ, ସିନ୍ଦୂର, ଚନ୍ଦନ ଫ୍ରେମଯୁକ୍ତ ଫଟୋ ସହିତ ସମାଚାର ଛାଡିଦେଲି; ବିଶିଷ୍ଟ ବ୍ୟଙ୍ଗକବିଙ୍କ ବିୟୋଗ। ଆହାଃ... ପୋଷ୍ଟଟା ଲାଇକ୍ କମେଣ୍ଟ ଶେୟାରର ରେକର୍ଡ ଭାଙ୍ଗିଦେଲା। ମୋର ଶତ୍ରୁମାନେ ମୋତେ କଇଁଆ କନାରେ ଟେକି ପ୍ରଶଂସା କଲେ । ମୋ ସାଥିରେ ଉଠିଥିବା ସେମାନଙ୍କର ଫଟୋମାନ ପୋଷ୍ଟ କରିବା ସହିତ ମୋ ହ୍ୱାଟ୍ସଆପ୍ ନମ୍ବରକୁ ମଧ୍ୟ ପ୍ରେରଣ କଲେ ।

ମୁଁ ତ ମଜା ଦେଖିବାକୁ ମୋବାଇଲ ଅଫ୍ କରିଦେଇଛି । ମାସ୍କ ପିନ୍ଧି ମୁଁ ନିଜର ପୁରୁଣା ବହି ସବୁ ଆଣିବା ପାଇଁ ପ୍ରେସରେ ପହଞ୍ଚିଲା ବେଳକୁ ଦେଖିଲି- ମୋତ ସ୍ମୃତି ଚାରଣଯୁକ୍ତ ସ୍ମରଣିକା ଛପେଇ କାର୍ଯ୍ୟ ଆରମ୍ଭ ହୋଇଗଲାଣି!

ନରସିଂହପୁର, କଟକ
ମୋ-୮୮୯୫୮୨୫୮୬୩

## ଏଇ ଭାରତରେ

ସରକାର ଚାଷୀମାନଙ୍କୁ ନୂଆ ପଦ୍ଧତିରେ ଚାଷ କରିବା ଲାଗି ବୁଝାଇବାରେ ସକ୍ଷମ ହୋଇପାରୁ ନ ଥିବାବେଳେ ମହାରାଷ୍ଟ୍ରର ଜଣେ ଚାଷୀ ତାହା କରିପାରିଛନ୍ତି। ମହାରାଷ୍ଟ୍ର ବିଡ୍ ଜିଲା ପରାଲି ବ୍ଲକ୍‌ର ଚାଷୀ ସନ୍ଦୀପ ଗିଟେ ଜୈବିକ ପଦ୍ଧତିରେ ଚାଷ କରିବା ସହ ଗାଁ ଓ ଆଖପାଖର ଚାଷୀମାନଙ୍କୁ ଏଥିପ୍ରତି ଆକୃଷ୍ଟ କରିପାରିଛନ୍ତି। ମରୁଡ଼ି ପ୍ରପୀଡ଼ିତ ମରାଠାୱାଡା ଅଞ୍ଚଳର ଏହି ଚାଷୀମାନେ ଏବେ ଗ୍ରୁପ୍ ଗଠନ କରି ଜୈବିକ ପଦ୍ଧତିରେ ପ୍ରଚୁର ଲାଭ ପାଉଛନ୍ତି। ସନ୍ଦୀପ ପ୍ରଥମେ ୧,୦୦୦ଟି ଅମୃତଭଣ୍ଡା ଗଛ ଲଗାଇ ୭ ମାସରେ ସେଥିରୁ ୩ ଲକ୍ଷ ରୋଜଗାର କରିବା ପରେ ୨ ଏକର ଚାଷ କରି ୨୦ ଟନ୍ ଅମୃତଭଣ୍ଡାରୁ ୧୧ ଲକ୍ଷ ଟଙ୍କା ପାଇଥିଲେ। ଏହାପରେ ଅନ୍ୟ ଚାଷୀମାନେ କିଭଳି ଲାଭ ପାଇବେ ସେଥିପାଇଁ ସନ୍ଦୀପ ପ୍ରଥମେ ୮ଜଣ ଚାଷୀଙ୍କୁ ନେଇ ଏକ ଗ୍ରୁପ୍ କରି ଚାଷ ଆରମ୍ଭ କରିଥିଲେ । ଏଥିରେ ଭଲ ଲାଭ ହେବା ପରେ ସେ ଗ୍ରୁପ୍‌ରେ ଚାଷୀମାନଙ୍କ ସଂଖ୍ୟା ବୃଦ୍ଧି କରିଥିଲେ। ଏବେ ତାଙ୍କ ଗ୍ରୁପରେ ୫୦ ଜଣ ଚାଷୀ ସାମିଲ ହୋଇଛନ୍ତି ଓ ସେମାନେ ୧୫୦ ଏକରରେ ଚାଷ କରୁଛନ୍ତି। ଏଥିରୁ ୪୦ ଏକରରେ ଅମୃତଭଣ୍ଡା ଏବଂ ଆଉ ସବୁ ଜମିରେ ତରଭୁଜ, ଆତ,ପିଜୁଳି, ଲେମ୍ବୁ ଆମ୍ବ ଚାଷ କରୁଛନ୍ତି। ଲାଭ ସେମାନଙ୍କ ମଧ୍ୟରେ ବାଣ୍ଟି ନେଉଛନ୍ତି।

## ଚିରନ୍ତନୀ

ବାତାୟନ ପଥେ ଉଡ଼ିଥିଲା ଚାରୁ
ପଣତ
ଦେଖି ତାହା
ପରମ ପୁଲକେ ଏ ପରାଣ ହେଲା
ଆନତ
ସେ କି ମାୟା! -(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶୁଭୁନାହିଁ କାଉଙ୍କ ରାବ

ମହାଶୟ,

ଯୁଗ ଯୁଗରୁ କାଉ ଓଡିଆଙ୍କ ଅନ୍ୟତମ ପ୍ରିୟ ପକ୍ଷୀ । ଉଠ ଉଠ ମଠ ନ କର ଆଉ ରାତି ପାହିଲାଣି ରାବଇ କାଉ ଓ କାଉ ଧାନ ଖାଇଲା ବୋଲି ମାଇଲୁ ମୋତେ... ଗୀତ ଚିରସବୁଜ । ଡେଉଛି ମୋ ବାଁ ଆଖି ଆଜି କିଏ ଆସିବକି ସକାଳୁ ସକାଳୁ କୁହ କିଆଁ କାଉ ରାବେ କା କା କା.. ଗୀତ ଓଡିଶା ମାଟି ପାଣି ପବନର କଥା କହେ । ପରିତାପର ବିଷୟ କାଉ ବଂଶ ଦ୍ରୁତଗତିରେ ଲୋପ ପାଇବାରେ ଲାଗିଛି । ଏବେ ଜନବସିତି ମୁହାଁ ନ ହୋଇ କାଉ ବଜାରମୁହାଁ । ମିଠା ଦୋକାନ ଓ ମାଛ ମାଂସ ପେଣ୍ଠସ୍ଥଳମାନଙ୍କରେ ଚଳପ୍ରଚଳ । ନାଳ ନର୍ଦ୍ଦମାରୁ ବିଷାକ୍ତ ପାଣି ପିଇବା ବ୍ୟତୀତ ବିଜୁଳି ଓ ତାରରେ ଲାଗି ଜୀବନ ହାରୁଛନ୍ତି । ସଭ୍ୟତାର ଅଗ୍ରଗତି ହେବା ସଙ୍ଗେ ସଙ୍ଗେ ରାତି ପାଇଲେ ଶୁଭୁଛି କ୍ଷୀର ବାଲା, ଖବରକାଗଜ ବାଲା, ମାଛ ବାଲା ଓ ପନିପରିବା ବାଲାଙ୍କ ଡାକ । ଅନେକଙ୍କ ପାଇଁ କାଉର ସ୍ଥାନ ନେଇଛି ମୋବାଇଲ ଫୋନ । ପରିବେଶ ସୁରକ୍ଷା ପାଇଁ କାଉ ସୁରକ୍ଷା ବିଷୟରେ ସମସ୍ତେ ଚିନ୍ତା କରିବା ଦରକାର ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ୟକ୍ତିଗତ ଡାଟା ସୁରକ୍ଷା ସପକ୍ଷରେ ଆର୍‌ବିଆଇ ଇଡି



**ମୁମ୍ବାଇ,୬।୧୦:** ବ୍ୟକ୍ତିଗତ ଡାଟା ସୁରକ୍ଷା ସପକ୍ଷରେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟି. ରବିଶଙ୍କର ନିଜର ମତ ରଖିଛନ୍ତି। ବ୍ୟକ୍ତିଗତ ଡାଟାର ସୁରକ୍ଷା ଲାଗି ଆଇନକୁ କଡ଼ାକଡ଼ି କରିବା ନେଇ ସେ ଜୋର ଦେଇଛନ୍ତି। ଏହା ହୋଇପାରିଲେ ପ୍ରିଭେସିକୁ ନିଶ୍ଚିତ କରାଯାଇପାରିବ। ପ୍ରିଭେସି ସମ୍ବିଧାନ ଅଧୀନରେ ରହିଥିବାରୁ ବ୍ୟକ୍ତିଗତ ଡାଟା ସୁରକ୍ଷା ଜରୁରୀ ବୋଲି ସେ କହିଛନ୍ତି। କୌଣସି ନିୟାମକ ଅଧୀନରେ ନ ଆଣି ଡାଟା ସୁରକ୍ଷାକୁ ଆଇନ ସମ୍ମତ କରିବା ଉପରେ ସେ ମତ ଦେଇଛନ୍ତି। ଆସନ୍ତା ବର୍ଷ ବଜେଟରେ ସରକାର ବ୍ୟକ୍ତିଗତ ଡାଟା ସୁରକ୍ଷା ବିଲ୍ ଆଣିବାକୁ ଯାଉଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଲୋକଙ୍କର ବ୍ୟକ୍ତିଗତ ଡାଟା ବିନା ଅନୁମତିରେ ବ୍ୟବହାର ହୋଇ ପାରିବ ନାହିଁ। ଡାଟା ସୁରକ୍ଷା କ୍ଷେତ୍ରରେ ରହିଥିବା ଚ୍ୟାଲେଞ୍ଜକୁ ବୁଝିବାକୁ ପଡିବ ବୋଲି ସେ ମତ ଦେଇଛନ୍ତି।

### ୟୁନିୟନ୍ ବ୍ୟାଙ୍କ ପକ୍ଷରୁ ଋଣ ମୁକ୍ତି ଶିବିର

**ଭୁବନେଶ୍ୱର,୬।୧୦:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଋଣ ମୁକ୍ତି ଶିବିର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଶିବିର ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଚାଲିବ। ଦେଶର ବିଭିନ୍ନ ସ୍ଥାନରେ ରହିଥିବା ବ୍ୟାଙ୍କର ସମସ୍ତ ଶାଖାରେ ଏହି ଶିବିର ଆୟୋଜନ କରାଯାଉଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଜରିଆରେ କ୍ଷୁଦ୍ର ଋଣଧାରୀଙ୍କଠାରୁ ଆରମ୍ଭକରି ୧୦କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ବ୍ୟକ୍ତିବିଶେଷ ସେମାନଙ୍କ ଅନାଦେୟ ଋଣ(ଏନ୍‌ପିଏ)କୁ ଏକକାଳୀନ ପରିଶୋଧ କରିବାକୁ ସୁଯୋଗ ପାଇବେ। କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ଅନ୍ତର୍ଗତ ସମସ୍ତ ଶାଖାରେ ଏହା ଆୟୋଜନ କରାଯାଉଛି। ଏହି ଶିବିର ମାଧମରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇ-କର୍ପୋରେଶନ ବ୍ୟାଙ୍କ ଏବଂ ଇ-ଆନ୍ଧ୍ର ବ୍ୟାଙ୍କର ଏନ୍‌ପିଏ ଋଣଗ୍ରହୀତାମାନେ ଏଥିରେ ଅଂଶ ଗ୍ରହଣକରି ଏହାର ସୁବିଧା ପାଇପାରିବେ। ଏ ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଋଣଗ୍ରହୀତାମାନେ ବ୍ୟାଙ୍କର ନିକଟସ୍ଥ ଶାଖା ସହ ଯୋଗାଯୋଗ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

# ଏମ୍‌ପିସିରେ ୩ ସଦସ୍ୟ ନିଯୁକ୍ତ

## ଶକ୍ତିକାନ୍ତଙ୍କ ଟିମ୍‌ରେ ଅସୀମା ଗୋୟଲ, ଜୟନ୍ତ ଆର୍ ବର୍ମା ଏବଂ ଶଶାଙ୍କ ଭିଡେ

**ନୂଆଦିଲ୍ଲୀ,୬।୧୦**

ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି(ଏମ୍‌ପିସି)ରେ ୩ ମନୋନୀତ ସଦସ୍ୟଙ୍କୁ ସରକାର ମଙ୍ଗଳବାର ନିଯୁକ୍ତ କରିଛନ୍ତି। ସେପ୍ଟେମ୍ବରରେ ପୂର୍ବରୁ କାର୍ଯ୍ୟ କରୁଥିବା ୩ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପଦବୀଗୁଡ଼ିକ ଖାଲି ପଡ଼ିଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ସରକାର ଏହି ସ୍ଥାନ ପୂରଣ କରିବାକୁ ସକ୍ଷମ ନ ହେବାରୁ ମୁଦ୍ରାନୀତି କମିଟି ବୈଠକ ହୋଇପାରି ନ ଥିଲା। ନିଯୁକ୍ତି ଲାଭ କରିଥିବା ୩ ସଦସ୍ୟଙ୍କ ମଧ୍ୟରେ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡେଭଲପମେଣ୍ଟ ରିସର୍ଚ୍ଚର ପ୍ରଫେସର ଅସୀମା ଗୋୟଲ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ଅହମ୍ମଦାବଦାର ପ୍ରଫେସର ଜୟନ୍ତ ଆର୍ ବର୍ମା ଏବଂ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଆପ୍ଲାଏଡ ଇକୋନୋମିକ୍ସ ରିସର୍ଚ୍ଚର ବରିଷ୍ଠ ପରାମର୍ଶଦାତା ଶଶାଙ୍କ ଭିଡେ ରହିଛନ୍ତି।



ଶଶାଙ୍କ ଭିଡେ | ଅସୀମା ଗୋୟଲ | ଜୟନ୍ତ ଆର୍ ବର୍ମା

ବର୍ତ୍ତମାନ ମୁଦ୍ରାନୀତି କମିଟିରେ ଗଭର୍ନର ଶକ୍ତିକାନ୍ତ ଦାସ, ଡେପୁଟି ଗଭର୍ନର ମାଇକେଲ ପାତ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମ୍ରିଦୁଲ ସାଗର କାର୍ଯ୍ୟ କରୁଥିବା ବେଳେ ନୂତନ ଭାବେ ନିଯୁକ୍ତ ୩ ସଦସ୍ୟ ସରକାରଙ୍କ ନୋମିନି ଭାବେ କାର୍ଯ୍ୟ କରିବେ। ପୂର୍ବରୁ ସରକାରଙ୍କ ମନୋନୀତ ୩ ସଦସ୍ୟ ରବୀନ୍ଦ୍ର ଢୋଲାକିଆ, ପମି ଦୁଆ ଏବଂ ଚେତନ ଘାଟେଙ୍କ କାର୍ଯ୍ୟକାଳ ସେପ୍ଟେମ୍ବରରେ ଶେଷରେ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ନିଯୁକ୍ତି ପାଇଥିବା ଗୋୟଲ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଅଛନ୍ତି। ପୂର୍ବରୁ ସେ ଆର୍‌ବିଆଇର ମୁଦ୍ରାନୀତି ପରାମର୍ଶଦାତା କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିଆସିଛନ୍ତି। ନୂଆ ନିଯୁକ୍ତି ପରେ ଅସୀମା ଗୋୟଲ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ସେ ଏଡେଲୱିସ ଫାଇନାନ୍ସିଆଲ ସର୍ଭିସ, ଆଇଡିବିଆଇ ବ୍ୟାଙ୍କ ଏବଂ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି। ସେହିଭଳି ବର୍ମା ଜଣେ ଫାଇନାନ୍ସିଆଲ ମାର୍କେଟର ଜଣେ ବିଶେଷଜ୍ଞ। ଆର୍ଥିକ କ୍ଷେତ୍ର ସଂସ୍କାର, ବ୍ୟାଙ୍କଗୁଡ଼ିକର କାର୍ଯ୍ୟଧାରା, ବିଦେଶୀ ମୁଦ୍ରା ପରିଚାଳନା ଏବଂ ସମସ୍ୟା ଭଳି କ୍ଷେତ୍ର ଗବେଷଣା କ୍ଷେତ୍ରରେ ତାଙ୍କର ବିଶେଷ ଯୋଗଦାନ ରହିଛି। ଏହାବାଦ କୃଷି ଏବଂ ମୁଦ୍ରାସ୍ଫୀତି କ୍ଷେତ୍ରରେ ସେ ଜଣେ ବିଶେଷଜ୍ଞ ଭାବେ ବେଶ୍ ଜଣାଶୁଣା। ଆର୍‌ବିଆଇ ଆଇନ ଅନୁସାରେ ଅର୍ଥନୀତି, ବ୍ୟାଙ୍କିଙ୍ଗ୍, ଫାଇନାନ୍ସ ଏବଂ ମୁଦ୍ରାନୀତି କ୍ଷେତ୍ରରେ ବିଶେଷ ଯୋଗଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ଏମ୍‌ପିସି ସଦସ୍ୟ ଭାବେ ନିଯୁକ୍ତ କରାଯାଇ ପାରିବ। ଏମ୍‌ପିସି ବୈଠକ ଚଳିତ ମାସ ୭ରୁ ୯ ଯାଏ ଅନୁଷ୍ଠିତ ହେବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଏମ୍ଏସ୍‌ପି ଜାରି ରହିବ

**ଚେନ୍ନାଇ,୬।୧୦**



କୃଷକଙ୍କ ଉତ୍ପାଦିତ ବିଭିନ୍ନ ଖାଦ୍ୟଶସ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଜାରି ରହିବ। ଏହା ବର୍ତ୍ତମାନ ପ୍ରଦାନ କରାଯାଉଥିବା ବେଳେ ଆଗକୁ ମଧ୍ୟ ପ୍ରଦାନ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ନୂଆ କରି ଆସିଥିବା କୃଷି ବିଲ୍‌କୁ ନେଇ ସେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଧାନ ଏବଂ ଗହମ ବ୍ୟତୀତ ଯେଉଁମାନେ ଅନ୍ୟ କୌଣସି ବର୍ଗରେ ଏମ୍ଏସ୍‌ପି ଦେଉ ନ ଥିଲେ ସେମାନେ ଆଜି ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। କେନ୍ଦ୍ର ସରକାର ଆଣିଥିବା ନୂଆ ଆଇନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିଚାର କରାଯାଇଛି। ଏହା ମଧ୍ୟରେ ଆନ୍ତଃ ରାଜ୍ୟ କୃଷି ବାଣିଜ୍ୟ ଉପରେ ମଧ୍ୟ ଧ୍ୟାନ ରଖାଯାଇଛି ବୋଲି ସେ ମତ ଦେଇଛନ୍ତି।

ସରକାର ଏମ୍ଏସ୍‌ପିକୁ ଉଚ୍ଛେଦ କରିନେବେ ବୋଲି କୃଷକଙ୍କ ମନରେ ଆଶଙ୍କା ଉପୁଜିଛି। ଏହାକୁ ନେଇ କୃଷକଙ୍କ ପକ୍ଷରୁ ପ୍ରତିବାଦ ଦେଖାଯାଉଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ ଏ ନେଇ ସରକାରଙ୍କୁ ଘେରିଥିବା ଦେଖାଯାଉଛି। ଏହାର ଉତ୍ତର ରଖି ସୀତାରାମନ କହିଛନ୍ତି, ବିରୋଧୀମାନେ ଯେଉଁଭଳି ଭାବେ ମିଥ୍ୟା ପ୍ରଚାର କରୁଛନ୍ତି ସେ ନେଇ କୌଣସି ବିଭ୍ରାନ୍ତ ହେବା ଆବଶ୍ୟକତା ନାହିଁ। ଏମ୍ଏସ୍‌ପି ଆଗକୁ ମଧ୍ୟ ଜାରି ରହିବ। ବର୍ତ୍ତମାନ ଏମ୍ଏସ୍‌ପି ପରିସରରେ ୨୦-୨୩ ଶସ୍ୟ ଆସୁଛି। ଯେଉଁମାନେ କେବଳ ଧାନ ଏବଂ ଗହମ ଉପରେ ଏମ୍ଏସ୍‌ପି ଦେଉଥିଲେ ସେମାନେ କୁମ୍ଭୀର କାନ୍ଦଣା କାନ୍ଦିବା ସହ ମିଥ୍ୟା ପ୍ରଚାର କରୁଛନ୍ତି ବୋଲି ସୀତାରାମନ ଟାର୍ଗେଟରେ ଉତ୍ତର ରଖିଛନ୍ତି। ଦେଶ ମଧ୍ୟରେ ୨୩ରୁ ୨୪ ଲକ୍ଷ ଟନ୍ ଡାଲି ଜାତୀୟ ସାମଗ୍ରୀ ଆବଶ୍ୟକ ପଡୁଛି। ୧୬ ଲକ୍ଷ ଟନ୍ ଉତ୍ପାଦନ ହେଉଥିବା ବେଳେ ବଳକା ଆମଦାନୀରୁ ପୂରଣ କରାଯାଉଛି। ଏଭଳି ସ୍ଥିତିକୁ ବିଚାରକରି ସରକାର ଅନ୍ୟ ଖାଦ୍ୟଶସ୍ୟକୁ ମଧ୍ୟ ଏମ୍ଏସ୍‌ପି ପରିସରଭୁକ୍ତ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

# ଦିନେଶ ଖାରା ଏସ୍‌ବିଆଇର ନୂଆ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୬।୧୦**

ଦିନେଶ କୁମାର ଖାରା ଏସ୍‌ବିଆଇର ନୂଆ ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହୋଇଛନ୍ତି। ବର୍ତ୍ତମାନର ଅଧ୍ୟକ୍ଷ ରଜନୀଶ କୁମାରଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଖାରାଙ୍କୁ ନୂଆ ଦାୟିତ୍ୱ ମିଳିଛି। ସେ ବର୍ତ୍ତମାନ ଏସ୍‌ବିଆଇରେ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ କାର୍ଯ୍ୟକରୁଛନ୍ତି। ତାଙ୍କୁ ଅକ୍ଟୋବର ୭ରୁ ଆଗାମୀ ୩ ବର୍ଷ ଯାଏ ନୂଆ ଦାୟିତ୍ୱରେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିଭଳି ଏସ୍‌ବିଆଇ ଏମ୍‌ଡି ପଦବୀ ଲାଗି ବ୍ୟାଙ୍କସ ବୋର୍ଡ ବ୍ୟୁରୋ ସ୍ୱାମୀନାଥନ ଜାନକୀରମନ ଏବଂ ଅଶ୍ୱିନୀ କୁମାର



ତିୱାରୀଙ୍କ ନାମକୁ ସୁପାରିସ କରିଛି। ଖାରା ବ୍ୟାଙ୍କର ଏମ୍‌ଡିଙ୍କ ମଧ୍ୟରେ ସବୁଠାରୁ ବରିଷ୍ଠ। ୧୯୮୪ରେ ସେ ଏସ୍‌ବିଆଇରେ ପ୍ରୋବେସନାରି ଅଧିକାରୀ ଭାବେ ଯୋଗଦେଇଥିଲେ। ସେ ବାଣିଜ୍ୟରେ ସ୍ନାତକ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ମ୍ୟାନେଜମେଣ୍ଟ ଡିଗ୍ରୀ ହାସଲ କରିଛନ୍ତି। ସେ ଦିଲ୍ଲୀ ଏବଂ ଭୋପାଳ ସର୍କଲରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରି ଆସିଛନ୍ତି। ଏସ୍‌ବିଆଇ ସହ ଏହାର ୫ ସହଯୋଗୀ ଏବଂ ଭାରତୀୟ ମହିଳା ବ୍ୟାଙ୍କ ମିଶ୍ରଣ କ୍ଷେତ୍ରରେ ତାଙ୍କର ବିଶେଷ ଯୋଗଦାନ ରହିଛି। ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ ଏବଂ ଏସ୍‌ବିଆଇ ଜେନେରାଲର ସେ ଏମ୍‌ଡି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ ବାଣିଜ୍ୟକୁ ନୂଆ ଦିଗନ୍ତ ଦେବାରେ ସେ ବେଶ୍ ଜଣାଶୁଣା। ୫୯ ବର୍ଷୀୟ ଖାରାଙ୍କୁ ୨୦୧୬ରେ ବ୍ୟାଙ୍କରେ ଏମ୍‌ଡି ଭାବେ ନିଯୁକ୍ତି କରାଯାଇଥିଲା।

## ରିଲାଏନ୍ସ ରିଟେଲରେ ଆଡିଆର ନିବେଶ

**ମୁମ୍ବାଇ,୬।୧୦:** ଆବୁଧାବି ଇନ୍‌ଭେଷ୍ଟମେଣ୍ଟ ଅଥରିଟି(ଆଡିଆ) ରିଲାଏନ୍ସ ରିଟେଲରେ ନିବେଶ ଲାଗି ଆଗେଇ ଆସିଛି। ଏହି କମ୍ପାନୀ ୫୫୧୩ କୋଟି ନିବେଶ କରିବ। ବର୍ତ୍ତମାନ ସୁଦ୍ଧା ରିଲାଏନ୍ସ ରିଟେଲରେ ୮ ନିବେଶ ଆସିଥିବା ବେଳେ ପ୍ରାୟ ୩୭ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ହୋଇଛି। ନୂଆ ନିବେଶ ଦ୍ୱାରା ଆଡିଆ ରିଲାଏନ୍ସ ରିଟେଲରେ ୧.୨୦% ଇକ୍ୱିଟି ଅଂଶଧନ ହାସଲ କରିବ। ଏହି ନିବେଶ ଭାରତର ନ୍ୟୁ କମର୍ସ ବିଜ୍‌ନେସ ମଡେଲକୁ ଆହୁରି ବିକଶିତ କରିବା ଦିଗରେ ସହାୟକ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି।

## ସାର୍ପର ପିସିଆଇ ଟେକ୍ନୋଲୋଜି ଏସି

**ନୂଆଦିଲ୍ଲୀ,୬।୧୦:** ସାର୍ପ ବ୍ରାଣ୍ଡ ପକ୍ଷରୁ ଭାରତ ବଜାରରେ ପିସିଆଇ (ପ୍ଲାଜ୍‌ମା କ୍ଲଷ୍ଟର ଆୟନ) ଟେକ୍ନୋଲୋଜି ଭିତ୍ତିକ ଏୟାର କଣ୍ଡିସନର ଉପଲବ୍ଧ କରାଯାଇଛି। କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବାରେ କମ୍ପାନୀର ଏହି ପ୍ରଡକ୍ଟ ସକ୍ଷମ ହେବ ବୋଲି ଏହା ସୂଚନା ଦେଇଛି। ପିସିଆଇ ଟେକ୍ନୋଲୋଜି କମ୍ପାନୀର ନିଜସ୍ୱ ପ୍ୟାଟେଣ୍ଟ। ପବନ ଦ୍ୱାରା ବ୍ୟାପୁଥିବା ବ୍ୟାକ୍ଟେରିଆ, ଭାଇରସ୍‌କୁ ଏହା ପ୍ରତିରୋଧ କରିବା ସହ ରୁମ୍‌କୁ ସୁରକ୍ଷା ପ୍ରଦାନ କରିଥାଏ। ପିସିଆଇ ଟେକ୍ନୋଲୋଜିକୁ ୩୦ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମଞ୍ଜୁରୀ ମିଳିଛି। ଏହା ମଧ୍ୟରେ ଆଇଆଇଟି ଦିଲ୍ଲୀ ମଧ୍ୟ ରହିଛି। ଜାପାନର ନାଗାସାକି ଏବଂ ସିମାନେ ବିଶ୍ୱବିଦ୍ୟାଳୟ ପ୍ରଫେସର ମଧ୍ୟ ଏହି ଟେକ୍ନୋଲୋଜିକୁ ଯାଞ୍ଚ କରିଛନ୍ତି। ୨୦୦୪ରେ ପ୍ରଥମ କରି ସାର୍ପ ଏଭଳି ଟେକ୍ନୋଲୋଜିକୁ ପରୀକ୍ଷଣ କରାଇଥିଲା। ପୂର୍ବରୁ ଭାଇରସ୍‌କୁ ପ୍ରତିରୋଧ କରିବାରେ ଏହି ଟେକ୍ନୋଲୋଜି ସକ୍ଷମ ହୋଇଛି। କୋଭିଡ୍ ୧୯ ବିରୋଧରେ ଏହା ପ୍ରତିରୋଧୀ ଭାବେ ମଧ୍ୟ କାର୍ଯ୍ୟ କରୁଥିବା ଦେଖାଯାଇଛି। ପିସିଆଇ ଟେକ୍ନୋଲୋଜି ବାଦ୍ ସାର୍ପର ଏସିଗୁଡ଼ିକ ଜେଟେକ ଇନ୍‌ଭର୍ଟର କମ୍ପ୍ରେସର, ସୁପର ଜେଟ ମୋଡ କ୍ଷମତା ସହ ଆସୁଛି।

# ହୋଣ୍ଡାର ସଡ଼କ ସୁରକ୍ଷା ସଚେତନତା

**ଭୁବନେଶ୍ୱର,୬।୧୦**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଓଡ଼ିଶାର ବିଭିନ୍ନ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ସହଯୋଗରେ ଯୁବପିଢ଼ିଙ୍କ ମଧ୍ୟରେ ଏକ ଭିନ୍ନ ଢଙ୍ଗର ସଚେତନତାର ବାର୍ତ୍ତା ବଣ୍ଟନ କରାଯାଇଛି। ହୋଣ୍ଡା ସଡ଼କ ସୁରକ୍ଷା ଇ-ଗୁରୁକୁଳର ୩ ମାସିଆ କାର୍ଯ୍ୟକ୍ରମ ଜୁଲାଇରୁ ଆରମ୍ଭ ହୋଇଥିଲା। କମ୍ପାନୀ ପକ୍ଷରୁ ଏହା ଏକ ସ୍ୱତନ୍ତ୍ର ଡିଜିଟାଲ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ। ଭୁବନେଶ୍ୱର, ବାଲେଶ୍ୱର, ବଡ଼ବିଲ, ମୟୂରଭଞ୍ଜ, ଢେଙ୍କାନାଳ, ବାରିପଦା, ଯାଜପୁର, କଟକ, ଶେରଗଡ, ଫୁଲବାଣୀ, ହିଞ୍ଜିଳିକାଟୁ, ନୟାଗଡ, ଛତ୍ରପୁର ଓ ରାୟଗଡ଼ା ଭଳି ୧୪ଟି ସହରରେ ଥିବା ୧୫ଟି ଆଇଟିଆଇରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବରିଷ୍ଠ ଉପସଭାପତି,ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ପ୍ରଭୁ ନାଗରାଜ କହିଛନ୍ତି, କୋଭିଡ୍-୧୯ର ନୂଆ ସ୍ୱାଭାବିକ ସମୟରେ ଏକ ଦାୟିତ୍ୱବାନ ଗାଡି ଚାଳକ ଓ ସଡ଼କ ବ୍ୟବହାରକାରୀ ଗଠନ କରିବା ହେଉଛି ମୂଳ ଉଦ୍ଦେଶ୍ୟ।

# ମୋଦିଙ୍କୁ ନୋବେଲ ବିଜେତାଙ୍କ ସମାଲୋଚନା

**କୋଲକାତା,୬।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୋବେଲ ବିଜେତା ୟୁଏସ୍ ଅର୍ଥନୀତିଜ୍ଞ ଜୋସେଫ୍ ଷ୍ଟିଗ୍‌ଲିଜ ସମାଲୋଚନା କରିଛନ୍ତି। କରୋନା ମହାମାରୀ ବିରୋଧରେ ଭାରତର ଲଢ଼େଇ ଅତି ନିକୃଷ୍ଟ ଧରଣର ବୋଲି ସେ ବିବେଚନା କରିଛନ୍ତି। ଫିକି ଇଷ୍ଟର୍ନ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଏକ ୱେବିନାରରେ ଷ୍ଟିଗ୍‌ଲିଜ କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତିକୁ ମଧ୍ୟ ସମାଲୋଚନା କରିଛନ୍ତି। ଧନୀଙ୍କ ଉପରେ ଟିକସ ଲାଗୁ କରିବା ସହ ନିମ୍ନ ସ୍ତରରେ ରହିଥିବା ଲୋକଙ୍କ ସହାୟତା ସପକ୍ଷରେ ସେ ଯୁକ୍ତି ବାଢ଼ିଛନ୍ତି। ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଆଣିବା ଲାଗି କେଉଁଭଳି ଦିଗକୁ ଧ୍ୟାନଦେବାକୁ ପଡିବ ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତର ରଖି ସେ କହିଛନ୍ତି ଯେ, ଭାରତରେ ଅତି

**ଭାରତର କରୋନା ଲଢ଼େଇ ନିକୃଷ୍ଟ: ଜୋସେଫ୍ ଷ୍ଟିଗ୍‌ଲିଜ**

ଧନୀଙ୍କ ସଂଖ୍ୟା ଉନ୍ନତ ରହିଛି। ଆଗାମୀ ୨ ବର୍ଷ ଯାଏ ସରକାର ସେମାନଙ୍କ ଉପରେ ଟିକସ ଲାଗୁ କରିପାରିବେ। ଅର୍ଥ ବ୍ୟବସ୍ଥାରେ ଚାହିଦା ବଢ଼ାଇବାରେ ସହାୟକ ହେଲା ଭଳି କ୍ଷେତ୍ରଗୁଡ଼ିକରେ ଏହି ଅର୍ଥକୁ ଖର୍ଚ୍ଚ କରାଯାଇପାରିବ। ସମାଜରେ ବସବାସ କରୁଥିବା ନିମ୍ନ ଆୟକାରୀ ବର୍ଗଙ୍କ



ନିକଟରେ ଖର୍ଚ୍ଚ କରିବାର ସମ୍ଭାବନା ଅଧିକ ରହିଥାଏ। ଏଣୁ ଏହି ବର୍ଗ ନିକଟକୁ ଅର୍ଥ ଆସିଲେ ଏହା ଅର୍ଥ ବ୍ୟବସ୍ଥାରେ ଚାହିଦା ବୃଦ୍ଧି ଦିଗରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିଭଳି ସେ ମୋଦିଙ୍କର ଆତ୍ମନିର୍ଭର ଭାରତ ସ୍ଲୋଗାନକୁ ମଧ୍ୟ ସମାଲୋଚନା କରିଛନ୍ତି। ସବୁ କ୍ଷେତ୍ରରେ କୌଣସି ଦେଶ ବର୍ତ୍ତମାନ ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ବିକଶିତ ଗଣତନ୍ତ୍ର ଥିବା ରାଷ୍ଟ୍ର ଯଥା ସୁଇଜରଲାଣ୍ଡ, ଜର୍ମାନୀ ଏବଂ ଦକ୍ଷିଣ କୋରିଆ କରୋନା ବିରୋଧରେ ଉନ୍ନତ ପରିଚାଳନା ବ୍ୟବସ୍ଥା ହାତକୁ ନେଇଛନ୍ତି। ସେହିଭଳି ଭାରତ, ବ୍ରାଜିଲ ଏବଂ ଆମେରିକାରେ ଚାଲୁଥିବା ମନମୁଖି ସରକାର ଯୋଗୁ କରୋନା ପରିଚାଳନାରେ ଅବ୍ୟବସ୍ଥା ଦେଖାଗଲା। ଏକ ବିଭାଜିତ ଘର କେବେ ବି ଦୃଢ଼ ଭାବେ ଛିଡ଼ା ହୋଇପାରିବ ନାହିଁ। ଏଣୁ ଏକ ଅଭିବୃଦ୍ଧି ପରିପନ୍ଥୀ ସମାଜ ଗଠନ ଦିଗରେ ସରକାର କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।

## ଜେଇଇ ଆଡଭାନ୍ସରେ ଫିଟ୍‌ଜି ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୬।୧୦:** ଚଳିତ ବର୍ଷର ଜେଇଇ ଆଡଭାନ୍ସ ଫଳାଫଳରେ ଫିଟ୍‌ଜି ଭୁବନେଶ୍ୱର-କଟକ ସେଣ୍ଟରର ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିଥିବା ସୂଚନା ମିଳିଛି। ସେଣ୍ଟରର ସୂଚନା ଅନୁସାରେ ସ୍ଥିତପ୍ରଜ୍ଞା ସାହୁ ୩୬୫, ସୌରଭ ସୌମ୍ୟକାନ୍ତ ଦାସ ୪୧୫, ଅଙ୍କିତ ଦେ ୫୩୨, ଆର୍ଯ୍ୟନ ଶତପଥୀ ୮୪୯, ଜ୍ୟୋତିରାଦିତ୍ୟ ମିଶ୍ର ୯୩୩ ଏବଂ ବିବେକ ଜୟସ୍ୱାଲ ୯୪୯ତମ ସ୍ଥାନ ହାସଲ କରିଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱର ଫିଟ୍‌ଜି ସେଣ୍ଟରର ମୁଖ୍ୟ ରାଣାଜୟ ବର୍ଦ୍ଧନ କହିଛନ୍ତି , ଆଇଆଇଟି-ଜେଇଇ ଆଦି ପରୀକ୍ଷାରେ ସଫଳ ବିଦ୍ୟାର୍ଥୀ ସୃଷ୍ଟି କରିପାରୁଥିବାରୁ ବେଶ୍ ଉତ୍ସାହ ଓ ଆନନ୍ଦିତ ଅଛୁ। ସେହିଭଳି ଫିଟ୍‌ଜି ଓଡ଼ିଶା ଅପରେଶନ ପ୍ରତିନିଧି ପି.କେ. ଦାସ କହିଥିଲେ, ଫିଟ୍‌ଜିରେ ଆଗ୍ରହୀ ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦ୍ୱାରା ଜେଇଇ ଭଳି ପରୀକ୍ଷାରେ ଭଲ ସ୍ଥାନ ହାସଲ କରିବା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

### କାନାରା ବ୍ୟାଙ୍କ ପକ୍ଷରୁ ସହାୟତା

ଭୁବନେଶ୍ୱର,୬।୧୦: କାନାରା ବ୍ୟାଙ୍କର ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଖୋର୍ଦ୍ଧା,ଗଙ୍ଗପଡ଼ାସ୍ଥିତ ଗରିବ କଲ୍ୟାଣ ସଂସ୍ଥା ଆସିୟା ମିଶନକୁ ୧୫ଟି ବେଡ୍ ଏବଂ ଆଲମିରା ପ୍ରଦାନ କରାଯାଇଛି। ଏହି ଉଲ୍ଲେଖନୀୟ କାର୍ଯ୍ୟ ବ୍ୟାଙ୍କର ମହାପ୍ରବନ୍ଧକ ତଥା ସର୍କଲ ମୁଖ୍ୟ ବି.ଏଲ୍. ମୀନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

OFFICE OF THE
ANGUL MUNICIPALITY, ANGUL
EXPRESSION OF INTEREST

Expression of Interest in sealed covers are invited from the intending Architect/Consultancy farms for preparation of DPR for Construction of Model Crematorium under Angul Municipality. The last date & time of receipt of EOI document is 13.10.2020 upto 11.00 A.M. and the same will be opened on the same day i.e. on Dt.13.10.2020, 12.00 Noon in presence of participant or their representatives. They are requested to quote the consultancy fees on percentage basis of the project cost. They are required to submit the copy of registration certificate, GST, PAN, Aadhaar and past experience along with EOI. Successful bidders have to submit the DPR within 15 days from the date of execution of agreement. Payment will be made in phased manner after completion of technical sanction and administrative approval from competent authority.
The authority reserves the right to reject any or all the EOI without assigning any reason thereof.

Sd./- Executive Officer
Angul Municipality

GOVERNMENT OF ORISSA No. O-431
OFFICE OF THE EXECUTIVE ENGINEER, RURAL WORKS DIVISION, KARANJIA (MAYURBHANJ)
E-mail ID: eerwkaranjia@yahoo.com
Letter No. 4935 Date: 30.09.20
National Competitive Bidding through "e" Procurement Notice for Road Works
Bid Identification No. RWDKNJ-06/2020-21

1. Name of the Work : Road Wroks (As per Annexure)
2. Estimated Cost : Rs.4.47 to Rs.35.61 lakhs (Approxmiately) (As per Annexure)
3. Class of Contractor (Eligible) : 'D', 'C' & 'B' Class, (Of Odisha P.W.D.) or relevant Class of other licensing authority
4. Period of Completion : 2 (Two) & 1 (One) Calendar months (As per Annexure)
5. Tender Paper Cost : Rs.2000/- to Rs.6000/- (As per Annexure)

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of Tender O/o. E.E., R.W. Division, Karanjia |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | RWDKNJ-06/2020-21 | 14.10.20 at 11.00 A.M. | 28.10.20 upto 5.00 P.M. | 27.10.20 upto 1.00 P.M. | 02.11.20 at 11.30 A.M. |

Further details can be seen from the website www.tendersorissa.gov.in.
Sd./- Executive Engineer, R.W. Division, Karanjia
OIPR-25086/11/0005/2021

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o . GENERAL MANAGER (Elect.) EHT O&M CIRCLE,JAJPUR ROAD
CIN: U40102OR2004SGC007553
No. CAD-538 e- TENDER NOTICE NO- 01/2020-21
Sealed Tenders are invited from registered experienced contractors/Agencies in single part bidding system for " AMC OF CLEANING,UP-KEEPING & SANITATION OF ALL GRID SUB-STATIONS & OFFICES UNDER EHT (O&M) CIRCLE,JAJPUR ROAD".
Cost of the tender paper: Rs.13,440/- (including 12% GST)
EMD : Rs.56,000/-
Sale of Tender :08.10.2020 (10:00 hrs) to 09.11.2020 (Up to 16:30 hrs)
Last date of submission: 09.11.2020 (Up to 17:00 hrs)
Tender opening: 10.11.2020 at 15:00 hrs
For more details /corrigendum please visit : www.optcl.co.in and www.tenderwizard.com/optcl
Sd/-
General Manager (Elect.)
FIPR-3/2020-21 OIPR-04011/11/0007/2021

GOVERNMENT OF ODISHA No. O-436
OFFICE OF THE EXECUTIVE ENGINEER
RURAL WORKS DIVISION, KORAPUT
Email : eerwkoraput@yahoo.com, Phone: 06852-251263
e-Procurement for Road and Building works
Bid Identification No: EERWKPT – Online -05/2020-21
Letter No. 3686 Date: 01.10.2020
01. Name of the work : Road works in the Dist. of Koraput for the year 2020-21.
02. Total Number of works : 02 Nos.
03. Approximate Estimated cost : Rs. 28.00 lakhs to Rs. 64.00 lakhs (Approximately)
04. Class of Contractor : "C", "B" & "A" Class
05. Period of Completion : 4 (Four) & 9 (Nine) Calendar months
06. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W. Division, Koraput. | Online Tender/05/RWD-KPT/2020-21 | 07.10.2020 at 11.00 A.M. | 13.10.2020 upto 5.00 P.M. |

Further details can be seen from the website www.tendersodisha.gov.in/nicgep/app
1. All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
2. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on Works Contract shall be paid over the bill amount at the time of payment of bill.
*N.B.: Any Corrigendum or Addendum will be available in the Website only.
Sd./- Executive Engineer, Rural Works Division, Koraput
OIPR-25088/11/0005/2021

OFFICE OF THE DISTRICT SOCIAL WELFARE OFFICER, SUBARNAPUR
Notice No. 2442 Date: 01.10.2020
TENDER CALL NOTICE
Sealed tenders in the prescribed format are invited from the intending Individual/Firms for supply of "OFFICE FURNITURE UNDER MISSION SHAKTI" to all the ICDS Projects. The tender shall be received by the DSWO, Subarnapur till 5.00 P.M. of 21st October, 2020 and will be opened on Dt.22.10.2020 at 3.00 P.M. The details of tender papers along with the terms and conditions, earnest money deposit etc. can be downloaded from the website http://www.subarnapur.nic.in. EOI in the prescribed format are invited from the intending WSHGs for "Agricultural processing units & value addition units". The details of EOI can be downloaded from the website http://www.subarnapur.nic.in and apply to the concerned CDPO.
Sd./- 01.10.20, DSWO, Subarnapur

OFFICE OF THE No. b-13
CHIEF ENGINEER, NATIONAL HIGHWAYS, ODISHA
Sachivalaya Marga, Unit - 4, Bhubaneswar - 751001
Phone No. 2391519/2391677, E-mail: cenhorissa@gmail.com
NOTICE INVITING EOI
No. WB-I-Misc-HR-KP-6-19/8709 Date: 05.10.2020
1. The Chief Engineer, National Highways, Odisha, Bhubaneswar invites Expression of Interest (EOI) Online for empanelment of consultants as detailed in the table below.

| Sl. No. | Name of Work | Eligibility Criteria | Duration of Contract |
|---|---|---|---|
| 1 | 2 | 3 | 4 |
| 01 | Shortlisting of Consultants to provide Key personnel to assist Departmental Authority's Engineer for Supervision of EPC projects in NH, PWD, Odisha | As per EOI Document | Three years |

2. EOI documents with detailed terms and conditions will be available online on e-tendering portal www.tendersodisha.gov.in from 16.10.2020 to 09.11.2020 (upto 17.00 hrs IST). EOI must be submitted online only at e-tendering portal www.tendersodisha.gov.in by due date i.e. on or before 09.11.2020 (upto 17.00 hrs IST) and EOI received online will be opened on 10.11.2020 at 03.30 hrs. IST.
3. Subsequent corrigendum/addendum if required shall only be available in website www.tendersodisha.gov.in.
4. The authority reserves the right to cancel any or all bid without assigning any reason.
Chief Engineer, N.HS, Odisha
OIPR-34044/11/0002/2021

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଅକ୍ଟୋବର, ୨୦୨୦



## ଟ୍ରାକ୍ଟର ଧକ୍କାରେ ଶିଶୁପୁତ୍ର ମୃତ

**କୋଣାର୍କ,(ଡି.ଏନ୍.ଏ.):** କୋଣାର୍କ ଏନଏସି ଅନ୍ତର୍ଗତ ୮ନମ୍ବର ୱାର୍ଡ ନୋଳିଆ ସାହିରେ ମଙ୍ଗଳବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ଏ ନେଇ କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ଟ୍ରାକ୍ଟରକୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ନୋଳିଆ ସାହିର ପିକେ ତାତାଜିଙ୍କ ୧୧ମାସର ପୁଅକୁ ମା ଘର ବାହାରେ ଖୁଆଇବା ସମୟରେ ଟ୍ରାକ୍ଟର ଘର ଦୁଆର ମୁହଁ ଖୁଣ୍ଟକୁ ଧକ୍କା ଦେଇଥିଲା। ସେଠାରେ ଥିବା ଶିଶୁଟି ଆହତ ହୋଇଥିଲା। ପରିବାରଲୋକେ ଶିଶୁକୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ।

# ସାଇବର ଠକଙ୍କ ଶିକାର ହେଲେ ସ୍ୱତନ୍ତ୍ର ସଚିବ

**ଭୁବନେଶ୍ୱର, ୬।୧୦ (ବ୍ୟୁରୋ)**

- ଓଏଲ୍ଏକ୍ସରେ ଡାଇନିଂ ଟେବୁଲ ବିକ୍ରି ପାଇଁ ବିଜ୍ଞାପନ ଦେଇଥିଲେ
- କ୍ୟୁଆର୍ କୋଡ୍ ସ୍କାନିଂ ପରେ ଆକାଉଣ୍ଟରୁ କଟିଗଲା ୫୦ ହଜାର

ରାଜ୍ୟରେ ଏବେ ସାଇବର ଠକଙ୍କ କାରନାମା ବଢିବାରେ ଲାଗିଛି। ସାଧାରଣ ଲୋକଙ୍କ ସମେତ ଏମାନେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କଲେଣି। ଦୁଇଦିନ ତଳେ ସାଇବର ଠକଙ୍କ ଶିକାର ହୋଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଅଜିତ କୁମାର ମହାନ୍ତି। ସେ ତାଙ୍କର ଡାଇନିଂ ଟେବୁଲ ବିକ୍ରି ପାଇଁ ବିଜ୍ଞାପନ ଦେଇଥିଲେ। ଏହାପରେ ସାଇବର ଠକ ତାଙ୍କ ନିକଟକୁ ଏକ କ୍ୟୁଆର୍ କୋଡ୍ ପଠାଇଥିଲେ। ଏହାକୁ ସ୍କାନ୍ କରିବା ପରେ ଅଜିତଙ୍କ ପୁଅ ଅମ୍ବିକା ଆଶୀର୍ବାଦ ମହାନ୍ତିଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା କଟିଯାଇଛି। ଏ ନେଇ ଅମ୍ବିକା ସୋମବାର ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ସ୍ୱତନ୍ତ୍ର ସଚିବ ମହାନ୍ତି ମୈତ୍ରୀବିହାର ଅଞ୍ଚଳରେ ପରିବାର ସହ ରୁହନ୍ତି। ଗତ ସପ୍ତାହରେ ସେ ଘରର ପୁରୁଣା ଡାଇନିଂ ଟେବୁଲ ୧୨ ହଜାର ଟଙ୍କାରେ ବିକ୍ରି କରିବା ପାଇଁ ଓଏଲ୍ଏକ୍ସରେ ଏକ ବିଜ୍ଞାପନ ଦେଇଥିଲେ। ସାଇବର ଠକ ଏହି ବିଜ୍ଞାପନ ଦେଖିବା ପରେ ଅଜିତଙ୍କୁ ଫୋନ୍ କରି ଡାଇନିଂ ଟେବୁଲ କିଣିବାକୁ ରାଜିଥିବା କହିଥିଲେ। ଏପରି କି ଅନ୍‌ଲାଇନ୍‌ରେ ଟଙ୍କା ପଠାଇବେ ବୋଲି କହି ଏକ କ୍ୟୁଆର୍ କୋଡ୍ ଦେଇଥିଲେ। ତାହାକୁ ସ୍କାନ୍ କଲେ ଅଜିତଙ୍କ ଆକାଉଣ୍ଟରୁ ପ୍ରଥମେ ୧୨ହଜାର ଟଙ୍କା କଟିଯିବ, କିନ୍ତୁ ପରେ ଆଉ ଗୋଟେ କ୍ୟୁଆର୍ କୋଡ୍ ସ୍କାନ୍ କଲେ ୨୪ ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଚାଲିଯିବ ବୋଲି ସାଇବର ଠକ କହିଥିଲେ। ଏହାପରେ ଅଜିତ ତାଙ୍କ ପୁଅ ଅମ୍ବିକାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଠକ ପ୍ରଥମେ ୨ ଟଙ୍କାର କ୍ୟୁଆର୍ କୋଡ୍ ପଠାଇ ଏହାକୁ ସ୍କାନ୍ କଲେ ୪ ଟଙ୍କା ଆସିଯିବ ବୋଲି କହିଥିଲେ। ଅମ୍ବିକାଙ୍କ ନିକଟକୁ ଏହି କୋଡ୍ ଆସିବା ପରେ ସେ ତାକୁ ସ୍କାନ କରିଥିଲେ। ତାଙ୍କ ଆକାଉଣ୍ଟକୁ ୪ଟଙ୍କା ଆସିବାରୁ ତାଙ୍କର ବିଶ୍ୱାସ ହୋଇଥିଲା। ତେଣୁ ଠକ ଆଉ ଏକ କ୍ୟୁଆର କୋଡ୍ ପଠାଇଥିଲେ। ଏହାକୁ ଅମ୍ବିକା ସ୍କାନ କରିବା ପରେ ତାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା କଟିଯାଇଥିଲା। ଅମ୍ବିକା ଉକ୍ତ ଠକଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ପୋଲିସ, ଡାକ୍ତର ମଧ୍ୟ ସାଇବର ଠକଙ୍କ ଜାଲରେ ଫସି ଲକ୍ଷାଧିକ ଟଙ୍କା ହରେଇଛନ୍ତି। ହେଲେ ଓଡ଼ିଶା ପୋଲିସ କିମ୍ବା କ୍ରାଇମ୍‌ବ୍ରାଞ୍ଚ ଏ ଦିଗରେ ଦୃଢ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

## ସଂକ୍ଷେପରେ

### ୩୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ: ୨ଗିରଫ

**ଭୁବନେଶ୍ୱର, ୬।୧୦(ବ୍ୟୁରୋ):** ଖଣ୍ଡଗିରି ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର କ୍ୟୁଏଟି ଓ ପୋଲିସ ଟିମ୍ ମିଳିତ ଭାବେ ଗିରଫ କରିଛନ୍ତି। ସେମାନେ ହେଲେ କଟକ ଟାଙ୍ଗୀ ଥାନା ଅନ୍ତର୍ଗତ ଭଗବତପୁର ଅଞ୍ଚଳର ଜିତେନ୍ଦ୍ର ବେଜ ଏବଂ କୋରାପୁଟ ଜିଲା ସେମିଳିଗୁଆ ଥାନା ଅଧୀନ ତଳସାହି ଅଞ୍ଚଳର କେ. ମନୋଜ। ଏମାନଙ୍କ ଠାରୁ ୩୦ କେଜି ୪୦୦ ଗ୍ରାମ ଗଞ୍ଜେଇ, ୧୫ଶହ ଟଙ୍କା, ୨ ମୋବାଇଲ ଫୋନ ଓ ଏକ ବାଇକ୍ ଜବତ ହୋଇଛି। ଖଣ୍ଡଗିରି ଥାନା ବରମୁଣ୍ଡା ଦୁର୍ଗାମଣ୍ଡପ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ନେଇ କ୍ୟୁଏଟି ଖବରପାଇଥିଲା। ପରେ କ୍ୟୁଏଟି ଓ ଖଣ୍ଡଗିରି ପୋଲିସ ଟିମ୍ ସେଠାରେ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏ ନେଇ ମାମଲା (ନଂ. ୬୦୭/୨୦) ରୁଜୁ ହୋଇଛି।

### ମନ୍ତ୍ରୀ, ବିଧାୟକଙ୍କ କୋଭିଡ୍ ଆଇନ ଉଲ୍ଲଂଘନ ପ୍ରସଙ୍ଗ ପ୍ରମାଣ ସହ ଏସ୍‌ପିଙ୍କୁ ଫେରାଦ ହେଲା ଶ୍ରୀଜଗନ୍ନାଥ ସେନା

**ପୁରୀ ଅଫିସ, ୬।୧୦:** ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କୋଭିଡ୍ ଆଇନ ଉଲ୍ଲଂଘନ କରିଥିବା ନେଇ ରବିବାର ସମୁଦ୍ରକୂଳ ଥାନାରେ ଏତଲା ଦିଆଯାଇଥିଲା। ଏହି ଦୁଇ ଜନପ୍ରତିନିଧି କରୋନା ପଜିଟିଭ ଚିହ୍ନଟ ହୋଇଥିଲେ ହେଁ ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଏହାଦ୍ୱାରା ଉଭୟେ କୋଭିଡ୍ ଆଇନ ଉଲ୍ଲଂଘନ କରିଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନା ଏବଂ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଥିଲା। ମାତ୍ର ମନ୍ତ୍ରୀ ଦାଶ କୌଣସି ପ୍ରକାର କୋଭିଡ୍ ଆଇନ ଉଲ୍ଲଂଘନ କରିନାହାନ୍ତି ବୋଲି ପ୍ରତିକ୍ରିୟା ରଖିବା ପରେ ମଙ୍ଗଳବାର ଶ୍ରୀଜଗନ୍ନାଥ ସେନା ପ୍ରମାଣ ସହ ଏସ୍‌ପିଙ୍କୁ ଫେରାଦ ହୋଇଛି। ସେନା ପକ୍ଷରୁ ବିଧାନସଭାରେ ଗତ ୨୭ତାରିଖରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ପରୀକ୍ଷା ରିପୋର୍ଟ, ମହାରଥୀଙ୍କ ଶେଷକୃତ୍ୟରେ ମନ୍ତ୍ରୀ ଦାଶ ଓ ବିଧାୟକ ସାମନ୍ତରାୟ ସାମିଲ ଥିବା ଫଟୋଚିତ୍ର ଆଦି ପ୍ରମାଣ ଦାଖଲ କରାଯାଇଛି। ମନ୍ତ୍ରୀ ଦାଶ ଯାହା ସଫେଇ ଦେଇଛନ୍ତି ତାହା ସତ୍ୟ ନୁହେଁ। ତେଣୁ ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ସମୁଦ୍ରକୂଳ ଥାନାରେ ଅଭିଯୋଗ ପରେ ପୋଲିସ କେବଳ ଏକ ଷ୍ଟେଶନ ଡାଇରୀ କରି ଚୁପ୍ ରହିଥିବାରୁ ସେନା ସଦସ୍ୟମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ।

### ଆନ୍ଦୋଳନ ଚେତାବନୀ ଦେଲେ ଛାତ୍ର ସଙ୍ଗଠନ

**ଭୁବନେଶ୍ୱର, ୬।୧୦(ବ୍ୟୁରୋ):** ବହୁ ବିରୋଧ ସତ୍ତ୍ୱେ ମଙ୍ଗଳବାର ବିଧାନସଭାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦ ପାରିତ ହୋଇଛି। ବିଭିନ୍ନ ଛାତ୍ର ସଂଘ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଏହାର ନିନ୍ଦା କରାଯାଇଛି। ଆଗାମୀ ଦିନରେ ଛାତ୍ର ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ କୁହାଯାଇଛି ଯେ, ଏହି ନିୟମ ଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ଓ ସ୍ୱତନ୍ତ୍ରତା କ୍ଷୁଣ୍ଣ ହେବାକୁ ଯାଉଛି। ଛାତ୍ରୀଛାତ୍ରଙ୍କ ସ୍ୱରକୁ ଚାପିଦେବା ପାଇଁ ସରକାର ଯେଉଁ ଅପଚେଷ୍ଟା କରିଛନ୍ତି ତାହା ମହୁଫେଣାରେ ହାତ ମାରିବା ସହ ସମାନ ହେବ ବୋଲି ଏବିଭିପିର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର କହିଛନ୍ତି। ଏହା ବିରୋଧରେ ଏବିଭିପି ସାରା ରାଜ୍ୟରେ ବିଶାଳ ଛାତ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି, ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ସରକାର ଯେଭଳି ଭାବେ ଏହି ବିଲ୍‌କୁ ପାରିତ କଲେ ତାହା ନିନ୍ଦନୀୟ। ଏହା ବିରୋଧରେ ଆନ୍ଦୋଳନ ଗଢି ତୋଳିବା ପାଇଁ ଏଆଇଡିଏସ୍‌ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଏହି ବିଲ୍ ନକଲ ପୋଡ଼ା ଯାଇଥିଲା। ସେପଟେ ସର୍ବଭାରତୀୟ ଶିକ୍ଷା ବଞ୍ଚାଅ କମିଟି ଓଡ଼ିଶା ଶାଖା ପକ୍ଷରୁ ଏହାକୁ ନିନ୍ଦା କରାଯାଇ ବିକ୍ଷୋଭ ପ୍ରଦର୍ଶନ ସହ ଉକ୍ତ ବିଲ୍ ନକଲକୁ ପୋଡ଼ାଯାଇଥିଲା। ଏଥିରେ ଛବି ମହାନ୍ତି, ରାଜେନ୍ଦ୍ର ବର୍ମା ପ୍ରମୁଖ ସାମିଲ ଥିଲେ।




ସର୍ବଭାରତୀୟ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ଆଇନ-୨୦୨୦ ବିରୋଧରେ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ।

## ପ୍ରାକ୍-ଶୈଶବ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି

**ଭୁବନେଶ୍ୱର, ୬।୧୦(ବ୍ୟୁରୋ)**

ରାଜ୍ୟରେ ମାତୃଭାଷାଭିତ୍ତିକ ପ୍ରାକ୍ ଶିକ୍ଷା ଏବଂ ମାତାପିତାଯୁକ୍ତ କାର୍ଯ୍ୟକ୍ରମ (ଏମ୍‌ଟିଇଏଲ୍‌ପି) ଜରିଆରେ ଶିଶୁଙ୍କ ପ୍ରାକ୍-ଶୈଶବ ଶିକ୍ଷା ଓ ଯତ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୨୦୧୬ରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ବର୍ନାଡ୍ ଭାନ୍ ଲିର ଫାଉଣ୍ଡେଶନ୍ (ବିଭିଏଲ୍‌ଏଫ୍) ସହ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟର ୧୦ଟି ଜନଜାତି ଅଧ୍ୟୁଷିତ ଜିଲାର ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳରେ ଥିବା ୭୨୦୨ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ମାତୃଭାଷାରେ ପ୍ରାକ୍ ଶିକ୍ଷା ପ୍ରଦାନ ଫଳପ୍ରଦ ସମ୍ପର୍କରେ ଜାଣିବା ପାଇଁ ଏକ ମୂଲ୍ୟାୟନ କରାଯାଇଥିଲା। ନୂଆଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ପ୍ରାକ୍ ଶୈଶବ ବିକାଶ ଓ ଗବେଷଣା କେନ୍ଦ୍ର ଦ୍ୱାରା ଏହି ମୂଲ୍ୟାୟନ ହୋଇଥିଲା। ମଙ୍ଗଳବାର ଏକ ଭର୍ଚୁଆଲ ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୂଲ୍ୟାୟନ ରିପୋର୍ଟ ଉପସ୍ଥାପନ କରାଯାଇଛି। ବିଭିଏଲ୍‌ଏଫ୍‌ର କଣ୍ଟ୍ରି ମ୍ୟାନେଜର ରୁସ୍‌ଦା ମାଜିଦ୍, ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟର ପ୍ରାକ୍ ଶୈଶବ ବିକାଶ ଓ ଗବେଷଣା କେନ୍ଦ୍ରର ଅବୈତନିକ ନିର୍ଦ୍ଦେଶକ ପ୍ରଫେସର ଜୁବେର ମିନାଲ୍ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ରିପୋର୍ଟରେ ଦର୍ଶାଯାଇଛି ଯେ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଶିକ୍ଷଣୀୟ ଉପକରଣର ବ୍ୟବହାର, ଶିକ୍ଷାଭିତ୍ତିକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ, ସମୟ ସାରଣୀ ବ୍ୟବହାର, ପ୍ରାସଙ୍ଗିକ ଉପକରଣ ଉପଲବ୍ଧ ସହ ପିଲାଙ୍କ କାର୍ଯ୍ୟକଳାପର ପ୍ରଦର୍ଶନ ଦ୍ୱାରା ପ୍ରାକ୍‌ଶିକ୍ଷା କାର୍ଯ୍ୟକ୍ରମରେ ଯଥେଷ୍ଟ ଗୁଣାତ୍ମକ ଅଭିବୃଦ୍ଧି ହୋଇଛି।

## ପାଚେରି ଜମିର ମାପଚୁପ କଲେ ରାଜସ୍ୱ ଟିମ୍

**ଖୋର୍ଦ୍ଧା ଅଫିସ,୬।୧୦**

ଖୋର୍ଦ୍ଧା ଜିଲା ସାରୁଅ ଗ୍ରାମର ଦୁଇ ଦଳିତ ବ୍ୟକ୍ତିଙ୍କ ଜମିକୁ ବେଆଇନ ଭାବେ ଅକ୍ତିଆର କରିବା ନେଇ ଓଟିଭି କର୍ତ୍ତୃପକ୍ଷଙ୍କ ନାମରେ ବାଘମାରୀ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବାଘମାରୀ ଓ ଜଟଣୀ ଆରଆଇଙ୍କୁ ନେଇ ଗଠିତ ଏକ ୭ଜଣିଆ ଟିମ୍ ପାଚେରି ଭିତରେ ରହିଥିବା ଜମି ମାପଚୁପ କରିଥିଲେ। ଏସଡିପିଓ ସୁଶୀଲ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏନେଇ ସିକୋ ଅମିନ ଶଙ୍କର୍ଷଣ ପାଇକରାୟ କହିଛନ୍ତି, ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗକାରୀ ଏବଂ ପୋଲିସ ଉପସ୍ଥିତିରେ ମାପଚୁପ କରାଯାଇଛି। ଏହାର ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରାଯିବ। ସୂଚନାଥାଉ କି, ସାରୁଅ ଗ୍ରାମର ହାଲୁରୀ ପାହାଡ଼ସିଂ ଏବଂ ସନାତନ ପାହାଡ଼ସିଂଙ୍କ ଖାତା ନଂ.୧୯୧ ଏବଂ ପ୍ଲଟ ନଂ. ୧୮୨୯ରେ ଜମି ରହିଛି। ଓଟିଭି କର୍ତ୍ତୃପକ୍ଷ ଏହାର ପାଖ ଜମିକୁ କିଣି ସେମାନଙ୍କ ଜମିକୁ ଅକ୍ତିଆର କରିଥିବା ନେଇ ଗତ ଶୁକ୍ରବାର ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୮୧/୨୦) ରୁଜୁ ହୋଇଛି।

### ଏମ୍‌ଡିଙ୍କ ନାଁରେ ପୁଣି ମାମଲା

**ଖୋର୍ଦ୍ଧା ଅଫିସ,୬।୧୦:** ଖୋର୍ଦ୍ଧା ଜିଲା ସାରୁଅ ଓ ଲୋକନାଥପୁର ଗ୍ରାମର ଶତାଧିକ ଦଳିତ ପରିବାର ସୋମବାର ରାତିରେ ଓଟିଭି ଏମ୍‌ଡି, ତାଙ୍କ ବାପା ଓ ଭାଇଙ୍କ ନାଁରେ ବାଘମାରୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଅନୁସୂଚିତ ଜାତି ଓ ଜନଜାତି ଆକ୍ଟ ପ୍ରକାରେ ଦଫା ୪୪୭, ୫୦୬, ୩୪ରେ ମାମଲା (ନଂ.୮୨/୨୦)ରୁଜୁ କରିଛି। ମଙ୍ଗଳବାର ଏସ୍‌ଡିପିଓ ସୁଶୀଲ ମିଶ୍ର ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଛନ୍ତି। ସୂଚନା ଅନୁଯାୟୀ, ସାରୁଅ ମୌଜାର ପ୍ଲଟ ନଂ. ୧୦୬୦କିସମ ପୋଖରୀ, ପ୍ଲଟ ନଂ.୧୦୬୧ କିସମ ହୁଡା ଓ ପ୍ଲଟ ନଂ.୧୮୩୫ କିସମ ପୋଖରୀ ଏବଂ ଲୋକନାଥପୁର ମୌଜା ପ୍ଲଟ ନଂ. ୧୦୨୮ କିସମ ପୋଖରୀ, ପ୍ଲଟ ନଂ. ୧୦୩୦ କିସମ ହୁଡା ଓ ପ୍ଲଟ ନଂ. ୧୦୫୫ କିସମ ହୁଡା ଓ ପୋଖରୀ ରହିଛି। ଓଟିଭି କର୍ତ୍ତୃପକ୍ଷ ଏହି ପୋଖରୀ ଓ ହୁଡ଼ାକୁ ଅକ୍ତିଆର କରି ରଖିଛନ୍ତି। ପ୍ରତିବାଦ କଲେ ଧମକ ଦେଉଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଆଉ ୫ ଓଟିଏମ୍ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୬୪୧ରେ ପହଞ୍ଚିଲା

**ଚୌଦ୍ୱାର,୬।୧୦(ଡି.ଏନ୍.ଏ.)**

ଗତ ସପ୍ତାହକ ମଧ୍ୟରେ ବନ୍ଦ ଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍(ଓଟିଏମ୍)ର ଆଉ ୫ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ସ୍ପିନିଂ ବିଭାଗରେ କାର୍ଯ୍ୟ କରୁଥିବା ଚୌଦ୍ୱାର ଗୁପ୍ତେଶ୍ୱର ସାହିର ରବୀନ୍ଦ୍ର ଜେନା, ୱାଇଣ୍ଡିଂ ବିଭାଗରେ କାର୍ଯ୍ୟ କରୁଥିବା ଓଟିଏମ୍ କଲୋନୀର ବଲ୍ଲଭ ସାହୁ, ରଙ୍ଗ ବିଭାଗରେ କାର୍ଯ୍ୟ କରୁଥିବା ଜଗତପୁରର ରାମଚନ୍ଦ୍ର ସାହୁ, ଅଟୋଲୁମ୍‌ରେ କାର୍ଯ୍ୟ କରୁଥିବା ୩ ନମ୍ବର ୱାର୍ଡ଼ର ସତ୍ୟପ୍ରିୟ ପରିଡ଼ା ଏବଂ ଜୟନ୍ତୀ ନଗରରେ ରହୁଥିବା ଗଦାଧର ବାରିକଙ୍କର ମୃତ୍ୟୁ ହୋଇଛି। ଏମାନଙ୍କୁ ମିଶାଇ ଓଟିଏମ୍ ଶ୍ରମିକ ଓ କର୍ମଚାରୀଙ୍କ ମୃତ୍ୟୁ ସଂଖ୍ୟା ୬୪୧ରେ ପହଞ୍ଚିଛି। ସୂଚନାଯୋଗ୍ୟ, ୨୦୦୦ ମସିହାରୁ ବନ୍ଦ ଥିବା ଓଟିଏମ୍‌ର ପୁନରୁଦ୍ଧାର କିମ୍ବା ଏହାର ଭିତ୍ତିଭୂମି ଉପରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ନେଇ ସରକାରୀ ସ୍ତରରେ କୌଣସି ସାକାର ପଦକ୍ଷେପ ନିଆଯାଇ ପାରୁ ନାହିଁ। ଏପରି କି ଓଟିଏମ୍ ମାମଲା ଦୀର୍ଘଦିନ ହେଲା ମାନ୍ୟବର ଅଦାଲତରେ ବିଚାରାଧୀନ ରହିଥିବାରୁ ଏଥିରେ କାର୍ଯ୍ୟ କରୁଥିବା ୨୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ସେମାନଙ୍କ ବକେୟା ପ୍ରାପ୍ୟ ନ ପାଇ ଅତି ଦୟନୀୟ ଅବସ୍ଥାରେ ରହିଛନ୍ତି। ଅର୍ଥାଭାବରୁ ରୋଗ ଚିକିତ୍ସା କରାଇ ନ ପାରି ଜଣେ ପରେ ଜଣେ ଶ୍ରମିକ ଆଖି ବୁଜିବାରେ ଲାଗିଛନ୍ତି। ସେମାନଙ୍କ ପାଇଁ ସରକାର ପଦକ୍ଷେପ ନେବାକୁ ଶ୍ରମିକମାନେ ନିବେଦନ କରିଛନ୍ତି।

## ମାସ୍କ ନ ପିନ୍ଧି ତଣ୍ଡ ଗଣିଲେ ଅମାନିଆ

**ଖୁଣ୍ଟୁଣୀ,୬।୧୦(ଡି.ଏନ୍.ଏ.)**

ଖୁଣ୍ଟୁଣୀ ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚେକିଂ କରି ଅମାନିଆଙ୍କଠାରୁ ଜରିମାନା ଆଦାୟ କରିଛି। ଖୁଣ୍ଟୁଣୀ ନରସିଂହପୁର ରାସ୍ତାର ଭୋଗରାଠାରେ ସବଇନ୍ସପେକଟର ଅନିତା ମଲ୍ଲିକ ଓ କେଦାରନାଥ ବିଶ୍ୱାଳ ପ୍ରମୁଖ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବାଇକ ଅଟକାଇ ହେଲମେଟ୍, ମାସ୍କ ଚେକିଂ କରିଥିଲେ। ମାସ୍କ ଓ ହେଲମେଟ ପିନ୍ଧି ନ ଥିବା ଅମାନିଆଙ୍କଠାରୁ ପ୍ରାୟ ୩୮୦୦ ଟଙ୍କା ଜରିମାନା ଆଦାୟ କରିଥିଲେ।

## ନୀଳମଣିଙ୍କୁ ଇଣ୍ଟରନ୍ୟାଶନାଲ ଆଚିଭ୍‌ମେଣ୍ଟ ଇଣ୍ଡିଆ ଆୱାର୍ଡ

**ପୁରୀ ଅଫିସ, ୬।୧୦**




ନୀଳମଣି ଜେନା।

କରୋନା ମହାମାରୀ ସମୟରେ ପୁରୀର ଯୁବଶିଳ୍ପୀ ନୀଳମଣି ଜେନା ଘରେ ରହି ପେଣ୍ଟିଂ କ୍ଷେତ୍ରରେ ସାଉଣ୍ଟିଛନ୍ତି ଅନେକ ସଫଳତା। ଅନ୍‌ଲାଇନ ମାଧ୍ୟମରେ କୋଭିଡ୍ ସଚେତନତା ସଂକ୍ରାନ୍ତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। କୋଭିଡ୍-୧୯ ପ୍ରଦର୍ଶନୀ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ମଧ୍ୟ ମନୋନୀତ ହୋଇଛନ୍ତି। ଇଣ୍ଟରନ୍ୟାଶନାଲ ଆର୍ଟ ଆଣ୍ଡ ଇମାନିଜେସନ ଫୋରମ ପକ୍ଷରୁ ନଭେମ୍ବର ୭ ଓ ୮ରେ ଏହି ପ୍ରଦର୍ଶନୀ ଅନ୍‌ଲାଇନ ମାଧ୍ୟମରେ ହେବ। ତେବେ କୋଭିଡ୍ ସମୟରେ ସେ ଯେତେ ସମ୍ମାନ ଓ ପୁରସ୍କାର ପାଇଛନ୍ତି ସେଥିଲାଗି ତାଙ୍କୁ ଇଣ୍ଟରନ୍ୟାଶନାଲ ଆଚିଭମେଣ୍ଟ ଇଣ୍ଡିଆ ଆୱାର୍ଡ ମିଳିଛି। କରୋନା ସମୟରେ ନୀଳମଣି ଅନ୍‌ଲାଇନ, ୱେବିନାର ଓ ଭର୍ଚୁଆଲ ମାଧ୍ୟମରେ ରାଜ୍ୟ ଏବଂ ରାଜ୍ୟ ବାହାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଜ୍ୟ ଲଳିତ କଳା ଏକାଡେମୀ ପକ୍ଷରୁ କୋଭିଡ୍-୧୯ ପରିଚାଳନାକୁ ନେଇ କଳାକୃତି ପ୍ରସ୍ତୁତ କରି ପୁରସ୍କାର ପାଇଥିଲେ। ଏହାପରେ ଝାଡ଼ଖଣ୍ଡ କଳାକୃତି ଆର୍ଟ ଆଣ୍ଡ ଫାଉଣ୍ଡେଶନ ପକ୍ଷରୁ ସ୍ୱର୍ଣ୍ଣପଦକ ହାସଲ ସହ ପୁନେ ଲଳିତକଳା ପ୍ରବୋଧିନୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। କରୋନା ସମ୍ପର୍କିତ ଏକାଧିକ ପେଣ୍ଟିଂ ପ୍ରତିଯୋଗିତାରେ ସଫଳତା ପାଇଥିବାରୁ ତାଙ୍କୁ ଇଣ୍ଟରନ୍ୟାଶନାଲ ଆଚିଭମେଣ୍ଟ ଇଣ୍ଡିଆ ଆୱାର୍ଡ ମିଳିଥିବା ନୀଳମଣି କହିଛନ୍ତି।

## ବଳରାମ ଯୋଜନା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ

**କଟକ ଅଫିସ, ୬।୧୦**

ଭାଗଚାଷୀଙ୍କୁ ସହଜ ଓ ସୁବିଧାରେ ଋଣ ଯୋଗାଇ ଦେବାକୁ ନାବାର୍ଡ ସହାୟତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବଳରାମ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଆତ୍ମା ଭିତ୍ତିଭୂମି ଉପଯୋଗ କରାଯାଇ ୫ଲକ୍ଷ ଭାଗଚାଷୀଙ୍କୁ ନେଇ ୧ଲକ୍ଷ ମିଳିତଦେୟ ଗୋଷ୍ଠୀ ଗଠନର ଲକ୍ଷ୍ୟ ରଖାଯାଇଛି। କଟକ ଜିଲାରେ ଏହାର କାର୍ଯ୍ୟକାରିତା ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ଜିଲାରେ କିପରି ବଳରାମ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ଜିଲାରେ ଥିବା ବ୍ୟାଙ୍କ ଗୁଡ଼ିକର କର୍ତ୍ତୃପକ୍ଷମାନଙ୍କ ସହଯୋଗ ଲୋଡ଼ାଯାଇଛି। ଏହି ଯୋଜନା ମାଧ୍ୟମରେ ଭୂମିହୀନ ଚାଷୀ ମିଳିତ ଦେୟ ଗୋଷ୍ଠୀ ଗଠନ କରାଯିବ। ସେମାନେ ଚାଷ କରୁଥିବା ଫସଲ ନିମନ୍ତେ ଗୋଷ୍ଠୀ ପ୍ରତି ସର୍ବାଧିକ ୧ଲକ୍ଷ ୬୦ ହଜାର ଟଙ୍କା ଯୋଗାଇ ଦିଆଯିବ। ସେମାନଙ୍କ ଫସଲ ଋଣ ଆର୍‌ବିଆଇ ନିୟମାନୁସାରେ ବିଭିନ୍ନ ବ୍ୟାଙ୍କରୁ ଯୋଗାଇ ଦିଆଯିବ। ଚଳିତବର୍ଷ ପାଇଁ କଟକ ଜିଲାରେ ୪ହଜାର ୭ଶହ ୬୬ଟି ମିଳିତ ଦେୟ ଗୋଷ୍ଠୀ ଗଠନ କରି ସେମାନଙ୍କୁ ଋଣ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଜିଲା ଉନ୍ନୟନ ପରିଚାଳକ ନାବାର୍ଡ ଅଧିକାରୀ ସିଦ୍ଧାର୍ଥଶଙ୍କର ପଣ୍ଡା, ଲିଡ୍‌ବ୍ୟାଙ୍କ ଅଧିକାରୀ ରାଜେଶ ବେହେରା, କୃଷି ଓ ସମବାୟ ବିଭାଗର ଜିଲାସ୍ତରୀୟ ଅଧିକାରୀ, କଟକ ଓ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜେଇଇ ଆଡଭାନ୍ସଡରେ ଓଡିଏମ୍ ବିଦ୍ୟାର୍ଥୀଙ୍କ କୃତିତ୍ୱ


ଅନିକେତ ଦେ


ଅରୂପ ବରାଳ


ପ୍ରଣବ କ୍ରିଷ୍ଣା ସାହୁ

**ଭୁବନେଶ୍ୱର, ୬।୧୦(ବ୍ୟୁରୋ)**

ଆଇଆଇଟି ଦିଲ୍ଲୀ ଏବଂ ଜଏଣ୍ଟ ଆଡମିଶନ୍ ବୋର୍ଡ (ଜେ.ଏ.ବି) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ଆଡଭାନ୍ସଡ-୨୦୨୦ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅନିକେତ ଦେ ୫୩୨ତମ ର୍‍ୟାଙ୍କ୍, ପ୍ରଣବ କ୍ରିଷ୍ଣା ସାହୁ ୧୨୪୨ ର୍‍ୟାଙ୍କ୍ ଏବଂ ଅରୂପ ବରାଳ ୧୩୨୨ ର୍‍ୟାଙ୍କ୍ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପରୀକ୍ଷାରେ ୨୨ ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ସିଓଓ ସ୍ୱୟନ ସତ୍ୟେନ୍ଦୁଙ୍କ ସମେତ ସମସ୍ତ ଶିକ୍ଷକ ଏହି ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

## ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୫୦ କୋଟି

**କୋଣାର୍କ,୬।୧୦(ଡି.ଏନ୍.ଏ.)**

**ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱର ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ**

ସୂର୍ଯ୍ୟମନ୍ଦିର ଚାରିପାଖ ପରିବେଶର ଉନ୍ନତି ପାଇଁ ଆରମ୍ଭ ହୋଇଥିବା ଖସଡ଼ା ଖୁବଶୀଘ୍ର ବାସ୍ତବ ରୂପ ନେବାକୁ ଯାଉଛି। ଏ ନେଇ ମଙ୍ଗଳବାର ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ କୋଣାର୍କ ଯାତ୍ରୀନିବାସରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସମସ୍ତ ଯୋଜନାକୁ କିପରି ଶୀଘ୍ର କାର୍ଯ୍ୟକାରୀ କରାଯିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସମସ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫୦ କୋଟି ଟଙ୍କା ରାଜ୍ୟ ସରକାରଙ୍କ ତରଫରୁ ଅନୁମୋଦନ ହୋଇଥିବା ଜିଲାପାଳ କହିଛନ୍ତି।

ଅକ୍ଟୋବର ୧୦ ସୁଦ୍ଧା ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସବୁ ଦିଗ ପ୍ରତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। କୋଣାର୍କ ରିଂ ରୋଡ ନିକଟରେ ଅନେକ ଜବରଦଖଲ ଏଥିରେ ବାଧକ ସାଜିଛି। ଜବରଦଖଲ ସମ୍ପର୍କରେ ଜିଲାପାଳ ଅବଗତ ହେବାପରେ ଏହି ପ୍ରସ୍ତାବିତ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ତାଗିଦ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଅପରାହ୍ନ ୫ ଟାରୁ କାକଟପୁର- କୋଣାର୍କ ରାସ୍ତାରୁ ଲାବଣ୍ୟଛକ ପର୍ଯ୍ୟନ୍ତ ଥିବା ରିଙ୍ଗରୋଡ ମାପଚୁପ୍ ଆରମ୍ଭ ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପୁରୀ ଜିଲା ଭୂ-ବନ୍ଦୋବସ୍ତ ଦାୟିତ୍ୱରେ ଥିବା ଉପଜିଲାପାଳ ନୀହାରିକା ନାୟକ, ଗୋପ ତହସିଲଦାର ପ୍ରେମାଂଶୁ ଚାନ୍ଦ, ଜାତୀୟ ରାଜପଥ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ବି.କେ. ଶତପଥୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ରାଜସ୍ୱ ନୀରିକ୍ଷକ ସତ୍ୟବାଦୀ ଚିନ୍ମରା ପ୍ରମୁଖ ଉପସ୍ଥିତ ଥିଲେ।

## କଣାସ ସ୍ୱୟଂସହାୟିକା ମହାସଂଘରେ ଦୁର୍ନୀତି

**କଣାସ,୬।୧୦(ସ୍ୱ.ପ୍ର.)**

**ଶିଶୁ ବିକାଶ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା**



ଧାରଣା ଦେଇଥିବା ସ୍ୱୟଂସହାୟକ ଗୋଷ୍ଠୀ ମହିଳା।

କଣାସ ବ୍ଲକ ସ୍ୱୟଂସହାୟକ ମହାସଂଘରେ ଦୁର୍ନୀତି ହୋଇଥିବା ସହ ସଂଘର ସମ୍ପାଦିକା ଭୋଟର ତାଲିକାରେ ଜାଲିଆତି କରିଥିବା ଏବଂ ସଂଘକୁ ମିଳିଥିବା ଅର୍ଥ ବେନିୟମ ବାଣ୍ଟିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିରେ ମଙ୍ଗଳବାର ବ୍ଲକ୍‌ର ଅନେକ ସ୍ୱୟଂସହାୟକ ଗୋଷ୍ଠୀ ଓ ମହିଳାମାନେ କଣାସ ଶିଶୁବିକାଶ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ଏବଂ ଶିଶୁ ବିକାଶ ଅଧିକାରିଣୀ ଉଷାରାଣୀ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରି ତାଙ୍କଠାରୁ ଏକ ଦାବିପତ୍ର ଗ୍ରହଣ କରିଥିଲେ। ଏହାସହ ୭ ଦିନ ମଧ୍ୟରେ ଏହାର ତଦନ୍ତ କରି ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମହିଳାଙ୍କ ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ବ୍ଲକରେ ଗଠନ କରାଯାଇଥିବା ସ୍ୱୟଂସହାୟକ ମହାସଂଘରେ ବିଭିନ୍ନ କାର୍ଯ୍ୟକୁ ନେଇ ବ୍ୟାପକ ଦୁର୍ନୀତି ହୋଇଛି। ପୁଣି ସଂଘ ସମ୍ପାଦିକା ନିଜ ଭୋଟର ପରିଚୟପତ୍ରରେ ବୟସ କମ୍ କରିଥିବାବେଳେ ଦୁଇଟି ସ୍ଥାନ ପୁରୀ ଓ ଦେଠିଆପଡା ଗ୍ରାମରେ ଭୋଟର ତାଲିକାରେ ନାମ ଥିବା ଜଣାପଡ଼ିଥିଲା। ଏହାସହ ମହାସଂଘ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥକୁ ଠିକ୍ ଭାବେ ବଣ୍ଟନ ନ କରି ବେନିୟମ ଭାବେ ବଣ୍ଟନ କରିଥିଲେ। ଏହା ଜଣାପଡ଼ିବା ପରେ ୩୦୦ ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଜନସାଧାରଣ ତଦନ୍ତ ଦାବିରେ ଶିଶୁ ବିକାଶ କାର୍ଯ୍ୟାଳୟ ଆଗରେ ବସି ରହିଥିଲେ। ପରେ ତହସିଲଦାରଙ୍କଠାରୁ ପ୍ରତିଶ୍ରୁତି ଶୁଣି ମହିଳାମାନେ ଶାନ୍ତ ହୋଇଥିବାବେଳେ ଖୁବଶୀଘ୍ର ଯଦି ପଦକ୍ଷେପ ନିଆ ନ ଯାଏ ଆସନ୍ତା ୧୩ ତାରିଖରେ ପୁଣି ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ଧାରଣାରତ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏକ ଦାବିପତ୍ର ମହିଳା ଶିଶୁବିକାଶ ମନ୍ତ୍ରୀ ଭୁବନେଶ୍ୱର, ଜିଲାପାଳ ପୁରୀ, ଅତିରିକ୍ତ ଜିଲାପାଳ, ମହିଳା ଶିଶୁ ବିକାଶ ଅଧିକାରିଣୀ କଣାସଙ୍କୁ ଦେଇଛନ୍ତି।

## ସଂକ୍ଷେପରେ

### ଛାତରୁ ପଡ଼ି ଓଏସ୍ଏପି କନଷ୍ଟେବଳ ମୃତ


ଯୋଗେଶ୍ୱର ଦାସ

ରାୟଗଡ଼ା ଅଫିସ,୬।୧୦: ରାୟଗଡ଼ା ଜିଲା ଚାନ୍ଦିଲିସ୍ଥିତ ରିଜର୍ଭ ଅଫିସ ବାରାକ୍‌ରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କୋରାପୁଟସ୍ଥିତ ଓଏସ୍ଏପି ୩ୟ ବାଟାଲିଅନ୍ ୨୦୧୩ ବ୍ୟାଚ୍ କନଷ୍ଟେବଳ ଯୋଗେଶ୍ୱର ଦାସ(୨୭)ଙ୍କର ଛାତରୁ ପଡ଼ି ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଯୋଗେଶ୍ୱରଙ୍କ ଘର ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା କୁର୍ମାନକୋଟା ଗ୍ରାମରେ। ସେ ରାୟଗଡ଼ା ଜେକେପୁର ରିଜର୍ଭ ପୋଲିସରେ କାର୍ଯ୍ୟରତ ଥିଲେ। ସୋମବାର ରାତି ପ୍ରାୟ ୯ଟାରେ ୩ ମହଲା କୋଠାର ସୁରକ୍ଷା କାନ୍ଥ ଉପରେ ବସି ମୋବାଇଲରେ କ୍ରିକେଟ୍ ମ୍ୟାଚ୍ ଦେଖି ଖାଉଥିଲେ। ଏହି ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ସେ ତଳକୁ ଖସିପଡ଼ିଥିଲେ। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଗେଶ୍ୱର ୫ମାସ ହେଲା ରାୟଗଡ଼ାରେ ଯୋଗ ଦେଇଥିଲେ। ଏଥିପୂର୍ବରୁ ସେ କୋରାପୁଟରେ କାମ କରୁଥିଲେ।

### ଭାଜପାରୁ ଇସ୍ତଫା ଦେଲେ ରମାକାନ୍ତ

ଜଗତ୍‌ସିଂହପୁର ଅଫିସ,୬।୧୦: ନଭେମ୍ବର ୩ରେ ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ଏହା ପୂର୍ବରୁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଥିବା ବେଳେ ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହୋଇ ପଡ଼ିଲାଣି। ବିଶେଷକରି ପ୍ରଥମେ ବିଜେଡି, କଂଗ୍ରେସ ପରେ ଏବେ ଭାଜପାରେ ଅସନ୍ତୋଷ ବଢ଼ିଥିବା ଲକ୍ଷ୍ୟ କରାଯାଉଛି। ଗତ ସାଧାରଣ ନିର୍ବାଚନରେ ଏହି ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ରମାକାନ୍ତ ଭୋଇ ମଙ୍ଗଳବାର ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ନେଇ ଦଳର ରାଜ୍ୟ ସଭାପତିଙ୍କୁ ଚିଠି ମାଧମରେ ଜଣାଇଛନ୍ତି। ଏହା ଭାଜପାରେ ବିବାଦ ଘନେଇଥିବା ସ୍ପଷ୍ଟ ହୋଇଛି। ଏହା ପୂର୍ବରୁ କଂଗ୍ରେସର ରାଜକିଶୋର ବେହେରା ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ବେହେରା ମଧ ଏହି ଆସନରୁ କଂଗ୍ରେସ ଟିକେଟ୍‌ରେ ପ୍ରଥମେ ପ୍ରାର୍ଥୀ ହୋଇଥିଲେ। କଂଗ୍ରେସର ଅନ୍ୟ ନେତା ଦେବେନ୍ଦ୍ର କୁମାର ମଲ୍ଲିକ ମଧ ଦଳ ଛାଡ଼ିଛନ୍ତି। ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଛି। ସ୍ୱର୍ଗତ ବିଷ୍ଣୁ ଦାସଙ୍କ ସମର୍ଥକଙ୍କୁ ଅଣଦେଖା କରାଯାଉଥିବାରୁ ସେମାନେ କ୍ଷୁବ୍ଧ ଅଛନ୍ତି ବୋଲି କୁହାଯାଇଛି।

# ଷ୍ଟିମ୍ ପାଇପ୍ ଭାଲ୍‌ଭ ଫାଟି ୪ ଆହତ

ଗଞ୍ଜାମ,୬।୧୦(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଗ୍ରାସୀମ କମ୍ପାନୀରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। କମ୍ପାନୀ ଷ୍ଟିମ୍ ପାଇପ୍ ଭାଲ୍‌ଭ ଫାଟିଯିବାରୁ ସେଠାରେ କାର୍ଯ୍ୟରତ ଜଣେ ଇଞ୍ଜିନିୟର ଓ ୩ ଠିକା କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶଙ୍କର ରାଉଳ, ଏସ୍ ବୈଦେଶ୍ୱର, କେ.ବେଣୁପାଣି ରେଡ୍ଡୀ ଓ ଇଞ୍ଜିନିୟର ଅଭିଷେକ ପାଳ। ସମସ୍ତଙ୍କୁ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଶଙ୍କରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏପଟେ ଆହତଙ୍କୁ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି। ପ୍ରଶାସନ ଓ ପୋଲିସ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଖବର ଲେଖାଯିବା ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିବାରୁ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ଗ୍ରାସୀମ କମ୍ପାନୀରେ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟାରେ ଶ୍ରମିକମାନେ କାମ କରୁଥିବା ବେଳେ ହଠାତ୍ ଏକ ଷ୍ଟିମ୍ ପାଇପ୍ ଭାଲ୍‌ଭ ଫାଟିଯାଇଥିଲା। ଫଳରେ ପାଇପ୍‌ରୁ ଉତ୍ତପ୍ତ ପଦାର୍ଥ ବାହାରି ଇଞ୍ଜିନିୟର ପାଳ ଓ ଅନ୍ୟ ୩ ଶ୍ରମିକଙ୍କ ଉପରେ ପଡ଼ିଥିଲା। ଫଳରେ ଏମାନେ ଗୁରୁତର ଆହତ ହୋଇପଡିଥିଲେ। ସେମାନଙ୍କୁ ଡାକ୍ତରଖାନା ନେବାକୁ ବିଳମ୍ବରେ ଆମ୍ବୁଲାନ୍ସ ଆସିଥିଲା। ଏପରିକି ଆମ୍ବୁଲାନ୍ସରେ କୌଣସି ସୁବିଧା ନ ଥିବାରୁ ଅନ୍ୟ ଶ୍ରମିକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଗଞ୍ଜାମ ଥାନାଧିକାରୀ ଦିଲୀପ କୁମାର ସାହୁ, ପରେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି



**ଗ୍ରାସିମ୍ କମ୍ପାନୀ**
- କ୍ଷତିପୂରଣ ଦାବିରେ ଶ୍ରମିକଙ୍କ ଆନ୍ଦୋଳନ

ପହଞ୍ଚି କମ୍ପାନୀ ୟୁନିଟ ହେଡ୍ ଶଶାଙ୍କ ଶେଖର ପାରିକ, ଏଚ୍ଆର ହେଡ୍ କେ.ଜି. ଗେନରୱାଲ, କମ୍ପାନୀ ଡିଜିଏମ ରବୀନ୍ଦ୍ର କୁମାର ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ସେପଟେ ଆହତଙ୍କୁ ମାଗଣା ଚିକିତ୍ସା ଓ ମୃତ୍ୟୁ ହେଲେ ୫୦ ଲକ୍ଷ ଟଙ୍କା ସହ ପରିବାରର ଜଣକୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଥିଲେ। ପରେ ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀ, ଭାଜପା ନେତା ପ୍ରଶାନ୍ତ କର ଓ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଭେଟି ଆହତଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଅଞ୍ଚଳବାସୀଙ୍କ ଦାବି ନ ଶୁଣିବାରୁ ଶ୍ରମିକମାନେ କମ୍ପାନୀ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ଏଚ୍ଆର ମୁଖ୍ୟ ଗେନରୱାଲ କହିଛନ୍ତି, କମ୍ପାନୀ ଗାଇଡ୍ ଲାଇନ ଅନୁସାରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଶ୍ରମିକ ୟୁନିୟନ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ନାଁରେ ଗଞ୍ଜାମ ଥାନାରେ ଏତଲା ଦିଆଯାଇଛି। ଆନ୍ଦୋଳନ ପରେ କମ୍ପାନୀର ଉତ୍ପାଦନ ଠପ୍ ହୋଇଯାଇଛି।

# ସବୁ ପଞ୍ଚାୟତକୁ ଏପ୍ରିଲ ସୁଦ୍ଧା ଇଣ୍ଟରନେଟ୍ ସଂଯୋଗ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ରାଜ୍ୟର ସବୁ ପଞ୍ଚାୟତରେ ଇଣ୍ଟରନେଟ୍ ସଂଯୋଗ କରାଯିବ। ୫-ଟି ଢାଞ୍ଚାରେ ପ୍ରଶାସନକୁ ତ୍ୱରାନ୍ୱିତ କରିବା ଲାଗି ଏହି ପଦକ୍ଷେପ ନେଇ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ କମିଟି ବୈଠକରେ ଏହା ସ୍ଥିର କରାଯାଇଛି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଆଇଟି ସଚିବ ମନୋଜ ମିଶ୍ର ଇଣ୍ଟରନେଟ୍ ସଂଯୋଗ ସମ୍ବନ୍ଧିତ ପ୍ରଶାସନିକ, ବୈଷୟିକ ଏବଂ ଆର୍ଥିକ ବିଷୟ ଉପରେ ଆଲୋଚନା ଲାଗି ତଥ୍ୟ ଉପସ୍ଥାପିତ କରିଛନ୍ତି। ଭାରତନେଟ୍ ଯୋଜନାରେ ହୋଇଥିବା ଅଗ୍ରଗତିର ସମୀକ୍ଷାକରି ଏପ୍ରିଲ ସୁଦ୍ଧା ସମସ୍ତ ପଞ୍ଚାୟତକୁ ଇଣ୍ଟରନେଟ୍ ସଂଯୋଗ କରିବାକୁ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଡିଜିଟାଲ ଭିତ୍ତିଭୂମି ରାଜ୍ୟ ବିକାଶର ଏକ ପ୍ରମୁଖ ଚାଳକ ହେବ। ପ୍ରତି ପଞ୍ଚାୟତର ମୁଖ୍ୟ କାରବାର କେନ୍ଦ୍ରରେ ୱାଇ-ଫାଇ ସଂଯୋଗ ଦିଆଯିବ। ପଞ୍ଚାୟତସ୍ତରର ସବୁ ସରକାରୀ ଅଫିସ, ବ୍ୟାଙ୍କ, ମେଡିକାଲ ଆଦି ଏହି ଇଣ୍ଟରନେଟ ସେବା ପାଇପାରିବେ ବୋଲି ସେ କହିଛନ୍ତି। ଇଣ୍ଟରନେଟ୍ ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ଆବଶ୍ୟକ ସ୍ଥଳେ ଉନ୍ନତୀକରଣ ଲାଗି ଏକ ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ବ୍ୟବସ୍ଥା କରିବାକୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପଞ୍ଚାୟତରେ ୫ଟି ଇଣ୍ଟରନେଟ୍ ପଏଣ୍ଟ ଯୋଗାଇବା ନିମନ୍ତେ ସ୍ଥିର କରାଯାଇଛି। ସେଥିରୁ ସମସ୍ତ କାର୍ଯ୍ୟାଳୟ ସଂଯୋଗ ନେଇପାରିବେ। ପଞ୍ଚାୟତର ମୁଖ୍ୟ ବ୍ୟବସାୟିକ ସ୍ଥାନରେ ୱାଇ-ଫାଇ ରହିବ। ଟେଲି ମେଡିସିନ କେନ୍ଦ୍ର, କୃଷି-କିଓସ୍କ ଆଦିକୁ ମଧ ସଂଯୋଜିତ କରାଯିବ।

ମନୋଜ ମିଶ୍ର କହିଛନ୍ତି, ବର୍ତ୍ତମାନ ଯାଏ ୨୨,୫୪୧ କି.ମି. ଅପ୍ଟିକାଲ ଫାଇବର କେବୁଲ ବିଛା ସରିଛି। ଅବଶିଷ୍ଟ ୫,୦୬୯ କି.ମି. କେବୁଲ କାର୍ଯ୍ୟ ଶୀଘ୍ର ସରିବ। ସେହିପରି ୪୬୫୧ ପଞ୍ଚାୟତ ଏବଂ ୨୩୦ ବ୍ଲକରେ ଇଣ୍ଟରନେଟ୍ ସଂଯୋଗ ଦିଆସରିଛି। ପଞ୍ଚାୟତରେ ଇଣ୍ଟରନେଟ୍ ସଂଯୋଗ ମିଳିବା ମାତ୍ରେ ସେସବୁ କାର୍ଯ୍ୟକ୍ଷମ କରାଇବା ଆବଶ୍ୟକ। ଓକାକ୍ ରାଜ୍ୟର ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ ଆରମ୍ଭ କରିଛି ବୋଲି ସେ କହିଛନ୍ତି।

# ମିଳିଲାନି ଚିକିତ୍ସା, ରାସ୍ତାରେ ପ୍ରସବ

ଯୋଡ଼ା, ୬।୧୦ (ଡି.ଏନ.ଏ.)

ପ୍ରସବ ଯନ୍ତ୍ରଣାରେ ଛଟପଟ ଜଣେ ମହିଳାଙ୍କୁ ଚିକିତ୍ସା ଯୋଗାଇ ନ ଦେଇ ଡାକ୍ତରଖାନାରୁ ଫେରାଇ ଦିଆଯିବା ପରେ ସେ ରାସ୍ତାରେ ସନ୍ତାନ ପ୍ରସବ କରିଥିଲେ। ଫଳରେ ନବଜାତ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିଲା। କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ା ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ସୋମବାର ରାତିରେ ଏହି ଘଟଣା ଘଟିଛି।

ଅଭିଯୋଗ ଅନୁଯାୟୀ, ଜଳହରୀ ପଞ୍ଚାୟତ ଆଇଟିସି କଲୋନୀର କପିଳାସ ନାଏକଙ୍କ ସ୍ତ୍ରୀ ସୁକୁମତୀ ପୂର୍ତ୍ତିଙ୍କୁ ପ୍ରସବ ଲାଗି ଯୋଡ଼ା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କହିଥିଲେ। ତେବେ ସମ୍ବଳ ଅଭାବ ଏବଂ ଦୂରତା ଥିବାରୁ ପରିବାର ଲୋକେ ତାଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାକୁ ନେଇଥିଲେ।ସେଠାରେ ଚିକିତ୍ସା ପରିବର୍ତ୍ତେ କେବଳ କୋଭିଡ୍ ଟେଷ୍ଟ କରାଇ କୌଣସି ରିପୋର୍ଟ ନ ଦେଇ ତାଙ୍କୁ ପୁଣି ସରକାରୀ ଡାକ୍ତରଖାନାକୁ ଫେରାଇ ଦିଆଯାଇଥିଲା। ସେଠାରୁ ଆସିବା ପାଇଁ କୌଣସି ଗାଡ଼ି କିମ୍ବା ଆମ୍ବୁଲାନ୍ସର ବ୍ୟବସ୍ଥା ହୋଇପାରି ନ ଥିଲା। ଶେଷରେ ରାତି ପ୍ରାୟ ୧୧ଟା ବେଳେ ରାସ୍ତାରେ ସ୍ୱାମୀ ଓ ଶାଶୁଙ୍କ ସହାୟତାରେ

**ଆଖି ବୁଜିଲେ ନବଜାତ ଶିଶୁପୁତ୍ର**

ସୁକୁମତୀ ଏକ ପୁତ୍ର ସନ୍ତାନ ଜନ୍ମଦେଇଥିଲେ। ଏହାର କିଛି ସମୟ ପରେ ଶିଶୁର ମୃତ୍ୟୁ ହୋଇଥିଲା। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେବା ସହ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ। ବଡ଼ବିଲରୁ ଆମ୍ବୁଲାନ୍ସ ପହଞ୍ଚି ମୃତ ଶିଶୁପୁତ୍ର ସହ ସୁକୁମତୀଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ।

ଏ ନେଇ ଟାଟା କମ୍ପାନୀ କର୍ପୋରେଟ୍ କମ୍ୟୁନିକେଶନ ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ସୁକୁମତୀଙ୍କୁ ସୋମବାର ରାତି ପ୍ରାୟ ୮.୪୦ରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ୨ଜଣ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଅଛନ୍ତି। ଜଣେ ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ। ଦ୍ୱିତୀୟ ଡାକ୍ତର କୋଭିଡ୍‌ରୁ ଏବେ ସୁସ୍ଥ ହୋଇଛନ୍ତି, ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରି ନ ଥିଲେ। ଏଭଳି ସ୍ଥିତିରେ ରୋଗୀଙ୍କୁ ଏଠାରେ ଭର୍ତ୍ତି କରିବା ସମ୍ଭବ ନ ଥିବାରୁ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା।

# ‘ବଳିପର୍ବତ’ ଆଇରନ୍ ମାଇନ୍ସରେ ଅନିୟମିତତା

- ତଦନ୍ତ ପାଇଁ ଡିଜିପିଙ୍କୁ ଭାଜପାର ଦାବିପତ୍ର

କଟକ ଅଫିସ୍, ୬।୧୦:

କେନ୍ଦୁଝର ଜିଲାରେ ଓଡ଼ିଶା ଖଣିନିଗମ ଦ୍ୱାରା ପରିଚାଳିତ ବଳିପର୍ବତ ଆଇରନ୍ ମାଇନ୍ସରେ ବ୍ୟାପକ ଅନିୟମିତତା ଚାଲିଛି। ସରକାରୀ କଳର ଅପପ୍ରୟୋଗ କରି ପରିବହନରେ ନିୟୋଜିତ ଗାଡ଼ିଗୁଡ଼ିକର ମାଲିକମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରାଯାଉଛି। ଗତ ୧୧ ବର୍ଷ ଭିତରେ ପ୍ରାୟ ୨୦୦ କୋଟିର କଳାଧନ ଆଦାୟ ହୋଇଛି ବୋଲି ଭାଜପା ଅଭିଯୋଗ କରିଛି। ଏ ନେଇ ତଦନ୍ତ ନିମନ୍ତେ ଭାଜପା ପକ୍ଷରୁ ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଘଷିପୁରା ବିଧାୟକ ପ୍ରାର୍ଥୀ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ, କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ, ବିଶ୍ୱରଞ୍ଜନ ମିଶ୍ର, ସଞ୍ଜୟ ଜେନା ଓ ଅମିତ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ନକଲି ଏସ୍‌ଟିଏଫ୍ ଅଫିସର ଗିରଫ

ବାହାନଗା/ରେମୁଣା, ୬।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଶେରଗଡ଼ ଟୋଲଗେଟ୍ ନିକଟରୁ ଖନ୍ତାପଡ଼ା ପୋଲିସ ଦୁଇ ନକଲି ଏସ୍‌ଟିଏଫ୍ ଅଫିସରଙ୍କୁ ଗିରଫ କରିଛି। ସେମାନେ ବ୍ୟବହାର କରୁଥିବା ଏକ ନାଲିବତି ସ୍କର୍ପିଓ, ଏକ ମାଉଜର, ୨ଟି ୱାୟାରଲେସ୍ ଓ ଗୋଟିଏ ଭିଏଚ୍ଏଫ୍‌କୁ ଜବତ କରାଯାଇଛି। ଏନେଇ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି।

**ନାଲିବତି ଗାଡ଼ି ସହ ବନ୍ଧୁକ, ବିଭିନ୍ନ ସାମଗ୍ରୀ ଜବତ**

ସୋମବାର ସନ୍ଧ୍ୟାରେ ୧୬ ନଂ. ଜାତୀୟ ରାଜପଥ ବେଗୁନିଆଠାରେ ଏକ ଟମାଟୋ ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ରାସ୍ତା ଜାମ୍ ଥିଲା। ଏହି ସମୟରେ ଭଦ୍ରକରୁ ବାରିପଦା ଆଡ଼କୁ ନାଲିବତି ଲଗାଯାଇଥିବା ଏକ ସ୍କର୍ପିଓ (ନଂ.ଓଆର୍‌୦୫-ଏଏଫ୍-୫୮୮୭) ଆସିଥିଲା। ବେଗୁନିଆଠାରେ ରାସ୍ତା ଜାମ୍ ଥିବାରୁ ଗାଡ଼ିରୁ ୨ଜଣ ଯୁବକ ଓହ୍ଲାଇ ନିଜକୁ ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ୍ ଫୋର୍ସ) ଅଫିସର ପରିଚୟ ଦେଇ ସେଠାରେ ଉପସ୍ଥିତ ଥିବା ପୋଲିସ


ଗିରଫ ୨ ଅଭିଯୁକ୍ତ

କନଷ୍ଟେବଳଙ୍କୁ ଗାଳିଗୁଲଜ କରିଥିଲେ। ଗହଳି ଥିବା ଯୋଗୁ ସେମାନେ ଏକ ରାଉଣ୍ଡ ଫାଙ୍କା ଗୁଳି ଫୁଟାଇଥିଲେ। ପରେ ନକଲି ଅଫିସରଦ୍ୱୟ କନଷ୍ଟେବଳଙ୍କୁ ଶୀଘ୍ର ରାସ୍ତା ଫାଙ୍କା କରିବାକୁ ଧମକ ଦେଇ ବାଲେଶ୍ୱର ଆଡ଼କୁ ନାଲିବତି ଗାଡ଼ିରେ ପଳାଇଯାଇଥିଲେ। ଏ ସମ୍ପର୍କରେ ଜଣେ କନଷ୍ଟେବଳ ଖନ୍ତାପଡ଼ା ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଶେରଗଡ଼ ଟୋଲଗେଟ୍ ପାଖରେ ପୋଲିସ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନେ ଗାଡି ମଡାଇ ଦେବା ପାଇଁ ଉଦ୍ୟମ କରିବା ସହିତ ଗେଟ୍‌କୁ ଧକ୍କା ଦେଇଥିଲେ। ଏହି ସମୟରେ ଶେରଗଡ଼ ଫାଣ୍ଡି ପୋଲିସ ସହିତ ଧସ୍ତାଧସ୍ତି ହୋଇଥିଲା। ଖନ୍ତାପଡା ଥାନା ପୋଲିସ ସେଠାରେ ପହଞ୍ଚି ୨ ନକଲି ଏସଟିଏଫ୍ ଅଫିସରଙ୍କୁ କାବୁ କରିବା ସହିତ ସେମାନଙ୍କଠାରୁ ଗୋଟିଏ ରିଭଲଭର, ଅନ୍ୟାନ୍ୟ ସାମଗ୍ରୀ ଜବତ କରି ଥାନାକୁ ନେଇ ଆସିଥିଲେ । ଶେରଗଡ ଟୋଲ ଗେଟ୍‌ଠାରେ ପୋଲିସ୍ ସହିତ ଧସ୍ତାଧସ୍ତି ବେଳେ ଜଣେ କନଷ୍ଟେବଳ ଆହତ ହୋଇଥିଲେ। ତେବେ ଗିରଫ ନକଲି ଏସଟିଏଫ୍ ଅଫିସର ହେଲେ ଗଞ୍ଜାମର ପ୍ରିୟରଞ୍ଜନ ବରାଳ (୩୨) ଓ ଅନ୍ୟ ଜଣେ ଡ୍ରାଇଭର ବାରିପଦାର ପଙ୍କଜ ସିଂ (୨୪) ବୋଲି ତଦନ୍ତ ବେଳେ ଜଣାପଡିଛି। ସେମାନେ ଭଦ୍ରକରୁ ବାରିପଦା ଯାଉଥିଲେ। ତେବେ ସର୍ବସାଧାରଣ ସ୍ଥାନରେ ଫାଙ୍କା ଗୁଳି ଫୁଟାଇ ଲୋକଙ୍କୁ ଭୟଭୀତ କରାଇବା ଅପରାଧରେ ଏକ ମାମଲା (ନଂ. ୩୧୫/୨୦)ରୁଜୁ ହୋଇଛି। ଅନ୍ୟଟି ନକଲି ଅଫିସର ଓ କାର୍ଯ୍ୟରତ ପୋଲିସ ଉପରେ ଆକ୍ରମଣ ନେଇ ଏକ ମାମଲା (ନଂ. ୩୧୬/୨୦) ରୁଜୁ କରାଯାଇଛି। ସେମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅଧିକ ତଦନ୍ତ ପାଇଁ କୋର୍ଟରୁ ରିମାଣ୍ଡରେ ଅଣାଯିବ ବୋଲି ଖନ୍ତାପଡା ଥାନା ଆଇଆଇସି ପରେଶ ରାଉତ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଖର୍ଚ୍ଚ ହିସାବ ଦେଉନାହାନ୍ତି...

ଏହା ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ୧୬.୮୩ ପ୍ରତିଶତ ଅଧିକ ଥିଲା। ରାଜସ୍ୱ ଆଦାୟ ବଢ଼ିଥିଲେ ମଧ ଖର୍ଚ୍ଚବି ବଢ଼ିଥିଲା। ୨୦୧୭-୧୮ ବର୍ଷ ତୁଳନାରେ ୨୦୧୮-୧୯ରେ ରାଜସ୍ୱ ଖର୍ଚ୍ଚ ୧୮.୯୨ ପ୍ରତିଶତ ଅଧିକ ହୋଇଥିଲା, ଯାହାକି ଜିଏସ୍‌ଡିପିର ୧୭.୫୯ ପ୍ରତିଶତ। ରାଜସ୍ୱ ବଳକା ମଧ କମିଥିଲା। ଗତ ଆର୍ଥିକ ବର୍ଷରେ ରାଜସ୍ୱ ବଳକା ୧୫.୬୯ ପ୍ରତିଶତ ଥିବା ବେଳେ ୨୦୧୮-୧୯ରେ ଏହା ୧୪.୨୫କୁ ଖସି ଆସିଥିଲା। ପୂର୍ବବର୍ଷ ତୁଳନାରେ ପରିବହନ, ଜଳସେଚନ ଓ ଶକ୍ତି କ୍ଷେତ୍ରରେ ମୂଳଧନ ବ୍ୟୟ କମ୍ ରହିଥିଲା। ରାଜ୍ୟରେ ବିତ୍ତୀୟ ନିଅଣ୍ଟ ଅଧିକ ରହିଥିଲା। ୨୦୧୭-୧୮ରେ ବିତ୍ତୀୟ ନିଅଣ୍ଟ ୯୯୭ କୋଟି ଟଙ୍କା ଥିବା ବେଳେ ୨୦୧୮-୧୯ରେ ୧୦,୧୫୭ କୋଟି ଥିଲା। ପୂର୍ବବର୍ଷ ତୁଳନାରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ମୁଣ୍ଡପିଛା ବ୍ୟୟ ଅଧିକ ହୋଇଛି। କିନ୍ତୁ ବିତ୍ତୀୟ ନିଅଣ୍ଟ କମ୍ ଦର୍ଶାଇବା, ନୂତନ ପେନସନ ପଦ୍ଧତି ବାବଦକୁ ଅଂଶଧନ ଜମା ନ ହେବା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରେ ବଳକା ଭରଣା ନ ହେବା, ଭୂ-ରାଜସ୍ୱ ଟିକସ ପଞ୍ଚାୟତିରାଜ ଅନୁଷ୍ଠାନକୁ ପ୍ରଦାନ କରିବା ଯୋଗୁ ୧,୪୯୪.୮୯ କୋଟି ଟଙ୍କା ରାଜସ୍ୱ ବଳକା ଦର୍ଶାଯାଇଥିବା ସିଏଜି ରିପୋର୍ଟରେ କହିଛନ୍ତି। ଅଧିକ ଟଙ୍କା ବଳକା ଥିବା ଏବଂ ରାଜ୍ୟଗୁଡ଼ିକ ଋଣ ନ କରି ବଳକା ଅର୍ଥ ଖର୍ଚ୍ଚ କରିବାକୁ ତ୍ରୟୋଦଶ ଅର୍ଥ କମିଶନ ସୁପାରିସ କରିଥିଲେ। ମାତ୍ର କମିଶନଙ୍କ ସୁପାରିସକୁ ଉଲ୍ଲଂଘନ କରି ରାଜ୍ୟ ସରକାର ବଜାରରୁ ୮,୦୧୯.୫୪ କୋଟିଟଙ୍କା ୭.୫୫ ରୁ ୮.୭୯ ପ୍ରତିଶତ ସୁଧ ହାରରେ ଋଣ ନେଇଥିଲେ ବୋଲି ସିଏଜି ଦର୍ଶାଇଛନ୍ତି।

ବଜେଟ ଅର୍ଥକୁ ବିଭାଗଗୁଡ଼ିକ ଠିକ୍ ସମୟରେ ଖର୍ଚ୍ଚ କରି ପାରୁନାହାନ୍ତି। କେବଳ ସେତିକିନୁହେଁ, ବିଭିନ୍ନ ବ୍ୟକ୍ତିଗତ ଖାତାରେ ଦୀର୍ଘବର୍ଷ ଧରି ଟଙ୍କା ପଡ଼ିରହୁଥିଲେ ମଧ ତାହାକୁ ବିନିଯୋଗ କରାଯାଇପାରୁ ନାହିଁ। ସିଏଜି ଦର୍ଶାଇଛନ୍ତି ଯେ, ୮୩୧ଟି ବ୍ୟକ୍ତିଗତ ଖାତାରେ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ୧୭,୫୦୩.୫୦ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି। ଓଡ଼ିଶା ଟ୍ରେଜେରି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ୨୦୧୮-୧୯ରେ ରାଜ୍ୟର ଋଣ ଭାର ୧,୦୮,୨୫୮ କୋଟି ଥିଲା, ଯାହାକି ଜିଏସ୍‌ଡିପିର ୧୧.୨୩ ପ୍ରତିଶତ। କେନ୍ଦ୍ରୀୟ ଅନୁଦାନ ଠିକ୍‌ସମୟରେ ନ ପହଞ୍ଚିବା, ଟେଣ୍ଡର ନ ହେବା କାରଣରୁ ୧୩ଟି ବିଭାଗ ୨୭ଟି ବିଷୟରେ ୧,୩୦୪.୧୭ କୋଟି ଟଙ୍କା ଫେରାଇ ଦେଇଥିଲେ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Hindustan Tower Group (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ । 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

A 2 Z ସବୁ ସମସ୍ୟାର ସମାଧାନ
ମାତ୍ର ୩ ଘଣ୍ଟାରେ ।
ବିଶ୍ୱପ୍ରସିଦ୍ଧ
ବାବା ଜାଫର ଖାନ
ବଶୀକରଣ, ପ୍ରେମ ବିବାହ, ସଉତୁଣୀ ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣି ଗାରେଡ଼ି, ଯାଦୁ-ଟୋନା, କୋର୍ଟ-କଚେରି, ବ୍ୟବସାୟ ଲାଭ କ୍ଷତି, ବିଦେଶ ଯାତ୍ରା ସମସ୍ୟାର
100% ଗ୍ୟାରେଣ୍ଟିଡ୍ ସମାଧାନ
କାହାର ପୁଅ କିମ୍ବା ସ୍ୱାମୀ କାହା ବଶରେ ଥିଲେ ନିଶ୍ଚୟ କଲ୍ କରନ୍ତୁ ।
8791155192
8791159152

DIWAN FINANCE
ଦ୍ୱାରା ମାର୍କଶିଟ୍, ମୁଦ୍ରା, ଗ୍ରୁପ୍, ହୋମ୍, ପର୍ସନାଲ ଋଣ 72 ଘଣ୍ଟା ମଧ୍ୟରେ ପାଆନ୍ତୁ । 1% ସୁଧ, 40% ରିହାତି, ମହିଳା ଓ ଗ୍ରୁପ୍ ଋଣ ଉପରେ ବିଶେଷ ରିହାତି।
# 9992031149

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ । ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ । ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରତନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ । କାମ ନହେଲେ ପଇସା ଫେରସ୍ତ ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିପର୍ଯ୍ୟୟ ଘଟାଇଲେ ପୋଡୋରୋସ୍କା



ଏଲିନା ସ୍ୱିତଲିନାଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ନାଡିଆ ପୋଡୋରୋସ୍କା।

ଫ୍ରେଞ୍ଚ୍ ଓପନ୍ ଟେନିସ୍

ପ୍ୟାରିସ, ୬।୧୦

ଆର୍ଜେଣ୍ଟିନାର ନାଡିଆ ପୋଡୋରୋସ୍କା ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫ୍ରେଞ୍ଚ୍ ଓପନ ଇତିହାସରେ ଆଧୁନିକ ଯୁଗର ପ୍ରଥମ କ୍ୱାଲିଫାୟରଭାବେ ସେ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହାପୂର୍ବରୁ ପୋଡୋରୋସ୍କାର କେବେହେଲେ କ୍ୱାଲିଫାଇଂ ରାଉଣ୍ଡ ଅତିକ୍ରମ କରି ରୋଲାଣ୍ଡ ଗାରୋସରେ ମୁଖ୍ୟ ଡ୍ରରେ ସ୍ଥାନ ପାଇପାରି ନ ଥିଲେ। ପ୍ରଥମଥରପାଇଁ କୌଣସି ଏକ ବଡ଼ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ପୋଡୋରୋସ୍କା ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ୟୁକ୍ରେନର ଏଲିନା ସ୍ୱିତଲିନାଙ୍କୁ ସିଧାସଳଖ ୬-୨, ୬-୪ ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେମିଫାଇନାଲରେ ପାଡୋରୋସ୍କା ଅନ୍ୟଜଣେ କ୍ୱାଲିଫାୟର ଇଟାଲିର ମାର୍ଟିନା ଟ୍ରେଭିସାନଙ୍କୁ ଭେଟିବା ସମ୍ଭାବନା ରହିଛି। ପୂର୍ବରୁ ଅନୁଷ୍ଠିତ ଏକ ୪ର୍ଥ ରାଉଣ୍ଡ ମ୍ୟାଚରେ ଡାନିଏଲ ରୋଜ୍ କଲିନ୍ସ ୬-୪, ୪-୬, ୬-୪ ସେଟ୍‌ରେ ଓନସ ଜାବେଉରଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ମହିଳା ଡବଲ୍ସରେ କ୍ରିଷ୍ଟିନା ମାଲଡେନୋଭିକ୍-ଟିମିଆ ବାବୋସ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ମାର୍ଟା କୋଷ୍ଟ୍ୟୁକ-ଆଲେକଜାଣ୍ଡ୍ରା ସାସ୍ନୋଭିଚ୍‌ଙ୍କୁ ୬-୨, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି।

## ବୁଷ୍ଟା କ୍ୱାର୍ଟରରେ

ପୁରୁଷ ସିଙ୍ଗଲ୍ସର ଏକ ୪ର୍ଥ ରାଉଣ୍ଡ ମ୍ୟାଚରେ ବିଜୟୀ ହୋଇ ସ୍ପେନର ପାବ୍‌ଲୋ କାରେନୋ ବୁଷ୍ଟା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସେ ୬-୨, ୭-୫, ୬-୨ ସେଟ୍‌ରେ ଜର୍ମାନୀର ଡାନିଏଲ ଅଲ୍ଟମେରଙ୍କୁ ହରାଇ ଦେଇଛନ୍ତି। ପୁରୁଷ ଡବଲ୍ସରେ ଆନ୍ଦ୍ରେସ ମାଇଲ୍ସ-କେଭିନ କ୍ରାୱିଜ ଯୋଡ଼ି ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟରଫାଇନାଲରେ ଏହି ଯୋଡ଼ି ଜେମି ମୁରେ-ନିଅଲ ସ୍କୁପସ୍କି ଯୋଡ଼ିଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।

# ସଂକ୍ଷେପରେ

## ଗେଲ୍, ମୁଜିବୁରଙ୍କୁ ଖେଳାଇବ ପଞ୍ଜାବ

**ନୂଆଦିଲ୍ଲୀ, ୬।୧୦(ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ କିଙ୍ଗ୍ସ ଇଲେଭେନ ପଞ୍ଜାବର ଅଭିଯାନ ଭଲ ରହିନାହିଁ। ଦଳ ଖେଳିଥିବା ୫ଟି ମ୍ୟାଚରୁ ୪ଟିରେ ପରାଜିତ ହୋଇ ପଏଣ୍ଟ ଟେବୁଲର ନିମ୍ନରେ ରହିଛି। ପ୍ଲେ-ଅଫ୍‌ରେ ପ୍ରବେଶ କରିବାକୁ ହେଲେ ଲିଗ୍ ପର୍ଯ୍ୟାୟର ଅଧିକାଂଶ ମ୍ୟାଚରେ ଦଳକୁ ଜିତିବାକୁ ପଡ଼ିବ। ଏପରି ସ୍ଥିତିରେ ଦଳରେ କିଛି ପରିବର୍ତ୍ତନ ପାଇଁ ଚିନ୍ତା କରୁଛି ଟିମ୍ ମ୍ୟାନେଜମେଣ୍ଟ। ତେଣୁ ଆଗାମୀ ମ୍ୟାଚଗୁଡ଼ିକରେ ମ୍ୟାଚ ବିଜେତା କ୍ରିସ୍ ଗେଲ୍ ଓ ସ୍ପିନର ମୁଜିବୁର ରହମନଙ୍କୁ ସୁଯୋଗ ମିଳିବା ସମ୍ଭାବନା ସମ୍ପର୍କରେ ସୂଚନା ଦେଇଛନ୍ତି ବ୍ୟାଟିଂ କୋଚ୍ ୱାସିମ୍ ଜାଫର। "ଆମର ଅଭିଯାନ ନୈରାଶ୍ୟଜନକ ରହିଛି। ପ୍ଲେ-ଅଫ୍ ପାଇଁ ସବୁ ମ୍ୟାଚ ଜିତିବା ପରିସ୍ଥିତି ଆସିବା ପୂର୍ବରୁ ଆମକୁ ସଜାଗ ରହିବାକୁ ହେବ। ଦଳରେ ଅନେକ ମ୍ୟାଚ ବିଜେତା ଅଛନ୍ତି। ତେଣୁ ଶୀଘ୍ର ଫଳାଫଳରେ ଭିନ୍ନତା ନେଇ ଆଶା ରହିଛି। ଗେଲ୍ ନେଟ୍ସରେ କଠିନ ପରିଶ୍ରମ କରୁଛନ୍ତି। ଏହି ୪୧ ବର୍ଷୀୟ ବ୍ୟାଟ୍ସମ୍ୟାନ ଏବେ ମଧ ରନ ସଂଗ୍ରହ ପାଇଁ ଭୋକିଲା ଅଛନ୍ତି" ବୋଲି ଜାଫର କହିଛନ୍ତି। ପଏଣ୍ଟ ଟେବୁଲର ଶୀର୍ଷ ୪ ମଧରେ ରହିବାକୁ ହେଲେ କିଙ୍ଗ୍ସ ଇଲେଭେନକୁ ଅବଶିଷ୍ଟ ୯ ଗେମ୍‌ରୁ ୭ଟିରେ ଜିତିବାକୁ ହେବ। ଏହା କଷ୍ଟସାଧ ହେଲେ ମଧ ଅସମ୍ଭବ ନୁହେଁ ବୋଲି ଜାଫର କହିଛନ୍ତି। ବିଦେଶୀ ଖେଳାଳି କୋଟା ହିସାବରେ ଗେଲ, ମୁଜିବୁର, ଗ୍ଲେନ ମ୍ୟାକ୍ସୱେଲ ଓ ନିକୋଲସ ପୁରନଙ୍କୁ ନେଇ କିପରି ପ୍ଲେଇଂ ଇଲେଭେନ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ ଅଧିନାୟକ ଲୋକେଶ ରାହୁଲ ଓ କୋଚ୍ ଅନିଲ କୁମ୍ବଲେଙ୍କ ସହିତ ଆଲୋଚନା କରାଯିବ। ବିଦେଶୀ ଖେଳାଳିଭାବେ ଶେଲଡନ କଟ୍ରେଲ ଓ କ୍ରିସ୍ ଜୋର୍ଡାନ ଗତ ମ୍ୟାଚରେ ଖେଳିଥିଲେ। ଏଥିରେ ଦଳ ଚେନ୍ନାଇ ସୁପରକିଙ୍ଗ୍ସଠାରୁ ୧୦ ଉଇକେଟରେ ହାରିଥିଲା। ଡେଥ୍ ବୋଲିଂ ସହ ବ୍ୟାଟିଂରେ ମଧ ଉନ୍ନତି ଆବଶ୍ୟକ ବୋଲି ସେ କହିଛନ୍ତି।

## ଆଫଗାନ କ୍ରିକେଟର ନାଜିବଙ୍କ ମୃତ୍ୟୁ



**କାବୁଲ, ୬।୧୦ (ପି.ଟି.):** ଆଫଗାନିସ୍ତାନ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ନାଜିବ ତାରକାଇଙ୍କର ମୃତ୍ୟୁ ଘଟିଛି। ଗତ ୨ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ନଜିବଙ୍କୁ ୨୯ବର୍ଷ ବୟସ ହୋଇଥିଲା। ନାଜିବଙ୍କୁ ବିଶେଷ ଚିକିତ୍ସା ପାଇଁ କାବୁଲ କିମ୍ବା ଦେଶ ବାହାରକୁ ପଠାଯିବାର ଯୋଜନା ଚାଲିଥିଲା ବୋଲି ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ପ୍ରକାଶ କରିଛି। ନାଜିବ ଜାତୀୟ ଦଳ ତରଫରୁ ୧୨ଅନ୍ତର୍ଜାତୀୟ ଟି୨୦ ଓ ଗୋଟିଏ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ। ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ୨୦୧୪ରେ ବାଂଲାଦେଶରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍ ତାଙ୍କର ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୨୦୧୭ ମାର୍ଚ୍ଚରେ ଏକ ଅନ୍ତର୍ଜାତୀୟ ଟି୨୦ ସିରିଜରେ ସେ ଆୟର୍ଲାଣ୍ଡ ବିପକ୍ଷରେ ୯୦ ରନ ସଂଗ୍ରହ କରିଥିଲେ, ଯାହାକି ତାଙ୍କର ଶ୍ରେଷ୍ଠ ଅନ୍ତର୍ଜାତୀୟ ସ୍କୋର ଥିଲା। ସେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ୨୦୧୯ ସେପ୍ଟେମ୍ବରରେ ବାଂଲାଦେଶ ବିପକ୍ଷରେ ଖେଳିଥିଲେ।

## ଆଇପିଏଲ୍ ମ୍ୟାଚ୍ ବେଳେ ବେଟିଂ: ୬ ଜଣ ଗିରଫ

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧରେ ଆଇପିଏଲ୍ ମ୍ୟାଚ୍ ଚାଲିଥିବାବେଳେ ବେଟିଂ ପାଇଁ ୬ଜଣ ଗିରଫ ହୋଇଛନ୍ତି। ଡିସିପି ଅତୁଲ କୁମାର ଠାକୁରଙ୍କ ସୂଚନା ଅନୁସାରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ରାଜପୁର ଖୁର୍ଦ୍ଦର ଏକ ଗ୍ରାମର ଏକ ଘରେ ଚଢ଼ାଉ କରିଥିଲା। ସେତେବେଳେ ୬ ଜଣ ଲୋକ ଏକ ଲାପ୍‌ଟପ୍ ନିକଟରେ ବସି ବେଟିଂ ପାଇଁ ଏଣ୍ଟ୍ରି କରାଉଥିଲେ। ସେମାନଙ୍କଠାରୁ ୧,୧୯,୭୦୦ ଟଙ୍କା, ୯ ମୋବାଇଲ୍ ଫୋନ୍ ଏବଂ ଗୋଟିଏ ଲାପ୍‌ଟପ୍ ଜବତ ହୋଇଥିଲା। ଗିରଫ ବ୍ୟକ୍ତିମାନେ ହେଲେ ଗୌରବ ସିଜୱାଲ (୩୦), ସୋନୁ ରାଠୀ (୩୭), ସାହିଲ ଲୁଥ୍ରା (୨୮), ମୋହତ୍ ଡାଗର (୨୭), ହେମନ୍ତ ଦଲାଲ (୩୦) ଓ ସଞ୍ଜୟ ରାଠୀ (୩୮)।

# ଭୁବନେଶ୍ୱରଙ୍କ ସ୍ଥାନରେ ପୃଥ୍ୱୀରାଜ

ଦୁବାଇ, ୬।୧୦ (ପି.ଟି.)

ସନରାଇଜର୍ସ ହାଇଦ୍ରାବାଦର ଆଘାତପ୍ରାପ୍ତ ସିନିୟର ପେସ୍ ବୋଲର ଭୁବନେଶ୍ୱର କୁମାରଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ପୃଥ୍ୱୀରାଜ ୟାରାଙ୍କୁ ମନୋନୀତ କରାଯାଇଛି। ଅକ୍ଟୋବର ୨ରେ ଦୁବାଇରେ ଚେନ୍ନାଇ ସୁପର କିଙ୍ଗ୍ସ ଇନିଂସର ୧୯ତମ ଓଭରରେ ଭୁବନେଶ୍ୱରଙ୍କ ଜଙ୍ଘ ମାଂସପେଶୀରେ ଆଘାତ ଲାଗିଛି। ଆଘାତ ହେବା ପରେ ସେ ମାତ୍ର ଗୋଟିଏ ବଲ୍ ପକାଇ ପଡ଼ିଆ ଛାଡ଼ିଥିଲେ। ଆନ୍ଧ୍ର ପ୍ରଦେଶର ୨୨ ବର୍ଷୀୟ ବୋଲର ୧୧ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୩୯ ଉଇକେଟ ଅକ୍ତିଆର କରିଛନ୍ତି। ୟୁଏଇରେ ଖୁବ୍ ଶୀଘ୍ର ସେ ସନରାଇଜର୍ସ ଦଳ ସହ ଯୋଗ ଦେବେ। ଭୁବନେଶ୍ୱର ଗ୍ରେଡ୍-୨ କିମ୍ବା ଗ୍ରେଡ୍-୩ ଇଞ୍ଜୁରୀ ହୋଇଥିବା କିମ୍ବାଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ଏହି ବୋଲର ୬ରୁ ୮ମାସ ପର୍ଯ୍ୟନ୍ତ ଖେଳି ପାରିବେ ନାହିଁ। ଫଳରେ ଚଳିତ ବର୍ଷ ଶେଷରେ ସେ ଅଷ୍ଟ୍ରେଲିଆ ଟୁର୍‌ରେ ଯାଇ ପାରିବେ କି ନା ସନ୍ଦେହ। ପୃଥ୍ୱୀରାଜ ଗତ ବର୍ଷ କୋଲକାତା ନାଇଟ ରାଇଡର୍ସ ତରଫରୁ ଖେଳିଥିଲେ।



ପୃଥ୍ୱୀରାଜ ୟାରା

୨୦୧୯ ଏପ୍ରିଲ୍‌ରେ କୋଲକାତାଠାରେ ରାଜସ୍ଥାନ ବିପକ୍ଷ ମ୍ୟାଚରେ ସେ ୨ ଓଭରରେ ୨୮ ରନ ସଂଗ୍ରହ କରିଥିଲେ।

# ବ୍ୟାଟ୍ସମ୍ୟାନଙ୍କୁ ଅଶ୍ୱିନଙ୍କ ଚେତାବନୀ

ଦୁବାଇ,୬।୧୦ (ପି.ଟି.)

ଭାରତ ତଥା ଦିଲ୍ଲୀ କ୍ୟାପିଟାଲ୍ସ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଙ୍କଡିଙ୍ଗ୍ ନେଇ ନିଜର ପ୍ରଥମ ଓ ଅନ୍ତିମ ଚେତାବନୀ ଦେଇଛନ୍ତି। ଦିଲ୍ଲୀ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମୁକାବିଲାରେ ଅଶ୍ୱିନ ପୁଣି ଥରେ ସମସ୍ତଙ୍କ ନଜରକୁ ଆସିଛନ୍ତି। ଏହି ମ୍ୟାଚ୍‌ରେ ଅଶ୍ୱିନ ଯେତେବେଳେ ବୋଲିଂ କରୁଥିଲେ ସେତେବେଳେ ବାଙ୍ଗାଲୋରର ଓପନର ଆରୋନ ଫିଞ୍ଚ୍‌ଙ୍କୁ ମଙ୍କଡିଙ୍ଗ୍ ଦ୍ୱାରା ଆଉଟ କରିବା ସୁଯୋଗ ଥିଲା। କିନ୍ତୁ ଅଶ୍ୱିନ ଫିଞ୍ଚ୍‌ଙ୍କୁ ମଙ୍କଡିଙ୍ଗ ନ କରି ଚେତାବନୀ ଦେଇ ଛାଡି ଦେଇଥିଲେ। ଉଲ୍ଲେଖଥାଉ କି, ବୋଲିଂ କରିବା ବେଳେ ନନ୍ ଷ୍ଟ୍ରାଇକର ଏଣ୍ଡରେ ଥିବା ବ୍ୟାଟ୍ସମ୍ୟାନ ବଲ୍ ପଡିବା ପୂର୍ବରୁ କ୍ରିଜ୍‌ରୁ କିଛି ବାଟ ଆଗକୁ ଚାଲିଯାଇଥାନ୍ତି। ଏହାର ସୁଯୋଗ ନେଇ ବୋଲର ଯଦି ସମ୍ପୃକ୍ତ ବ୍ୟାଟ୍ସମ୍ୟାନଙ୍କୁ ରନ୍ ଆଉଟ କରିନ୍ତି ତା'ହେଲେ ତାକୁ ମଙ୍କଡିଙ୍ଗ୍ କୁହାଯାଇଥାଏ। ଏବେ ଏ ନେଇ ଅଶ୍ୱିନଙ୍କ ଚେତାବନୀର ଯଥେଷ୍ଟ ଗୁରୁତ୍ୱ ରହିଛି।

ନନ୍ ଷ୍ଟ୍ରାଇକର ଏଣ୍ଡରେ ଥିବା ବ୍ୟାଟ୍ସମ୍ୟାନଙ୍କୁ ଅଶ୍ୱିନ ଟୁଇଟ୍ କରି ଚେତାବନୀ ଦେଇ କହିଛନ୍ତି ଯେ, ଭବିଷ୍ୟତରେ ସେ ଏଭଳି ପରିସ୍ଥିତିରେ ମଙ୍କ୍‌ଡିଙ୍ଗ୍ କରିବାକୁ ପଛାଇବେ ନାହିଁ। ତେଣୁ ଭବିଷ୍ୟତରେ ମୋତେ କେହି ଦୋଷ ଦେବେନାହିଁ।

ତେବେ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଅଶ୍ୱିନଙ୍କୁ ଆଉ ମଙ୍କ୍‌ଡିଙ୍ଗ୍ କରିବାକୁ ସୁଯୋଗ ଦେବେ ନାହିଁ ବୋଲି ଦିଲ୍ଲୀ ହେଡ୍ କୋଚ୍ ରିକି ପଣ୍ଟିଂ କହିଥିଲେ। ଅଶ୍ୱିନ ମଧ ତାଙ୍କ କଥା ମାନି ମଙ୍କଡିଙ୍ଗ୍ କରି ନ ଥିଲେ। ଆଇପିଏଲ୍‌ର ଗତ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ତରଫରୁ ବ୍ୟାଟିଂ କରୁଥିବା ଜୋଶ ବଟଲରଙ୍କୁ ମଙ୍କଡିଙ୍ଗ୍ କରି ଆଉଟ କରିଥିଲେ। ଏହାକୁ ନେଇ ସେତେବେଳେ ବହୁତ ବିବାଦ ହୋଇଥିଲା। ଏପରିକି ଏହି ନିୟମକୁ ହଟାଇ ଦେବାକୁ ଦାବି ମଧ ହୋଇଥିଲା। ଏବେ କିନ୍ତୁ ଅଶ୍ୱିନ ଆଉ କାହାକୁ କ୍ଷମା କରିବେ ନାହିଁ ଓ ମଙ୍କଡିଙ୍ଗ୍ କରିବାକୁ ଆଦୌ ଦ୍ୱିଧା ଅନୁଭବ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।



ଆରୋନ୍ ଫିଞ୍ଚ୍‌ଙ୍କୁ ସଚେତନ କରାଉଛନ୍ତି ରବିଚନ୍ଦ୍ରନ୍ ଅଶ୍ୱିନ।

# କଡ଼ା ପରୀକ୍ଷାରେ କାର୍ତ୍ତିକ

ଆବୁଧାବି,୬।୧୦(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୧ତମ ମ୍ୟାଚ୍‌ରେ ବୁଧବାର କୋଲକାତା ନାଇଟ୍ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମୁହାଁମୁହିଁ ହେବେ। ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ କୋଲକାତା ଅଧିନାୟକ ଦୀନେଶ କାର୍ତ୍ତିକ କଡ଼ା ପରୀକ୍ଷା ସମ୍ମୁଖୀନ ହେବେ। ତାରକା ଖଚିତ କୋଲକାତା ଦଳରେ ଏକାଧିକ ସମସ୍ୟା ରହିଛି। ଏପର୍ଯ୍ୟନ୍ତ କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଥିବା କାର୍ତ୍ତିକ ଏହି ସମସ୍ୟାଗୁଡିକର କିପରି ସମାଧାନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

କୋଲକାତା ଦଳରେ ଇଂଲଣ୍ଡର ବିଶ୍ୱକପ୍ ବିଜୟୀ ଅଧିନାୟକ ଇଅନ ମୋର୍ଗାନ ରହିଥିଲେ ମଧ ଟିମ୍ ମ୍ୟାନେଜମେଣ୍ଟ କାର୍ତ୍ତିକଙ୍କ ଉପରେ ଅଧିକ ଭରସା କରି ତାଙ୍କୁ ନେତୃତ୍ୱ ପ୍ରଦାନ କରିଛି। ନିଜେ ଦୁର୍ବଳ ଫର୍ମ ଦେଇ ଗତି କରିବା ସହ ଉଇକେଟକିପର ବ୍ୟାଟ୍ସମ୍ୟାନ କାର୍ତ୍ତିକ କେତୋଟି ଭୁଲ୍ ନିଷ୍ପତ୍ତି ନେଇ ସମାଲୋଚନାର ଶିକାର ହୋଇଛନ୍ତି। ୪ଟି ମ୍ୟାଚ୍ ଖେଳି ସେ ଏପର୍ଯ୍ୟନ୍ତ ମାତ୍ର ୩୭ ରନ ସଂଗ୍ରହ କରିଛନ୍ତି। ଦଳରେ ମୋର୍ଗାନ ଓ ଆନ୍ଦ୍ରେ ରସେଲଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଥିବା ବେଳେ କାର୍ତ୍ତିକ ନିଜେ ଓ ସୁନୀଲ ନାରିନ୍ ଆଗୁଆ ବ୍ୟାଟିଂ କରିବା, ବିଗ୍ ବାସ୍ ସେନ୍‌ସେସନ ଟମ୍ ବାଣ୍ଟନଙ୍କୁ ଓପନିଂ କରିବାକୁ ସୁଯୋଗ ନ ଦେବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ବାଣ୍ଟନଙ୍କୁ ଇଂଲଣ୍ଡ ପୂର୍ବତନ ବ୍ୟାଟ୍ସମ୍ୟାନ କେଭିନ ପିଟରସନଙ୍କ ସହ ତୁଳନା କରାଯାଉଛି। ୪ଟି ମ୍ୟାଚ୍ ଖେଳି ନାରିନ ୮୭.୦୯ ହାରରେ ମାତ୍ର ୨୭ ରନ ସଂଗ୍ରହ କରି ଦୁର୍ବଳ ଫର୍ମର ସୂଚନା ଦେଇଛନ୍ତି।

**ଆଇପିଏଲ୍**
(ବୁଧବାର ମ୍ୟାଚ)
**କୋଲକାତା ନାଇଟ ରାଇଡର୍ସ**
**ବନାମ ଚେନ୍ନାଇ ସୁପରକିଙ୍ଗ୍ସ**
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

ବୋଲିଂ ବିଭାଗରେ କୋଲକାତା ଦଳରେ ବହୁ ବିକଳ୍ପ ରହିଥିଲେ ମଧ କାର୍ତ୍ତିକ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଦଳକୁ ଭଲଭାବେ ମ୍ୟାନେଜ କରିପାରି ନାହାନ୍ତି। ପ୍ୟାଟ୍ କୁମିନ୍ସଙ୍କ ଭଳି ବୋଲର ଏପର୍ଯ୍ୟନ୍ତ ଆଦୌ ପ୍ରଭାବୀ ସାବ୍ୟସ୍ତ ହୋଇପାରି ନାହାନ୍ତି। ଫଳରେ ଦଳର ସମସ୍ୟା ଦ୍ୱିଗୁଣିତ ହୋଇଛି। ଶାରଜାର ପିଚ୍ ବ୍ୟାଟ୍ସମ୍ୟାନଙ୍କ ସ୍ୱର୍ଗ ବୋଲି ପ୍ରମାଣିତ ହୋଇଛି। ଉଭୟ ଦଳ ୨୦୦ ରନ ପାର କରିଥିଲେ ମଧ ବୋଲର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ମୋର୍ଗାନ ଓ ରାହୁଲ ତ୍ରିପାଠୀ ଭଲ ପ୍ରଦର୍ଶନ କରିଥିଲେ ମଧ ଦିଲ୍ଲୀ ବୋଲର ଡେଥ୍ ଓଭରରେ ଭଲ ପ୍ରଦର୍ଶନ କରି ବାଜି ମାରିଥିଲେ। କାର୍ତ୍ତିକ ବୋଲରଙ୍କୁ ସମର୍ଥନ କରିବା ଆବଶ୍ୟକ। ଖାସ୍ କରି ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଅଧିକ ସୁଯୋଗ ଦେବାର ଆବଶ୍ୟକତା ରହିଛି। ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ବାଦ୍ ଦିଆଯାଇଥିଲା ଓ ସେ ଏପର୍ଯ୍ୟନ୍ତ ମାତ୍ର ୯ ଓଭର ବୋଲିଂ କରିଛନ୍ତି।

ଅପରପକ୍ଷରେ ଚେନ୍ନାଇ କ୍ରମାଗତ ୩ଟି ପରାଜୟ ପରେ ବିଜୟୀ ହୋଇ ପ୍ରତ୍ୟାବର୍ତ୍ତନ କରିଛି। ଦଳ ଏବେ ପଏଣ୍ଟ ତାଲିକାର ଶ୍ରେଷ୍ଠ ୪ରେ ସ୍ଥାନ ପାଇବା ଲକ୍ଷ୍ୟରେ ରହିଛି। ଦଳ ଅବଶ୍ୟ ନିମ୍ନତମ ସ୍ଥାନରୁ ଉନ୍ନତି କରିଛି। ଅଭିଜ୍ଞ ଓପନର ଶେନ୍ ୱାଟସନ ଫର୍ମକୁ ଫେରିବା ବରଦାନ ସାବ୍ୟସ୍ତ ହୋଇଛି। ସେ ଗତ ମ୍ୟାଚ୍‌ରେ ଅପରାଜିତ ୮୩ ରନ ସଂଗ୍ରହ କରିଥିଲେ। କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷରେ ୧୭୯ ରନ ଟାର୍ଗେଟର ପିଛା କରି ଚେନ୍ନାଇ ବିନା କ୍ଷତିରେ ରେକର୍ଡ ୧୮୧ ରନ ଚେଜ୍ କରିଥିଲା। ୱାଟଶନ ଓ ଫାଫ୍ ଡୁପ୍ଲେସି ଅତି ସହଜରେ ଏହି ଲକ୍ଷ୍ୟ ପୂରଣ କରିଥିଲେ। କେତୋଟି ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରି ଚେନ୍ନାଇ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବେଶ୍ ସମାଲୋଚିତ ହୋଇଥିଲେ ମଧ ଏବେ ଦଳର ଆତ୍ମବିଶ୍ୱାସ ଫେରିଛି। ଏହି ମ୍ୟାଚ୍‌ରେ ସଂଘର୍ଷରତ କୋଲକାତା ବିପକ୍ଷରେ ଚେନ୍ନାଇ ଫେଭରାଇଟ୍ ବିବେଚିତ ହେଉଛି।

**କୋଲକାତା ନାଇଟ୍ ରାଇଡର୍ସ**

ଦୀନେଶ କାର୍ତ୍ତିକ (ଅଧିନାୟକ), ଆନ୍ଦ୍ରେ ରସେଲ, କମଲେଶ ନାଗରକୋଟି, କୁଲଦୀପ ଯାଦବ, ଲୋକି ଫର୍ଗୁସନ, ନୀତୀଶ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ରିଙ୍କୁ ସିଂ, ସନ୍ଦୀପ ୱାରିୟର, ଶିବମ ମାଭି, ଶୁବମନ ଗିଲ, ସିଦ୍ଧେଶ ଲାଡ, ସୁନୀଲ ନାରିନ, ପ୍ୟାଟ୍ କୁମିନ୍ସ, ଇଅନ ମୋର୍ଗାନ, ବରୁଣ ଚକ୍ରବର୍ତ୍ତୀ, ଟମ୍ ବାଣ୍ଟନ, ରାହୁଲ ତ୍ରିପାଠୀ, କ୍ରିସ୍ ଗ୍ରୀନ୍, ଏମ୍. ସିଦ୍ଧାର୍ଥ, ନିଖିଲ ନାଏକ ଓ ଅଲି ଖାନ।

**ଚେନ୍ନାଇ ସୁପରକିଙ୍ଗ୍ସ**

ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ମୁରଲୀ ବିଜୟ, ଅମ୍ବାତି ରାୟୁଡୁ, ଫାଫ୍ ଡୁପ୍ଲେସି, ଶେନ୍ ୱାଟସନ, କେଦାର ଯାଦବ, ଡ୍ୱେନ ବ୍ରାଭୋ, ରବୀନ୍ଦ୍ର ଜାଡେଜା, ଲୁନ୍‌ଗି ଏନ୍‌ଗିଡି, ଦୀପକ ଚହର, ପୀୟୂଷ ଚାୱଲା, ଇମ୍ରାନ ତାହିର, ମିଚେଲ ସାଣ୍ଟନର, ଜୋଶ ହାଜେଲଉଡ୍, ଶାର୍ଦ୍ଦୁଳ ଠାକୁର, ସାମ୍ କୁରାନ, ଏନ୍. ଜଗଦୀଶନ, ଋତୁରାଜ ଗାଏକ୍ୱାଡ ଓ କର୍ଣ୍ଣ ଶର୍ମା।




Happy Birthday



PINKU
Naranpur, Balibil, Jajpur
-:Best wishes from:-
Bapa, Mama, Jeje, Maa and all Family Members.
D-18520

## କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ସହାୟତା

**ନୂଆଦିଲ୍ଲୀ,୬।୧୦(ପି.ଟି.):** କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଦୁଇଜଣ କ୍ରୀଡ଼ାବିତ୍ ବକ୍ସର ସୁନୀଲ ଚୌହାନ ଏବଂ ତାଙ୍କ ଭାଇ ନୀରଜ ଚୌହାନଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। କୋଭିଡ୍ ଯୋଗୁ ପିତା ଚାକିରି ହରାଇ ଥିବାରୁ ଏହି ଦୁଇଜଣ ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିଲେ। କ୍ରୀଡ଼ାବିତ୍‌ମାନଙ୍କ ଲାଗି ଉଦ୍ଦିଷ୍ଟ ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ନ୍ୟାଶନାଲ ୱେଲଫେୟାର ଫଣ୍ଡ୍ ଫର ସ୍ପୋର୍ଟ୍ସ ପର୍ସନ୍ସରୁ ମନ୍ତ୍ରୀ ଅନୁଗ୍ରହ ପୂର୍ବକ ଉତ୍ତର ପ୍ରଦେଶର ଏହି ଆଥଲେଟ ଦ୍ୱୟଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି।

## ପରଲୋକରେ ପୂର୍ବତନ ଫୁଟ୍‌ବଲର

**କଟକ ଅଫିସ, ୬।୧୦:** ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ଦେବେନ୍ଦ୍ର ନାଥ ଦାସଙ୍କ ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ସେ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ରାଜ୍ୟ ସିନିୟର ପୁରୁଷ ଦଳରେ ପ୍ରତିନିଧିତ୍ୱ କରିଥିଲେ। ଏହାଛଡ଼ା ଚର୍ଚ୍ଚିତ ରାଇଜିଂ ଷ୍ଟାର କ୍ଲବରୁ ଖେଳିବା ସହ ଏହି କ୍ଲବର ସଭାପତି ମଧ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାଲୁବଜାରସ୍ଥିତ ବାସଭବନରେ କ୍ରୀଡ଼ାପ୍ରେମୀ, କ୍ରୀଡା ସଂଗଠକମାନେ ପହଞ୍ଚି ଶେଷଦର୍ଶନ କରି ସହିତ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଛନ୍ତି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଶୋକ ପ୍ରକାଶ କରିଛନ୍ତି।

## କିସ୍‌ରେ ଦୁଇ ଖେଳାଳିଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଜାତୀୟସ୍ତରର ଦୁଇ ମହିଳା କ୍ରୀଡ଼ାବିତ୍‌ଙ୍କୁ ଏଣିକି ଆଉ ଦିନ ମଜୁରିଆ ଭାବେ କାମ କରିବାକୁ ପଡିବ ନାହିଁ। ଜାତୀୟ ପଦକ ବିଜେତା ନୟାଗଡ଼ ଜିଲାର ମହିଳା ରଗ୍‌ବୀ ଖେଳାଳି ସୁଜାତା ପ୍ରଧାନ ଓ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଦୁଧଯୋରୀ ପଞ୍ଚାୟତର ମହିଳା ଫୁଟବଲ ଖେଳାଳି ଲକ୍ଷ୍ମୀ ମୁଣ୍ଡାଙ୍କୁ ମଙ୍ଗଳବାର କିସ୍‌ରେ ନିଯୁକ୍ତି ମିଳିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ମଙ୍ଗଳବାର ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଖେଳାଳି ଦ୍ୱୟ ବିଭିନ୍ନ ସମ୍ମାନଜନକ କ୍ରୀଡା ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି। ଉଭୟ ଖେଳାଳି ନିଯୁକ୍ତି ଦାତାଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଇଂ. ବିଧୁଭୂଷଣ ଦାଶ
ପ୍ଲଟ୍ ନଂ- ୭୨ଏ, ଫରେଷ୍ଟ ପାର୍କ, ଭୁବନେଶ୍ୱର- ୭୫୧୦୦୯
ଆବିର୍ଭାବ: ୧୫।୧୧।୧୯୩୨
ତିରୋଧାନ: ୨୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
-:ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:-
ଜୀବନସାଥୀ- ଜ୍ୟୋତ୍ସ୍ନା, ଝିଅ- ସାଧନା ଏବଂ ବନ୍ଦନା, ପୁତ୍ର- ସଞ୍ଜୀବ, ବୋହୂ- ଜାପାନୀ, ଜ୍ୱାଇଁ: ଅକ୍ଷୟ ଏବଂ ପ୍ରିୟଦର୍ଶୀ ଓ ନାତି, ନାତୁଣୀ- ଶ୍ରୀଦେବ, କୌଶିକ, ଶ୍ରୀରାମ, ଶ୍ୱେତା, ଅନୁରାଜ ଏବଂ ଅନଭିତା।
ଧ-୬୯୫୬୦

# ଫୁଲଚାଷ ସମ୍ପର୍କରେ...



**ତରଳ ଖତ :** ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ସେଥିରେ ୯ ମଗ ପାଣି ମିଶାନ୍ତୁ। ଆଉ ଏଥିରୁ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ।

ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଯଥାଶୀଘ୍ର ଲଗାନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି।

**ସେବତୀ :** ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୂଳକୁ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ)। ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳ ଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ।

**ଗୋଲାପ :** ଅକ୍ଟୋବର ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡ଼ୋପେଷ୍ଟ ପ୍ରୟୋଗ କରନ୍ତୁ।

**ଗ୍ଲାଡ଼ିଓଲସ୍ :** ଏହାର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ପ୍ରତି ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ।

# ଜାଣିରଖନ୍ତୁ...

**ବ**ର୍ଷାଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘର ଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ। କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ।

–ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ।

–କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଆବଶ୍ୟକ।

–ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ। ଅନ୍ୟପକ୍ଷରେ ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ।



# ଲାଭଜନକ ଅଁଳା ଚାଷ



ଡ. ପରେଶ କୁମାର ପଣ୍ଡା



**ଅଁ**ଳାର ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ମୂତ୍ରକାରକ ଔଷଧ, ଶୀତଳନା ପ୍ରଦାନ ଓ ଝାଡାର ନିଦାନରେ ବିଶେଷଭାବରେ ବ୍ୟବହାର କରାଯାଏ। ଶୁଖିଲା ଅଁଳା ପ୍ରଚୁର ରକ୍ତସ୍ରାବ, ପତଳା ଝାଡା, ଲାଳ ଝାଡା, ରକ୍ତହୀନତା, କାହାଳ, ଅଜୀର୍ଣ୍ଣତା, କଫ ଚିକିତ୍ସାରେ ସହାୟକ ହୋଇଥାଏ। ତ୍ରିଫଳା ଓ ଚ୍ୟବନପ୍ରାଶ ପ୍ରସ୍ତୁତିରେ ଏହାର ଯୋଗଦାନ ଅଧିକ। ଅଁଳା ଫଳରୁ ମୁରବା, ଆଚାର, କାଣ୍ଡି, ଜେଲି, ଜାମ୍ ଆଦି ତିଆରି ହୋଇଥାଏ। ଫଳ ବ୍ୟତୀତ ଏହାର ପତ୍ର, ବକ୍କଳ ଓ ମଞ୍ଜି ବିଭିନ୍ନ ଔଷଧୀୟ କାର୍ଯ୍ୟରେ ଲାଗିଥାଏ। ଅଁଳାରେ ପ୍ରଚୁର ଭିଟାମିନ୍ 'ସି' ଭରି ରହିଥାଏ। ଏହାର ବହୁବିଧ ଉପଯୋଗ ହେତୁ ବଜାରରେ ଅଁଳାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

ଆମ ରାଜ୍ୟର ଜଳବାୟୁ ଏହାର ଚାଷ ପାଇଁ ଭଲ। ମୃତ୍ତିକା ସାମାନ୍ୟ ଅମ୍ଳୀୟରୁ କ୍ଷାରୀୟ ଥିବା ଦରକାର। ଉନ୍ନତ ଅଁଳା କିସମ ମଧ୍ୟରେ କାଞ୍ଚନ, କ୍ରିଷ୍ଣା, ବନାରସୀ ଅଁଳା, ଚାକିଆ, ଏନ.ଏ.–୬, ଏନ.ଏ.–୭, ଏନ.ଏ.–୧୦ ଅନ୍ୟତମ। ସାଧାରଣ ଅଁଳାକୁ ନିଗିଡା, ଉର୍ବରିଆ, ଦୋରସା ମାଟିରେ ଚାଷ କରାଯାଏ। ୮–୧୦ ମାସର ନୀରୋଗୀ କଲମୀ ଚାରାଗୁଡିକୁ ୪–୫ମିଟର ଦୂରତାରେ ଜୁଲାଇ–ଅଗଷ୍ଟ କିମ୍ବା ଫେବୃୟାରୀ ମାସରେ ଲଗାଯାଏ। ଏକର ପ୍ରତି ୧୬୦–୨୫୦ଟି ଅଁଳା ଗଛ ଦରକାର ହୋଇଥାଏ। ଅଁଳା ଗଛ ଲଗାଇବାକୁ ଥିବା ଗାତ ୧ମିଟରx୧ମିଟରx୧.ମିଟର ଆୟତନରେ ଦୁଇ ମାସ ପୂର୍ବରୁ ଖୋଳି ରଖନ୍ତୁ। କଲମୀ ଗଛରୁ ଫଳ ତିନି ବର୍ଷରୁ ଆରମ୍ଭ ହେଉଥିବା ବେଳେ ମଞ୍ଜିରୁ ବିକଶିତ ଗଛରୁ ଛଅ ବର୍ଷ ବେଳକୁ ଫଳ ଆସିଥାଏ। ଗାତରେ ୩–୪ ଝୁଡି କମ୍ପୋଷ୍ଟ ଖତ ସହ ଏକ କିମ୍ବା ନିମ୍ବ କିମ୍ବା କରଞ୍ଜ ପିଡଆ କିମ୍ବା ୫୦୦ ଗ୍ରାମ ହାଡ ଗୁଣ୍ଡ ଭରି ଚାରା ଗଛକୁ ସିଧା କରି ମଝିରେ ଭଲ ଭାବରେ ପୋତନ୍ତୁ। ଚାରୋଟି ଗଛକୁ ନେଇ ବର୍ଗାକାର କ୍ଷେତ୍ର ମଧ୍ୟରେ ବରକୋଳି, ପିଜୁଳି, ଲେମ୍ବୁ ଗଛ ନିଆଯାଇପାରେ। ଗଛ ବଢ଼ିବାର ଏକ ବର୍ଷ ବେଳକୁ ଜାନୁୟାରୀ–ଫେବୃୟାରୀ ମାସରେ ଗଛ ପ୍ରତି ୧୦ କିଗ୍ରା ଶଢ଼ା ଖତ/କମ୍ପୋଷ୍ଟ ସହ ୧୦୦ ଗ୍ରାମ ଯବକ୍ଷାରଜାନ+୫୦ ଗ୍ରାମ ଫସଫରସ+୧୦୦ଗ୍ରାମ ପଟାସ୍ (ଅର୍ଥାତ ସାର ହିସାବରେ ଡିଏପି ୧୦୦ଗ୍ରାମ+ୟୁରିଆ ୨୦୦ ଗ୍ରାମ+ପଟାସ ୨୦୦ ଗ୍ରାମ) ପ୍ରୟୋଗ କରନ୍ତୁ। ଏହି ସାରର ପରିମାଣ ୧୦ବର୍ଷ ପର୍ଯ୍ୟନ୍ତ ବର୍ଷକୁ ୧୦ ପ୍ରତିଶତ ବୃଦ୍ଧି କରିଦିଆଯାଏ। ଗଛ ପ୍ରତି ବୋରନ୍ (ଟାଙ୍ଗଣା) ଓ ଦସ୍ତା ୨୦୦ ଗ୍ରାମ କରି ଦୁଇ ବର୍ଷରେ ଥରେ ଦେଲେ ଗଛ ଭଲ ବଢ଼ିଥାଏ।

ଖରାଦିନେ ୨–୩ ସପ୍ତାହ ଅନ୍ତରରେ ଜଳସେଚନ ଦିଅନ୍ତୁ। ବର୍ଷା ଓ ଶୀତଦିନେ ଜଳସେଚନ ଦରକାର ପଡି ନ ଥାଏ। ଅଁଳାର ଫୁଲ ସମୟରେ (ମାର୍ଚ୍ଚରୁ ଏପ୍ରିଲ ମାସ) ଜଳସେଚନ ଦିଅନ୍ତୁ ନାହିଁ। ପ୍ଲାବନ ବା ମନ୍ଦା ଜଳସେଚନ ବଦଳରେ ବୁନ୍ଦା ଜଳସେଚନ ଦିଆଗଲେ ଭଲ। ଦେଖାଯାଇଛି ବୁନ୍ଦା ଜଳସେଚନ ଦେଇ ତୃତୀୟ ବର୍ଷ ବେଳକୁ ଗଛ ପ୍ରତି ୩୦ କିଗ୍ରା ଓଜନର ଭଲ ଫଳ ମିଳିଥାଏ। ପ୍ରଥମ ବର୍ଷ ଗଛରେ ବିପରୀତ ଦିଗରେ ୨–୪ଟି ଡାଳ ଛାଡନ୍ତୁ। ଅନାବଶ୍ୟକ ବୃଦ୍ଧି ହେଉଥିବା ଡାଳଗୁଡ଼ିକୁ ମାର୍ଚ୍ଚ–ଏପ୍ରିଲ ମାସରେ ଫୁଲ ଆସିବା ପୂର୍ବରୁ କାଟି ଦିଅନ୍ତୁ। ପରବର୍ତ୍ତୀ ବର୍ଷରେ ୪–୬ଟି ଶାଖା ଛାଡ଼ନ୍ତୁ। ଯାହାହେଉନା କାହିଁକି ମୃତ, ଫଟା, ଦୁର୍ବଳ ଏବଂ ଛନ୍ଦି ହେଉଥିବା ଡାଳଗୁଡିକୁ ନିୟମିତ କାଟି ଦେବା ଦରକାର। ଗଛର ମୂଳକୁ ଛାଦିକରଣ କଲେ ଭଲ। ଅଁଳା ବଗିଚାରେ ଅନ୍ତଫସଲ ଭାବରେ ପନିପରିବା, ଫୁଲ, ଔଷଧୀୟ ଗଛ ଚାଷ କରାଯାଇପାରେ।

ସାଧାରଣତଃ ଅଁଳା ଗଛରେ ପତ୍ରମୋଡା, ଗଣ୍ଡିସୁଡଙ୍ଗୀ, ଦହିଆ ଓ ଡାଳିମ୍ବ ପ୍ରଜାପତି ପୋକ ଲାଗିଥାଏ।



ବଗିଚାକୁ ସର୍ବଦା ପରିଷ୍କାର ରଖି ଡାଳକୁ ଲଗାଲଗି ହୋଇ ବଢ଼ିବାକୁ ନ ଦେଇ ପୋକ ନିୟନ୍ତ୍ରଣ ଲାଗି ଫୋଫେନୋଫସ ୫୦ ପ୍ରତିଶତ ଇ.ସି.ର ୨୦ ମି.ଲି./ସିଆଣ୍ଟ୍ରାନିଲିପ୍ରୋଲ ୧୦.୨୬ ପ୍ରତିଶତ ଓ.ଡି.ର ୭.୫ ମି.ଲି.କୁ ୧୦ଲିଟର ପାଣି ପ୍ରତି ମିଶାଇ ସିଞ୍ଚନ କରନ୍ତୁ। ରୋଗ ହିସାବରେ କଳଙ୍କି, ଫଳପଚା, ପତ୍ରପଚା ଓ ପୋଡା ରୋଗ ଦେଖାଦେଇପାରେ। ତାହାକୁ ନିରାକରଣ ନିମନ୍ତେ ଡାଇଫୋନୋକୋନାଜୋଲ ୨୫ ପ୍ରତିଶତ ଇ.ସି.ର ୧୦ ମିଲି/ସି.ଓ.ସି. ୩୦ ଗ୍ରାମକୁ ୧୦ ଲିଟର ପାଣି ପ୍ରତି ମିଶାଇ ଗଛରେ ସିଞ୍ଚନ କରନ୍ତୁ।

ପୂରା ବିକଶିତ ବାଦାମୀ ରଙ୍ଗର ଫଳକୁ ଅମଳ କରନ୍ତୁ। ବିଳମ୍ବ ହେଲେ ଫଳ ଝଡିପାରେ। ଅମଳ ସମୟ ପ୍ରାତଃକାଳ କିମ୍ବା ଅପରାହ୍ଣ। ୧୦–୧୨ବର୍ଷ ବେଳକୁ ଗଛ ପୂର୍ଣ୍ଣ ଭାବେ ଫଳ ଧାରଣ କରିଥାଏ ଓ ତାହା ୬୦–୭୫ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ। ଗଛ ପ୍ରତି ୧–୩ କୁଇଣ୍ଟାଲ ଅଁଳା ଅମଳ ଓ ଏକର ପ୍ରତି ଭଲ ଫସଲରୁ ୬୦–୮୦ କୁଇଣ୍ଟାଲ ଅମଳ ମିଳିଥାଏ। ଫଳଗୁଡ଼ିକୁ ହାତରେ ତୋଳାଯାଏ। ଫଳର ଆକାର ଅନୁଯାୟୀ ଯଥା ବଡ ଫଳକୁ ଫଳ ସଂରକ୍ଷଣ ଓ କ୍ୟାଣ୍ଡି ପାଇଁ, ଛୋଟ ଫଳଗୁଡ଼ିକୁ ଚ୍ୟବନପ୍ରାଶ ଓ ତ୍ରିଫଳା ନିମନ୍ତେ ଏବଂ ଫଟା/ଘଷରା/ଚେପେଟା ଫଳଗୁଡ଼ିକୁ ଅଁଳାଗୁଣ୍ଡ ଓ ସାମ୍ପୋ ତିଆରିରେ ବ୍ୟବହାର କରାଯାଏ। ଫଳ ୬–୯ଦିନ ପର୍ଯ୍ୟନ୍ତ ଖୋଲାରେ ରହିପାରେ। ବାଉଁଶ ପାଛିଆରେ ଅଁଳା ଫଳକୁ ସ୍ଥାନୀୟ ବଜାରକୁ ପଠାଯାଏ। ଏକ ଏକର ଚାଷ ପାଇଁ ପ୍ରଥମେ ୮୦ହଜାରରୁ ୧ ଲକ୍ଷ ଟଙ୍କା ଦରକାର। ଆୟ ପଞ୍ଚମ ବର୍ଷ ବେଳକୁ ବର୍ଷ ପ୍ରତି ୫୦–୬୦ ହଜାର ମିଳିଥାଏ। ବିକ୍ରିବଟା ତଥା ଏବିଷୟରେ ଅଧିକ ଜାଣିବା ପାଇଁ ଉଦ୍ୟାନ କୃଷି ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ।

*–ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

# ସ୍ୱାବଲମ୍ବୀ କରିଛି ଛେଳି ପାଳନ

ଡା. ବୀରକିଶୋର ପରିଡ଼ା

**କ**ଥାରେ ଅଛି– ଛେଳି ହେଉଛି ଋଣ ପରିଶୋଧକାରୀ। ଏହାକୁ ପାଥେୟ କରି କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର ସାଲେଭଟ୍ଟା ଗ୍ରାମର ବୀରେନ୍ କୁମାର ସାହୁ ଆରମ୍ଭ କରିଛନ୍ତି ବୈଜ୍ଞାନିକ ପଦ୍ଧତିରେ ଏକ ଆଦର୍ଶ ଛେଳି ଫାର୍ମ। ଭବାନୀପାଟଣା ସଦର ମହକୁମାଠାରୁ ୩୦ କି.ମି. ଓ କର୍ଲାପଡାଠାରୁ ୧୨ କି.ମି. ପଶ୍ଚିମ ଦିଗରେ ଉଦନ୍ତୀ ନଦୀ ନିକଟରେ ଏହି ଫାର୍ମ ଅବସ୍ଥିତ। ଏପରି ପରିବେଶରେ ବୀରେନ୍ ଏବଂ ତାଙ୍କର ପତ୍ନୀ ଜୟନ୍ତୀ ମହାପାତ୍ର କିଛି ଟଙ୍କା ସଞ୍ଚୟ କରି ଛେଳି ଫାର୍ମ କରିବାକୁ ମନ ବଳାଇଲେ। ତା'ସହ ପାରମ୍ପରିକ ରୀତିରେ ଛେଳି ପାଳନ ଅପେକ୍ଷା ଆଧୁନିକ ତଥା ବୈଜ୍ଞାନିକ ପ୍ରଣାଳୀରେ ଛେଳି ଫାର୍ମ କରିବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଲେ। ଛେଳି ଆଣିବା ପୂର୍ବରୁ ସେ ସେମାନଙ୍କର ସବୁଜ ଖାଦ୍ୟ ପାଇଁ ତିନି ଏକର ଜାଗାରେ ସବୁଦିନିଆ ଘାସ ଚାଷ କଲେ। ତା'ପରେ ୨୦ ଫୁଟ ଚଉଡା ଓ ୬୦ ଫୁଟ ଲମ୍ବର ଭାଡି ପ୍ରଣାଳୀରେ ଛେଳି ଘର ନିର୍ମାଣ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କଠାରୁ ୨୦୧୭ରେ ୩୦ଟି ଦେଶୀ ପ୍ରଜାତିର ମାଈ ଛେଳି ଆଣି ଛେଳି ଫାର୍ମ ଆରମ୍ଭ କଲେ।



ବୀରେନ୍ କୁମାର ସାହୁ



ଜୟନ୍ତୀ ମହାପାତ୍ର

ବର୍ତ୍ତମାନ ଏହି ଛେଳି ଫାର୍ମରେ ୫ଟି ଜାମୁନାପାରୀ ବୋଦା ସହିତ ୬୦ଟି ଛେଳି, ୧୦ଟି ଅଣ୍ଡିରା ଛୁଆ ଓ ୧୫ଟି ମାଈ ଛୁଆ ଅଛନ୍ତି। ଛେଳି ଘର ୪ ଫୁଟ ଉଚ୍ଚତାବିଶିଷ୍ଟ ଭାଡି ପ୍ରଣାଳୀରେ ତିଆରି ହୋଇଥିବାରୁ ତା' ଭିତରେ ଛେଳିଗୁଡିକ ବେଶ୍ ଆରାମରେ ରହିପାରୁଛନ୍ତି। ଛେଳି ରହୁଥିବା ଭାଡିକୁ ସେ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିଥାଆନ୍ତି। ଫଳରେ ସେ ପାଳନ କରିଥିବା ଛେଳିଗୁଡିକ ନୀରୋଗ ଓ ସ୍ୱାସ୍ଥ୍ୟବାନ ହୋଇପାରୁଛନ୍ତି। ଛେଳିଙ୍କର ଖାଦ୍ୟର ଚାହିଦା ପୂରଣ କରିବା ପାଇଁ ମିଶ୍ରିତ ଦାନା ଓ ସାଇଲେଜ ଖାଇବାକୁ ଦେଉଛନ୍ତି। ଛେଳି ଫାର୍ମ ପରିଚାଳନାରେ ବୀରେନଙ୍କୁ ତାଙ୍କର କକା ସନାତନ ସାହୁ ସହଯୋଗର ହାତ ବଢ଼ାଇଛନ୍ତି। ଯେହେତୁ ବୀରେନ ଅନ୍ୟ କାମରେ ବ୍ୟସ୍ତ ରହନ୍ତି, ତେଣୁ ଏହି ଫାର୍ମର ସମସ୍ତ କାମ ସନାତନ ହିଁ ତଦାରଖ କରନ୍ତି। ଏହି ଫାର୍ମ ବିଷୟରେ ବୀରେନ୍ କହନ୍ତି, ''ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ କୁମାରୀ ଜ୍ୟୋତିର୍ମୟୀ ନାୟକ ଛେଳିଙ୍କୁ ପିପିଆର୍, ଛେଳି ବସନ୍ତ, ଅନ୍ତଃ ବିଷାଣୁ, ଫାଟୁଆ ଆଦି ଟିକା ଠିକଣା ସମୟରେ ଦେଉଛନ୍ତି। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚୈତନ୍ୟ ଚରଣ ସେଠୀ ଏବଂ ଅତିରିକ୍ତ ଜିଲା ପ୍ରାଣୀ ଅଧିକାରୀ ଉକ୍ତ ଫାର୍ମକୁ ନିକଟରେ ପରିଦର୍ଶନ କରି ଏହି ଛେଳି ଫାର୍ମର ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଉପାଦେୟ ଟିପ୍ସ ଦେଇଥିଲେ। ଏହି ଫାର୍ମ ମୋତେ ନୂଆ ପରିଚୟ ଦେଇଛି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ। ତା'ସହ କୌଣସି ଅସୁବିଧା ହେଲେ ମୁଁ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥାଏ ଏବଂ ସେମାନେ ମୋତେ ସବୁବେଳେ ସାହାଯ୍ୟ କରିଥାଆନ୍ତି।''

ଏହି ଛେଳି ଫାର୍ମରୁ ବୀରେନ୍ ମାସକୁ ପ୍ରାୟ ୨୦,୦୦୦ରୁ ୨୫,୦୦୦ ଟଙ୍କା ଲାଭ ପାଇଥାଆନ୍ତି। ଏଥି ସହିତ ଛେଳି ଲଣ୍ଡିରୁ ଉତ୍କୃଷ୍ଟ ଜୈବିକ ଖତ ପ୍ରସ୍ତୁତ କରିଥାଆନ୍ତି। ଏହି ଫାର୍ମରୁ ସେ ପାଖାପାଖି ୨୦ଟି ଛେଳି ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥିବା କୁହନ୍ତି। ଖାସ୍ କଥା ହେଲା, ଏହି ଫାର୍ମରୁ ବର୍ତ୍ତମାନ ୫–୬ ଟ୍ରାକ୍ଟର ଛେଳି ଲଣ୍ଡିରୁ ପ୍ରସ୍ତୁତ ଜୈବିକ ଖତ ବର୍ଷକୁ ବିକ୍ରି ହେବା ସହ ଅନ୍ୟ ଫସଲରେ ବ୍ୟବହାର ହୋଇପାରୁଛି। ତା'ସହ ଆଖପାଖ ଅଞ୍ଚଳରୁ ଚାଷୀମାନେ ସେମାନଙ୍କର ଛେଳି ଗରମ ଥିବା ସମୟରେ ଏହି ଫାର୍ମର ବୋଦାଙ୍କ ସହ ପ୍ରାକୃତିକ ସଙ୍ଗମ କରାଇ ଲାଭବାନ ହେଉଛନ୍ତି। ଉକ୍ତ ଛେଳି ଫାର୍ମରେ ସ୍ଥାନୀୟ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇ ଛେଳିପାଳନ ଉପରେ ଲବ୍ଧ ଜ୍ଞାନକୁ ନିଜ ଅଞ୍ଚଳରେ ଉପଯୋଗ କରିପାରୁଛନ୍ତି।

ଏହି ଛେଳି ଫାର୍ମ ବ୍ୟତୀତ ବୀରେନ୍ ଦୁଇ ଏକର ଜମିରେ ଅମୃତଭଣ୍ଡା, ଦୁଇ ଏକର ଜମିରେ ଆମ୍ବ ଏବଂ ଦେଢ଼ ଏକର ଜମିରେ କଦଳୀ ଚାଷ କରି ବେଶ୍ ଦି' ପଇସା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ଭବିଷ୍ୟତରେ ଏହି ଛେଳି ଫାର୍ମର ଦକ୍ଷତା ୫୦୦ ଛେଳିକୁ ବୃଦ୍ଧି କରିବା, ସ୍ଥାନୀୟ ଅଞ୍ଚଳରେ ପ୍ରାକତିକ ସଙ୍ଗମ ପାଇଁ ସୁଯୋଗ ସୃଷ୍ଟି କରିବା, କୃତ୍ରିମ ପ୍ରଜନନ ଜରିଆରେ ଉନ୍ନତ ଛେଳି ଛୁଆ ଉତ୍ପାଦନ, ଉନ୍ନତ ବୋଦା ବା ଛେଳିଛୁଆର କ୍ରୟ–ବିକ୍ରୟ ବ୍ୟବସ୍ଥା କରିବା, ଛେଳିଚାଷୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବା ନେଇ ଲକ୍ଷ୍ୟ ରଖିଛନ୍ତି ବୀରେନ୍। 'ଚାକିରି ପଛରେ ନ ଧାଇଁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ମୁଁ ଛେଳିପାଳନ ଆରମ୍ଭ କରିଥିଲି ଏବଂ ଏ ପର୍ଯ୍ୟନ୍ତ ମୋତେ ଯେତିକି ସଫଳତା ମିଳିଛି ତାହାକୁ ପାଥେୟ କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିବି। ନିକଟ ଭବିଷ୍ୟତରେ ଛେଳି, ଛେଳି ମାଂସ ଏବଂ ମୋ ପରିବା ଫାର୍ମରୁ ଉତ୍ପାଦିତ ପନିପରିବା ବିକ୍ରି ପାଇଁ ସ୍ଥାନୀୟ ଅଞ୍ଚଳରେ ଚାରୋଟି ଆଉଟ୍‌ଲେଟ୍ ପ୍ରତିଷ୍ଠା କରିବାକୁ ଯୋଜନା ରଖିଛି। ଏ ପର୍ଯ୍ୟନ୍ତ ନିଜସ୍ୱ ପାଣ୍ଠିରୁ ମୁଁ ଅର୍ଥ ବ୍ୟୟ କରି ଛେଳି ଫାର୍ମକୁ ପରିଚାଳନା କରୁଛି। ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟାଙ୍କରୁ ଲୋନ୍ ଆଣିନାହିଁ ବୋଲି କହନ୍ତି ସେ। ତେବେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଛନ୍ତି ବୀରେନ୍।

*ମୋ : ୭୪୩୭୬୦୭୩୧୨*

# ଏ ମାସର କୃଷି ସୂଚନା

(ଶେଷ ଭାଗ)

**ମାଣ୍ଡିଆ:** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ:** ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା:– ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି–୨୬୨ ସଂଗ୍ରହ କରନ୍ତୁ ।

**ହରଡ଼ :** ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ଟ୍ରାଇଆଜୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ବୁଟ, ମସୁର, ମଟର

**ଉନ୍ନତ କିସମ ବୁଟ :** ରାଧେ, ଆନେଗିରି–୧, ମୋତି, ଆଇ.ସି.ସି.ଭି.–୨, ଆଇ.ସି.ସି.ଭି.–୧୦, ପୁଷା–୩୭୨।

**ଉନ୍ନତ କିସମ ମସୁର :** ବି–୭୭, ପୁଷା–୮, କେ–୭୫, ପନ୍ଥ ଏଲ୍–୪୦୬, ପନ୍ଥ ଏଲ୍–୬୩୯।

**ଉନ୍ନତ କିସମ ମଟର :** ରଚନା, ଟି–୧୬୩, ଇସି–୩୩୮୬, ସ୍ୱର୍ଣ୍ଣରେଖା, ଅର୍କେଲ୍ ଇତ୍ୟାଦି ବିହନ ସଂଗ୍ରହ କରନ୍ତୁ।

**କୋଳଥ :** ଉର୍ମି, ଡି.ଏସ୍. ୧–୨, ଡି.ଏସ୍.୧–୨–୨, ନୟାଗଡ଼–୧ ଆଦି କିସମ ସଂଗ୍ରହ କରି ଅକ୍ଟୋବର ୧୫ ତାରିଖ ସୁଦ୍ଧା ବୁଣାକାମ ଶେଷ କରନ୍ତୁ ।



### ସବୁଜ ଗୋଖାଦ୍ୟ ପାଇଁ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ, ୪୦କି.ଗ୍ରା ଯବକ୍ଷାରଜାନ, ୪୦କି.ଗ୍ରା ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ଆଶଙ୍କା ଥିଲେ ଶେଷଓଡ଼ ଚାଷରେ ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

### ମକାଚାଷ

**ମ**କାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ। ଏହା ଦ୍ୱାରା ସହଜରେ ମକା ଅମଳ କରିପାରିବେ।

ଜମି ପ୍ରସ୍ତୁତ କରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

**ଚିନାବାଦାମ:** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

–ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.–୩୮, ଟି.ଏସ୍.ଭି.–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

**ରାଶି:** ଡିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଏବଂ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ ୩ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୨ ଗ୍ରାମ୍ ଥିରାମ ଗୋଳାଇ ବିଶୋଧନ କରନ୍ତୁ ।

–ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

**ଆଖୁ :** ବର୍ଷା ଯୋଗୁଁ ଆଖୁ କିଆରିରେ ପାଣି ଜମିଥିଲେ ନିଷ୍କାସନ କରନ୍ତୁ ।

–ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ ।

–ନାଲି ଶଢ଼ା ଆକ୍ରାନ୍ତ ବୁଦା ଓପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

# ସୂର୍ଯ୍ୟମୁଖୀ



- ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା– ମଡର୍ନ, ଇ.ସି.–୬୮୪୧୪, ଇ.ସି.–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ଶଙ୍କର ଜାତୀୟ ପି.ଏ.ସି.–୩୬, କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪ ଓ ଏମ୍.ଏସ୍.ଏଫ୍.ଏଚ୍.–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।
- ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା କ୍ୟାପ୍‌ଟାନ୍ ଗୁଣ୍ଡ ମିଶାଇ ବିହନ ବିଶୋଧନ କରନ୍ତୁ କିମ୍ବା ୨ ଗ୍ରାମ୍ କାର୍ବୋସ୍କିନ୍ ସହିତ ଥିରାମ୍ ୧ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

## ସ୍ୱଚ୍ଛସାଥୀଙ୍କ ବୈଠକ

**କଟକ ଅଫିସ:** କଟକ ମହାନଗର ନିଗମ(ସିଏମସି) ଜୋନ-୩ର ସ୍ୱଚ୍ଛସାଥୀଙ୍କର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିମଳକୁ ନେଇ କିପରି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ନେଇ ଆଲୋଚନା କରାଯାଇଥିଲା। ଏଥିସହ ହାଉସ ସିୱର କନେକ୍ସନ ଚୟନ କରିବାକୁ କିଭଳି ସ୍ଥାନୀୟ ବାସିନ୍ଦାଙ୍କୁ ଉତ୍ସାହିତ କରାଯାଇପାରିବ ସଚେତନ କରାଯାଇଥିଲା। ଅଞ୍ଚଳରେ ହାଉସ ସିୱର କନେକ୍ସନର ଆବେଦନପତ୍ର ବାଣ୍ଟିବେ ଏବଂ ସଂଗ୍ରହ କରିବେ ବୋଲି ଏହି ବୈଠକରେ କୁହାଯାଇଥିଲା। ଏଥିରେ ସିଏମସିର ପରିମଳ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବତୀଙ୍କଠାରୁ ସୁନାଚେନ୍ ଲୁଟ

**ଭୁବନେଶ୍ୱର,୬।୧୦(ବ୍ୟୁରୋ):** ଶହୀଦନଗର ଥାନା ଆଚାର୍ଯ୍ୟ ବିହାରସ୍ଥିତ ଆପୋଲୋ ହସ୍ପିଟାଲ ନିକଟରେ ଲୁଟେରା ଜଣେ ଯୁବତୀଙ୍କଠାରୁ ସୁନାଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ୍ ନଂ.୪୨୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଶୁଭଶ୍ରୀ ଜେନା ଆଶ୍ଚାର୍ଯ୍ୟବିହାର ରହି ଏକ ଘରୋଇ ସଂସ୍ଥାରେ କାମ କରୁଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟାରେ ଶୁଭଶ୍ରୀ ଏକ ସ୍କୁଟି ଯୋଗେ ସୈନିକ ସ୍କୁଲ ଦେଇ ଆଚାର୍ଯ୍ୟବିହାର ଅଭିମୁଖେ ଆସୁଥିଲେ। ଆପୋଲୋ ହସ୍ପିଟାଲ ନିକଟରେ ଏକ ବାଇକରେ ଦୁଇ ଜଣ ଲୁଟେରା ମୁହଁରେ ମାସ୍କ ବାନ୍ଧି ପଛରୁ ଆସିଥିଲେ। ଶୁଭ୍ରଶ୍ରୀ କିଛି ଭାବିବା ପୂର୍ବରୁ ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିଲେ ଲୁଟେରା। ଲୁଟ ପରେ ଲୁଟେରାମାନେ ତାଙ୍କ ସ୍କୁଟିକୁ ଗୋଇଠା ମାରିବାରୁ ଭାରସାମ୍ୟ ହରାଇ ଶୁଭଶ୍ରୀ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ପରେ ପୋଲିସ ହସ୍ପିଟାଲରେ ପହଞ୍ଚି ଶୁଭଶ୍ରୀଙ୍କ ବୟାନ ରେକର୍ଡ କରିଛି।

### ବିଲୁଆ କାମୁଡ଼ାରେ ୪ ଗୁରୁତର

**ଗୋପ,୬।୧୦(ଡି.ଏନ୍.ଏ.):** ଗତ ୨ ଦିନ ଧରି ଗୋପ ଥାନା ଅଧୀନ ବେଣୀପୁର ଗ୍ରାମରେ ଏକ ବିଲୁଆ ଆତଙ୍କ ସୃଷ୍ଟି କରୁଛି। ଏପରି କି ଏହି ବିଲୁଆ ଲୋକଙ୍କୁ ଦେଖି କାମୁଡୁଥିବାବେଳେ ଗ୍ରାମର ୪ଜଣ ଗୁରୁତର ହୋଇଛନ୍ତି। ଗ୍ରାମର ଫକୀର ଚରଣ ଦାସ (୬୫) ଭିକାରି ଦାସ (୫୫) ଲିଙ୍ଗରାଜ ମଲ୍ଲିକ (୭୦) ଓ ନୀଳୁ ଦାସ (୧୯)ବର୍ଷ ଗୁରୁତର ହୋଇ ଚାରିଛକ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ୨ଦିନ ହେବ ଏହି ବିଲୁଆଟି କୌଣସି ଜାଗାରୁ ଗ୍ରାମକୁ ଚାଲିଆସିଛି। ଲୋକଙ୍କୁ ଦେଖି ବିଲୁଆଟି ଗୋଡାଉଥିବାବେଳେ ଭୟରେ ଲୋକମାନେ ଘରୁ ବାହାରି ପାରୁ ନାହାନ୍ତି। ଏ ନେଇ ଗାଁରେ ଆତଙ୍କ ଦେଖାଦେବାରେ ଗ୍ରାମର କରୁଣାକର ସାହୁ, ଲକ୍ଷ୍ମଣ ସାହୁ ଗୋପ ବନ ବିଭାଗକୁ ଖବର ଦେଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପରେ ଗ୍ରାମର କେତେଜଣ ଯୁବକ ଏକାଠି ହୋଇ ଏହି ଆତଙ୍କ ସୃଷ୍ଟି କାରି ବିଲୁଆକୁ ମଙ୍ଗଳବାର ପିଟି ମାରି ଦେଇଥିଲେ।

### ମହିଳା ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୬।୧୦(ବ୍ୟୁରୋ):** ପାଚେରି ନିର୍ମାଣକୁ କେନ୍ଦ୍ରକରି ଲକ୍ଷ୍ମୀସାଗର ଥାନା ଗୋବିନ୍ଦ ପ୍ରସାଦ ଅଞ୍ଚଳର ଆଇନଜୀବୀ ଦୀପ୍ତିମୟୀ ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦୀପ୍ତିମୟୀଙ୍କ ଗୋବିନ୍ଦପ୍ରସାଦରେ ଏକ ଜମି ରହିଛି। ମଙ୍ଗଳବାର ଉକ୍ତ ଜିମିରେ ସେ ପାଚେରି ନିର୍ମାଣ କରୁଥିଲେ। ଏହାକୁ ସ୍ଥାନୀୟ କିଛି ଲୋକେ ବିରୋଧ କରିଥିଲେ। ବିରୋଧ କାହିଁକି କରୁଛ ବୋଲି ଦୀପ୍ତିମୟୀ ପଚାରିବାରୁ କେତେଜଣ ଲୋକ ଲୁହାରଡ଼ ଏବଂ କାଠ ଫାଳିଆରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାଦେଖି ତାଙ୍କ ସ୍ୱାମୀ ଅଟକରବା ପାଇଁ ଯିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଦୀପ୍ତିମୟୀଙ୍କ ସ୍ୱାମୀ ପୋଲିସକୁ ଫୋନ୍ କରିବା ପରେ ପିସିଆର ଭ୍ୟାନ ସେଠାରେ ପହଞ୍ଚିଥିଲା। ଅଭିଯୁକ୍ତମାନେ ପୋଲିସକୁ ଦେଖି ଫେରାର ହୋଇଯାଇଥିଲେ। ପୋଲିସ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ।

# ଗୋଟି ଖଟିବାକୁ ମନା କରିବାରୁ ଆକ୍ରମଣ

## ଗାଁରୁ ବିତାଡ଼ିତ ପରିବାର ସୁରକ୍ଷା ଲୋଡ଼ିଲେ

**ପୁରୀ ଅଫିସ,୬।୧୦**



ଉପଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ପରିବାର ଲୋକେ।

ଏକବିଂଶ ଶତାବ୍ଦୀରେ ବି ଗୋଟି ପ୍ରଥା ଭଳି ହୀନ ମାନସିକତା ଦୂର ହୋଇ ନାହିଁ। ଫଳସ୍ୱରୂପ ଗୋଟି ଖଟିବାକୁ ମନା କରିବାରୁ ଏକ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଏପରି କି ତାଙ୍କ ଘରେ ନିଆଁ ଲଗାଇ ଦିଆଯାଇଥିବା ବେଳେ ସେମାନଙ୍କୁ ଗାଁରୁ ବିତାଡ଼ିତ କରାଯାଇଛି ବୋଲି ମଙ୍ଗଳବାର ଉପଜିଲାପାଳଙ୍କୁ ଜଣାଇଛନ୍ତି ବ୍ରହ୍ମଗିରି ବ୍ଲକ ମନାପୁର ଗାଁର ପ୍ରହ୍ଲାଦ ବାରିକ। ସୂଚନାଯୋଗ୍ୟ, ବାର୍ଷିକ ଧାନ ବର୍ତ୍ତନ ନେଇ ପ୍ରହ୍ଲାଦ କୌଳିକ ସେବା କରିଆସୁଥିଲେ। ମାତ୍ର ଗୋଟିମୁକ୍ତି ପ୍ରମାଣପତ୍ର ପାଇବା ପରେ ଗୋଟି ଖଟିବାକୁ ମନା କରିବାରୁ ଗାଁର କେତେଜଣ ଲୋକ ଗତବର୍ଷ ମେ ୧୧ରେ ତାଙ୍କ ଆଜବେଷ୍ଟସ୍ ଘର ଭାଙ୍ଗି ମାଡ଼ ମାରିବା ସହ ସମ୍ପତ୍ତି ଲୁଟି ନେଇଥିଲେ। ଏ ନେଇ ପୋଲିସ ଏବଂ ପ୍ରଶାସନକୁ ଜଣାଇବା ପରେ ସେମାନେ ଗତ ମାସ ୨୭ତାରିଖ ରାତିରେ ତାଙ୍କ ଘର ପୋଡ଼ିଦେବା ସହ ସଂଘବଦ୍ଧ ଆକ୍ରମଣ କରି ଗାଁରୁ ତଡ଼ି ଦେଇଥିଲେ। ଗାଁକୁ ଫେରିଲେ ଜୀବନରେ ମାରିଦେବାର ଧମକ ମଧ୍ୟ ଦେଇଛନ୍ତି। ତେଣୁ ମହାମାରୀ ସମୟରେ ୨୮ଜଣ ସଦସ୍ୟ ରହିବେ କେଉଁଠି, ଖାଇବେ କ'ଣ, ବଞ୍ଚିବେ କେମିତି ବୋଲି ପ୍ରହ୍ଲାଦ ପ୍ରଶ୍ନ କରିଛନ୍ତି। ତେଣୁ ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ସେ ଉପଜିଲାପାଳଙ୍କୁ ଜଣାଇଛନ୍ତି। ୧୫ ତାରିଖ ସୁଦ୍ଧା ଗାଁରେ ସେମାନଙ୍କୁ ଥଇଥାନ କରା ନ ଗଲେ ପିଲାଛୁଆ ଧରି ସପରିବାର ୧୬ ତାରିଖରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ପ୍ରହ୍ଲାଦ ଦର୍ଶାଇଛନ୍ତି।


ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଥିବା କଟକ ବକ୍ସିବଜାର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଫାଇବରରେ ନିର୍ମିତ ବଣମଣିଷ।

# ପୁରୀରୁ ୧୨୪, ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୮୫ ପଜିଟିଭ୍

**ପୁରୀ ଅଫିସ/ ଖୋର୍ଦ୍ଧା ଅଫିସ,୬।୧୦**

ପୁରୀ ଜିଲାରେ ଏବେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଯାହା ସେପ୍ଟେମ୍ବର ଆରମ୍ଭରୁ ପ୍ରତ୍ୟହ ୨୦୦/୩୦୦ ଉପରକୁ ଆକ୍ରାନ୍ତ ଚିହ୍ନଟ ହେଉଥିଲେ, ଏବେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଅକ୍ଟୋବରର ଏପର୍ଯ୍ୟନ୍ତ କୌଣସି ଦିନ ସଂଖ୍ୟା ୨୦୦ ଛୁଇଁନାହିଁ। ସୋମବାର ୭୯ଜଣ ପଜିଟିଭ ବାହାରିଥିବା ବେଳେ ମଙ୍ଗଳବାର ୧୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୦,୭୯୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୯,୨୯୬ଜଣ ସୁସ୍ଥ ହୋଇଥିବା ବେଳେ ୧,୪୩୭ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷେ କରୋନାରେ ପୁଣି ଜଣଙ୍କ ଜୀବନ ଯାଇଛି। ଫଳରେ ଏପର୍ଯ୍ୟନ୍ତ ଜିଲାର ୬୩ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ ୯୯,୨୦୯ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୮୬.୧୧ ପ୍ରତିଶତ। ତେବେ ମଙ୍ଗଳବାର ଚିହ୍ନଟଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୧୫ଜଣ ରହିଥିବା ବେଳେ ବିଭିନ୍ନ ବ୍ଲକ ଓ ଏନ୍ଏସିରୁ ୧୦୯ଜଣ ଚିହ୍ନଟ ହୋଇଛନ୍ତି।

ସେହିପରି ଖୋର୍ଦ୍ଧା ଗ୍ରାମାଞ୍ଚଳରେ ରବିବାର ୮୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୨୩ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୦, ବାଲିପାଟଣା ୧୧, ଭୁବନେଶ୍ୱର ବ୍ଲକ ୫, ଜଟଣୀ ୮, ଖୋର୍ଦ୍ଧା ବ୍ଲକ ୨୩, ବେଗୁନିଆ ୪, ବୋଲଗଡ ୩, ଟାଙ୍ଗୀ ୯, ଚିଲିକା ୪ ଓ ବାଣପୁରର ୮ଜଣ ରହିଛନ୍ତି। ଅନ୍ୟପଟେ ମଙ୍ଗଳବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୮୭୦ରେ ପହଞ୍ଚିଛି। ୯୮୦୬ଜଣ ସୁସ୍ଥ ହୋଇଛନ୍ତି। ୧୦୧୮ଜଣ ସକ୍ରିୟ ରହିଥିବା ବେଳେ ୪୬ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଖୋର୍ଦ୍ଧା ଉପଖଣ୍ଡରେ ସୁସ୍ଥ ହାର ୮୯%

**ଖୋର୍ଦ୍ଧା ଅଫିସ,୬।୧୦**

ଖୋର୍ଦ୍ଧା ଉପଖଣ୍ଡରେ ଆରୋଗ୍ୟ ହାର ବୃଦ୍ଧି ପାଇବାରେ ଲାଗିଛି। ଅକ୍ଟୋବର ୫ ସୁଦ୍ଧା ଉପଖଣ୍ଡରେ ୬୭୩୯ଜଣ ଆକ୍ରାନ୍ତ ହୋଇଥିବା ବେଳେ ୬୦୫୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୨ଜଣଙ୍କ ମୃତ୍ୟୁ ଘଟିଛି। ୬୫୨ଜଣ ସକ୍ରିୟ ରହିଛନ୍ତି। ସେଥିରୁ ୫୩୬ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ମୃତକଙ୍କ ମଧ୍ୟରେ ବାଣପୁର ବ୍ଲକର ୫, ଚିଲିକା ୩, ଟାଙ୍ଗୀ ୩, ବୋଲଗଡ଼ ୫, ବେଗୁନିଆ ୪, ଖୋର୍ଦ୍ଧା ବ୍ଲକ ୪, ବାଣପୁର ଏନ୍ଏସି ୪, ବାଲୁଗାଁ ଏନ୍ଏସି ୧ ଏବଂ ଖୋର୍ଦ୍ଧା ପୌରାଞ୍ଚଳରୁ ୩ଜଣ ରହିଛନ୍ତି।

# ପୋଲିସର ପକ୍ଷପାତିତା ଅଭିଯୋଗ

**ପୁରୀ ଅଫିସ,୬।୧୦**

ପୁରୀ ସଦର ଥାନା ପୋଲିସ ପକ୍ଷପାତିତା ଅଭିଯୋଗ କରିଥିବା ନେଇ ଜଣେ ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଥାନା ଅଧୀନ ପଲ୍ଲୀ (ନୂଆପାଟଣା) ଗ୍ରାମର ଶୋଭା ବିଶ୍ୱାଳଙ୍କ ଅଭିଯୋଗ ମୁତାବକ, ଗତ ୧ ତାରିଖ ରାତି ପ୍ରାୟ ୮ଟାରେ ତାଙ୍କ ସାନପୁଅ କୃଷ୍ଣଚନ୍ଦ୍ର ଦୋକାନକୁ ଯାଉଥିବା ବେଳେ ଗାଁର ଜଣେ ବ୍ୟକ୍ତି ତାଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇ ପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ପୁଅକୁ ମାଡ଼ ମାରିଥିଲେ। ଏହି ସମୟରେ ସାନ ପଲ୍ଲୀର ଜଣେ ଯୁବତୀଙ୍କ ଦେହରେ ବାଡ଼େଇ ହୋଇଯାଇଥିଲେ କୃଷ୍ଣ। ସମ୍ପୃକ୍ତ ଯୁବତୀଙ୍କ ପରିବାର ସଦସ୍ୟମାନେ ପହଞ୍ଚି କୃଷ୍ଣଚନ୍ଦ୍ରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ବଡ଼ ପୁଅ ସୁକାନ୍ତ ବିଶ୍ୱାଳ ପହଞ୍ଚି ପଚାରିବାରୁ ତାକୁ ମଧ ମାଡ଼ ମରାଯାଇଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। କିନ୍ତୁ ଯୁବତୀଙ୍କ ଅଭିଯୋଗକ୍ରମେ ତାଙ୍କ ଦୁଇପୁଅଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେ ଦେଇଥିବା ଏତଲାକୁ ପୋଲିସ ଗ୍ରହଣ କଲା ନାହିଁ। ପୋଲିସ ପକ୍ଷପାତିତା କରିଥିବା ବେଳେ ତାଙ୍କ ଦୁଇପୁଅଙ୍କୁ ଷଡ଼ଯନ୍ତ୍ର କରି ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ମହିଳା ଜଣଙ୍କ ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ଆଜି ଆସୁଛନ୍ତି ଅନୁଧ୍ୟାନକାରୀ ଟିମ୍

## ତ୍ୱରାନ୍ୱିତ ହେବ ମେଡିକାଲ କଲେଜ କାମ

**ପୁରୀ ଅଫିସ,୬।୧୦**

ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରାଇବା ଉପରେ ଫୋକସ ରଖିଛନ୍ତି ରାଜ୍ୟ ସରକାର। ତେବେ ମେଡିକାଲ କଲେଜର ଯେଉଁସବୁ କାମ ବାକି ଅଛି ତାହାକୁ ତ୍ୱରାନ୍ୱିତ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଗୁରୁତ୍ୱ ଦେଇଛନ୍ତି। ଏ ନେଇ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ଚିଫ୍ ଇଞ୍ଜିନିୟର ବିଲ୍ଡିଂ, ଆର୍ଆଣ୍ଡବି ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ପ୍ରମୁଖଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ଶିକ୍ଷାବର୍ଷରୁ ମେଡିକାଲ କଲେଜରେ ପିଲାଙ୍କ ପାଠପଢ଼ା ଆରମ୍ଭ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ତେବେ ବୁଧବାର କଲେଜର ଭିତ୍ତିଭୂମି ଅନୁଧ୍ୟାନ ପାଇଁ ଏକ ଉଚ୍ଚସ୍ତରୀୟ ଟିମ୍ ପୁରୀ ଆସୁଥିବା ଜଣାପଡ଼ିଛି।

# ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକାରିଣୀ ସମୀକ୍ଷା ବୈଠକ

**କଟକ ଅଫିସ,୬।୧୦:** କଟକ ଜିଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟକାରିଣୀ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଏବଂ ଅଧୀକ୍ଷକ ଡା. ସୁଧାଂଶୁ ଗିରି ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବେଆଇନ ପାର୍କିଂ ଓ ରୋଗୀ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଦିବ୍ୟାଙ୍ଗ ରୋଗୀଙ୍କ ଯାତାୟତ ନିମନ୍ତେ ସ୍ୱତନ୍ତ୍ର ରାମ୍ପ ବ୍ୟବସ୍ଥା, ପାଇପ ଯୋଗେ ଅକ୍ସିଜେନ ଯୋଗାଣ, ନିରାପତ୍ତା ପାଇଁ ଅଧିକ ସିସିଟିଭି ବ୍ୟବହାର, ସ୍ୱେରେଜ ବ୍ୟବସ୍ଥାରେ ପରିବର୍ତ୍ତନ, ହସ୍ପିଟାଲ ପରିସରରେ ବ୍ୟାଙ୍କ ଏବଂ ଏଟିଏମ୍ ସେବା ପ୍ରଚଳନ କରିବା ନେଇ ମଧ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଡା. ଉମେଶ ରାୟ, ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ, ମୁଖ୍ୟ ଚିକିତ୍ସାଳୟର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟାଙ୍ଗୀ-ଚୌଦ୍ୱାର ଆଥଲେଟିକ୍ ଆସୋସିଏଶନ ବୈଠକ

**ଚୌଦ୍ୱାର,୬।୧୦(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ଆଥଲେଟିକ୍ ଆସୋସିଏଶନ୍ ତରଫରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜନ ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀରେ ଆୟୋଜିତ ବୈଠକରେ ସଂଗଠନର ସଦସ୍ୟମାନେ ଯୋଗଦେଇ ସମ୍ପ୍ରତି କରୋନା ନିୟମ ମାନି କିପରି ଶୃଙ୍ଖଳାର ସହ କ୍ରୀଡ଼ା ଉତ୍ସବ ହେବ ସେନେଇ ଆଲୋଚନା କରିଥିଲେ। ତେବେ ରାଜ୍ୟରେ ବିଦ୍ୟାଳୟ ସବୁ ଖୋଲିବା ପରେ କ୍ରୀଡ଼ାରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଓ ଶିକ୍ଷୟତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରାଯାଇ କ୍ରୀଡ଼ା ଉତ୍ସବ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ଭୀମସେନ ବିଶ୍ୱାଳ ସଂଯୋଜନା କରୁଥିବାବେଳେ ଭାସ୍କର ରାଉତରାୟ, ଅଶ୍ୱିନୀ ଜେନା, ପୂର୍ବତନ କାଉନସିଲର ମନୋଜ ମହାନ୍ତି, ସୁରେଶ ରାଉତରାୟ, ହରିହର ବେଉରା, କମାଣ୍ଡାଣ୍ଟ ବିଜୟ ସାହୁ, ପିଇଟି ରିଆଜ ଅଲ୍ଲୀ ସାହା, ମାନସ ଖୁଣ୍ଟିଆ, ଶ୍ରୀକାନ୍ତ ପାକଳ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।



ପୁରୀ ଜିଲାପାଳଙ୍କ ଅଫିସ୍ ଆଗରେ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ

**ପୁରୀ ଅଫିସ,୬।୧୦**

ଜିଲା ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକଙ୍କ ସମସ୍ୟା ଠିକ୍ ଭାବେ ଗ୍ରହଣ କରାଯାଉ ନ ଥିବାବେଳେ ଅନେକ ସମୟରେ ନିରାଶ ହେବାକୁ ପଡୁଛି। ତେଣୁ ବିଭିନ୍ନ ଦାବି ନେଇ ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସେମାନେ କହିଥିଲେ, ପୁରୀସ୍ଥିତ ଶ୍ରମିକ କଲ୍ୟାଣ ବୋର୍ଡ ଦୁର୍ନୀତିର ଗନ୍ତାଘର ପାଲଟିଛି। ଶ୍ରମିକମାନେ ସହାୟତା ପାଇଁ ବିଭିନ୍ନ ପ୍ରକାର ଫର୍ମ ପକାଉଛନ୍ତି। କିନ୍ତୁ ହାତଗୁଞ୍ଜା ନ ଦେଲେ ଫର୍ମ ହଜିଯାଉଛି। ଅଦ୍ୟାବଧି କେତେଜଣ ଶ୍ରମିକ କୋଭିଡ୍ ସହାୟତା ୧,୫୦୦ ଟଙ୍କା ପାଇନାହାନ୍ତି। ଏ ନେଇ ଶ୍ରମ କଲ୍ୟାଣ ସଂଯୋଜକଙ୍କୁ ଅପସାରଣ କରିବା ଦାବିରେ ଶ୍ରମିକମାନେ ୧୧ଦିନ ଧରି ମଣ୍ଡଳ ଶ୍ରମ ଆୟୁକ୍ତଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ମାତ୍ର କେହି ଆଲୋଚନା ପାଇଁ ନ ଆସିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି ବୋଲି ସିଟୁର ଶରତ କୁମାର ରାୟଗୁରୁ କହିଛନ୍ତି। ଏଥିରେ ସ୍ମୃତିରଞ୍ଜନ ଦାସ, ସତ୍ୟମନୁ ପ୍ରଧାନ, କମଳ ନାରାୟଣ ରଥ, ମିଟୁ ମହାପାତ୍ର, ମହେଶ୍ୱର ମହାରଣା, ବିପିନ ରାଉତ, ସୁଶାନ୍ତ ପରିଡ଼ା, ଅକ୍ଷୟ କାଣ୍ଡି, ସୁଧାଂଶୁ ସେନାପତି ପ୍ରମୁଖ ସାମିଲ ଥିଲେ।

# ଚୋରା ବାଇକ୍ ଜବତ ମାମଲା, ଆଉ ୨ ଗିରଫ

**ଡେଲାଙ୍ଗ,୬।୧୦(ଡି.ଏନ୍.ଏ.)**

ଚୋରା ବାଇକ ର୍ୟାକେଟର ପର୍ଦ୍ଦାଫାଶ କରି ଗତ ୨ମାସରେ ୧୦ଜଣଙ୍କୁ ଗିରଫ କରିବା ସହ ୭୦ ଚୋରା ବାଇକ୍ ଜବତ କରିଥିବା ଡେଲାଙ୍ଗ ପୋଲିସ ମଙ୍ଗଳବାର ଆଉ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଟାଉନ ଥାନା ଅଧୀନ ଦେଉଳିପାଲି ଗ୍ରାମର ଦୀପକ କୁମାର ପ୍ରଧାନ ଓ ଖୋର୍ଦ୍ଧା ଜିଲା ଝିଙ୍କିଜାରୀ ଗ୍ରାମର ଜିତେନ୍ଦ୍ର ବେହେରା। ସୂଚନାଯୋଗ୍ୟ, ଗତ ୨ତାରିଖ କୁଆପଦା ଗ୍ରାମରେ ଥିବା କୁମୁକା ଜଙ୍ଗଲ ନିକଟରେ କେତେଜଣ ଚୋରା ବାଇକ୍ ବିକ୍ରି ପାଇଁ ଯୋଜନା କରୁଥିବା ଡେଲାଙ୍ଗ ଥାନାଧିକାରୀ ଜାଣିବାକୁ ପାଇଥିଲେ। ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ପହଞ୍ଚି ୪ଜଣଙ୍କୁ ଗିରଫ କରିବା ସହ ୧୦ଟି ଚୋରା ବାଇକ ଜବତ କରିଥିଲେ। ସେମାନଙ୍କୁ ପଚରାଉଚୁରା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫ଟି ବାଇକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲେ। ପୋଲିସ ନଂ.୧୫୩/୨୦ ମାମଲା ରୁଜୁ କରିଥିଲା। ସେହିଭଳି ଅଗଷ୍ଟ ୬ରେ ମଧ ପୋଲିସ ଆଖପାଖ ଅଞ୍ଚଳରୁ ୨୫ଟି ଚୋରା ବାଇକ୍ ଜବତ କରିବା ସହ ନଂ.୧୧୧/୨୦ରେ ମାମଲା ରୁଜୁ କରି ୪ଜଣଙ୍କୁ ପୋଲିସ ଗିରଫ କରିଥିଲା।

# କରୋନା ସଚେତନତା କାର୍ଯ୍ୟକ୍ରମ

**ପୁରୀ ଅଫିସ,୬।୧୦**

ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟାନିକେତନ ପରିସରରେ ମଙ୍ଗଳବାର ଶ୍ରୀଜଗନ୍ନାଥ ଧାମ ରୋଟାରୀ କ୍ଲବ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକଙ୍କୁ କରୋନା ସମ୍ପର୍କରେ ସଚେତନ କରାଯାଇଥିଲା। କ୍ଲବ ସଭାପତି ଦେବରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ଆଇନଜୀବୀ ସୁବାଷ ଚନ୍ଦ୍ର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଭଗବତୀ ବିଦ୍ୟାନିକେତନର ଛାତ୍ର ଲରେନ୍ସ ମାଝି, ପୋଲିସ ଲାଇନ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁଭଦ୍ରା ଦାସ ଏବଂ କାଶୀନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀଧର ମାଝି, ଯଜ୍ଞେଶ୍ୱର ଭୂଜବଳ, ଜଳନ୍ଧର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପ୍ରତ୍ୟାହାର ଦାବିରେ ସିପିଆଇ(ଏମ୍) ପକ୍ଷରୁ ମଙ୍ଗଳବାର ଶୈଳଶ୍ରୀବିହାରସ୍ଥିତ ଓଇଆର୍‌ସି ଅଫିସ୍ ଆଗରେ ବିକ୍ଷୋଭ।

# 'ବନ୍ୟପ୍ରାଣୀଙ୍କ ସୁରକ୍ଷା ସମସ୍ତଙ୍କ ପାଇଁ ଆହ୍ୱାନ'

**କୃଷ୍ଣପ୍ରସାଦ,୬।୧୦(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଅତିଥିମାନେ।

ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବେ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ଜଙ୍ଗଲ ହ୍ରାସ, ଅସନ୍ତୁଳିତ ପରିବେଶରେ ଅନେକ ଜୀବଜନ୍ତୁ ବିଲୁପ୍ତ ହୋଇଯାଉଛନ୍ତି। ତେଣୁ ଜଙ୍ଗଲ ସମ୍ପଦ ଓ ବିଦେଶାଗତ ପକ୍ଷୀଙ୍କର ସୁରକ୍ଷା ଜରୁରୀ ହୋଇପଡିଛି। ଏହି ଜଙ୍ଗଲ ସମ୍ପଦ ସହିତ ବିହଙ୍ଗ ବିହାର ନଳବଣ ସୁରକ୍ଷାରେ ସ୍ଥାନୀୟ ଅଧିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ପ୍ଲାଷ୍ଟିକ ଓ ପଲଥିନ ବ୍ୟବହାର ନିଷେଧ କରାଯିବା ଦରକାର ବୋଲି ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ, ବାଲୁଗାଁ ପ୍ରମୋଦ କୁମାର ପଣ୍ଡା କହିଛନ୍ତି। ଅଲଣ୍ଡା ପଞ୍ଚାୟତର ତିଛିଣି ବୀଣାପାଣି ଯୁଥ କ୍ଲବ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳନରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପାରିକୁଦ ବନପାଳ ଜିତେନ୍ଦ୍ର ଜେନା, ଅଲଣ୍ଡା ସରପଞ୍ଚ ବୁଲାମଣି ତରେଇ, ମାଗୁଣି ଚରଣ ଜେନା, ପ୍ରମୋଦ ସାହୁ, ହିରଣ୍ୟ ଜେନା, ଶରତ ଚନ୍ଦ୍ର ଜେନା, କୁମର ସାହୁ ପ୍ରମୁଖ ଯୋଗଦେଇ ପକ୍ଷୀ ଅଭୟାରଣ୍ୟ ନଳବଣ ଏବଂ ଜଙ୍ଗଲ ସମ୍ପଦ ସମ୍ପର୍କରେ ଆଲୋଚନା କରିଥିଲେ। ପାରିକୁଦ ବନରକ୍ଷୀ ସୁଜିତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ତୋଷ ସେଠୀ, ଭିକାରୀ ପଲେଇ ପ୍ରମୁଖ ସହଯୋଗ କରିଥିଲେ।

# ପୁଣି ଶୀର୍ଷରେ ମୁମ୍ବାଇ ଇଣ୍ଡିଆନ୍ସ

**ଆବୁଧାବି, ୬।୧୦**

ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୫୭ ରନରେ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୪ ଉଇକେଟ ହରାଇ ୧୯୩ ରନ କରିଥିବାବେଳେ ରାଜସ୍ଥାନ ୧୮.୧ ଓଭରରେ ୧୩୬ ରନକରି ଅଲଆଉଟ ହୋଇଯାଇଥିଲା। ୫ ମ୍ୟାଚରୁ ୪ର୍ଥ ବିଜୟ ସହ ମୁମ୍ବାଇ ପୁଣି ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି। ଦିଲ୍ଲୀ କ୍ୟାପିଟାଲ୍ସ ସମାନ ୮ ପଏଣ୍ଟ ପାଇଥିଲେ ହେଁ ରନ ହାରରେ ଉପରେ ରହିଛି ମୁମ୍ବାଇ। ଅନ୍ୟପକ୍ଷରେ ସ୍ଥିର ପ୍ରଦର୍ଶନ ଦେଇ ପାରି ନ ଥିବା ରାଜସ୍ଥାନ ୫ ମ୍ୟାଚରୁ ତୃତୀୟ ପରାଜୟ ସହ ୭ମ ସ୍ଥାନକୁ ଖସିଛି।

ବିଜୟ ଲକ୍ଷ୍ୟ ବଡ଼ ଥିବାବେଳେ ରାଜସ୍ଥାନର ଆରମ୍ଭ ଅତ୍ୟନ୍ତ ଖରାପ ହୋଇଥିଲା। ଦଳକୁ ଫେରିଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବାବେଳେ ଅଧିନାୟକ ଷ୍ଟିଭେନ ସ୍ମିଥ ମାତ୍ର ୬ ରନ କରି ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ମିଡଲ ଅର୍ଡରରେ ବିସ୍ଫୋରକ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଡକ୍(୦)ରେ ଆଉଟ ହେବା ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ୧୨ ରନ ମଧ୍ୟରେ ଦଳ ୩ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରନ ଚେଜ୍ ଆଶା କ୍ରମେ ମଉଳିଯାଉଥିବାବେଳେ ମହୀପାଲ ଲାମରୋର ମାତ୍ର ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜୋସ୍ ବଟଲର ସଂଘର୍ଷ ଜାରି ରଖିଥିଲେ ହେଁ ତାଙ୍କୁ ଉପଯୁକ୍ତ ସହଯୋଗ ମିଳି ନ ଥିଲା। ଟପ୍ ଅର୍ଡରରେ ବଡ଼ ପାର୍ଟନରଶିପ୍‌ର ଅଭାବ ମଧ୍ୟ ଦଳପାଇଁ ମହଙ୍ଗା ପଡ଼ିଥିଲା। ଫଳରେ ଆବଶ୍ୟକ ରନ ହାର କ୍ରମେ ବଢ଼ିଯାଇଥିଲା। ସ୍ଥିତିକୁ ଦୃଷ୍ଟିରେ ରଖି ଜେମ୍ସ ପ୍ୟାଟିନସନଙ୍କ ଓଭରରେ ବଡ଼ ଶଟ୍ ଖେଳିବା ଚକ୍କରରେ ବଟଲର ମିଡ୍‌ଅନ୍‌ରେ କିରନ ପୋଲାର୍ଡଙ୍କ ଚିତ୍ତାକର୍ଷକ କ୍ୟାଚର ଶିକାର ହୋଇଥିଲେ। ସେ ୪୪ଟି ବଲ୍ ଖେଳି ୪ ଚୌକା ଓ ୫ ଛକା ସହ ୭୦ ରନ କରିଥିଲେ। ଶାରଜା ତୁଳନାରେ ଶେଖ୍ ଜାୟେଦ ଷ୍ଟାଡିୟମ ଅପେକ୍ଷାକୃତ ବଡ଼ ହୋଇଥିବାରୁ ରୟାଲ୍ସ ବ୍ୟାଟ୍ସମ୍ୟାନଙ୍କ ଅଧିକାଂଶ ଶଟ୍ ବାହାକୁ ଯାଇପାରି ନ ଥିଲା। ଟମ୍ କୁରାନ ୧୫ ରନରେ ଆଉଟ ହୋଇଥିଲେ। ଶେଷ ଭାଗରେ ଜୋଫ୍ରା ଆର୍ଚର ୧୧ ବଲ୍‌ରୁ ୨୪ (୩ ଚୌକା, ୧ ଛକା) ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମ୍‌ରା ସର୍ବାଧିକ ୪ଟି, ଟ୍ରେଣ୍ଟ ବୋଲ୍ଟ ଓ ଜେମ୍ସ ପ୍ୟାଟିନସନ ୨ଟି ଲେଖାଏ ଏବଂ ରାହୁଲ ଚହର ଓ କିରନ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ମୁମ୍ବାଇ। ଦୁଇ ଓପନର କ୍ୱିଣ୍ଟନ ଡିକକ୍ ଓ ଅଧିନାୟକ ରୋହିତ ଶର୍ମା ପ୍ରଥମ ଉଇକେଟରେ ୨୯ ବଲ୍‌ରୁ ୪୯ ରନ ଯୋଗକରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ଡିକକ୍ ୧୫ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୨୩ ରନ କରିଥିବାବେଳେ ନବାଗତ କାର୍ତ୍ତିକ ତ୍ୟାଗୀଙ୍କ ବଲ୍‌ରେ ଉଇକେଟ କିପର ଜୋସ ବଟଲରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ରୋହିତ ୨୩ ବଲ୍‌ରୁ ୩୫(୨ ଚୌକା, ୩ ଛକା) ରନ କରିଥିବାବେଳେ ଇଶାନ କିଶନ ଫେଲ୍ ମାରି ଡକ୍(୦)ରେ ଆଉଟ ହୋଇଥିଲେ। ପୂର୍ବ ମ୍ୟାଚରେ ଧୂଆଁଧାର ବ୍ୟାଟିଂ କରିଥିବା କ୍ରୁନାଲ ପାଣ୍ଡ୍ୟା ବ୍ୟାଟିଂ କ୍ରମରେ ଆଗରେ ଆସିଥିଲେ ହେଁ ୧୭ ବଲ୍‌ରୁ ମାତ୍ର ୧୨ ରନ କରି ପାରିଥିଲେ। ତେବେ ଦଳର ମୋଟ ସ୍କୋର ଉପରେ ଏହା ଫରକ ପକାଇ ନ ଥିଲା। ସୂର୍ଯ୍ୟକୁମାର ଯାଦବ ଖେଳିଥିଲେ ଦର୍ଶନୀୟ ଇନିଂସ। ସେ ୩୩ ବଲ୍‌ରୁ ଦ୍ରୁତ ଅର୍ଦ୍ଧଶତକ ପୂରଣ କରିଥିବାବେଳେ ମୋଟ ୪୭ଟି ବଲ୍ ଖେଳି ୧୧ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୭୯ ରନ ସ୍କୋର କରି ଅପରାଜିତ ରହିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲ୍‌ରୁ ୩୦(୨ ଚୌକା, ୧ ଛକା) ରନ କରିବାରୁ ମୁମ୍ବାଇ ସ୍କୋର ୨୦ ଓଭରରେ ୧୯୩/୪ରେ ପହଞ୍ଚି ଯାଇଥିଲା। ସୂର୍ଯ୍ୟକୁମାର ଓ ହାର୍ଦ୍ଦିକଙ୍କ ଅସମାପ୍ତ ୫ମ ଉଇକେଟ ଯୋଡ଼ିରୁ ୭୬ ରନ ସଂଗୃହୀତ ହୋଇଥିଲା। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଶ୍ରେୟାସ ଗୋପାଲ ୨ଟି ଏବଂ ଜୋଫ୍ରା ଆର୍ଚର ଓ କାର୍ତ୍ତିକ ତ୍ୟାଗୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସୂର୍ଯ୍ୟକୁମାର ଯାଦବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | +୧.୪୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୬୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୩ | ୨ | ୬ | -୧.୩୫୫ |
| ନାଇଟ ରାଇଡର୍ସ | ୪ | ୨ | ୨ | ୪ | -୦.୧୨୧ |
| ଚେନ୍ନାଇ ସୁପରକିଙ୍ଗ୍ସ | ୫ | ୨ | ୩ | ୪ | -୦.୩୪୨ |
| ସନ୍‌ରାଇଜର୍ସ | ୫ | ୨ | ୩ | ୪ | -୦.୪୧୭ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୮୨୬ |
| କିଙ୍ଗ୍ସ ଇଲେଭେନ | ୫ | ୧ | ୪ | ୨ | +୦.୧୭୮ |

### ସଂକ୍ଷିପ୍ତ ସ୍କୋର

**ମୁମ୍ବାଇ ଇଣ୍ଡିଆନ୍ସ:** ୨୦ ଓଭରରେ ୧୯୩/୪ (ସୂର୍ଯ୍ୟକୁମାର-୭୯*, ରୋହିତ-୩୫, ହାର୍ଦ୍ଦିକ-୩୦*, ଡିକକ୍-୨୩, ଗୋପାଳ-୨/୨୮, ଆର୍ଚର-୧/୩୪, ତ୍ୟାଗୀ-୧/୩୬)।

**ରାଜସ୍ଥାନ ରୟାଲ୍ସ:** ୧୮.୧ ଓଭରରେ ୧୩୬/ଅଲଆଉଟ (ବଟଲର-୭୦, ବୁମ୍‌ରା-୪/୨୦, ବୋଲ୍ଟ-୨/୨୬, ପ୍ୟାଟିନସନ-୨/୧୯, ରାହୁଲ ଚହର-୧/୨୪, ପୋଲାର୍ଡ-୧/୨୪)।





**ସମଗ୍ର ଭାରତରେ ମିଳିଛି ପରିଣାମ**

Uttar Pradesh — ତାରିକ ମେହମୁଦ 66 ବର୍ଷୀୟ ବ୍ୟବସାୟୀ। ସେ ପତ୍ର ଲେଖି ଜଣାଇଛନ୍ତି ଯେ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ମୋତେ ବିବ୍ରତ କରିଦେଇଥିଲା। ମହଙ୍ଗା ଔଷଧର ରେଜଲ୍ଟ ମଧ୍ୟ ଶୂନ୍ୟ ଥିଲା। କିନ୍ତୁ ଯେବେ ମୁଁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ପ୍ରୟୋଗ ଆରମ୍ଭ କଲି, ସେବେଠାରୁ ମୁଁ ବହୁତ ଭଲ ଅଛି। ମୁଁ ନିଜର ସମସ୍ତ ଚିହ୍ନାଜଣା ଲୋକଙ୍କୁ ଡା.ଅର୍ଥୋ ବିଷୟରେ ନିଶ୍ଚୟ କହିଥାଏ।

Gujarat — ଭାସ୍କର ବ୍ରଜଲାଲ ସୋଲଙ୍କି 71 ବର୍ଷୀୟ ରିଟାୟାର୍ଡ ଅଧ୍ୟାପକ। ସେ ଲେଖିଛନ୍ତି ଯେ ବସାଉଠା କରିବା ସମୟରେ ଆଣ୍ଠୁରୁ ଶବ୍ଦ ବାହାରୁଥିଲା ଓ ବିଛଣାରୁ ଉଠିବାର ଶକ୍ତି ମଧ୍ୟ ନ ଥିଲା। ମୁଁ ଧନ୍ୟବାଦ କହିବାକୁ ଚାହୁଁଛି ଓ ଆପଣଙ୍କ ଜରିଆରେ ଏହା ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି କି ଡା.ଅର୍ଥୋ ଆୟୁର୍ବେଦିକ ତେଲ ଓ କ୍ୟାପ୍‌ସୁଲକୁ ନିଶ୍ଚୟ ବ୍ୟବହାର କରାଯିବା ଉଚିତ।

Rajasthan — ଲୋକେଶ କୁମାର ମାଲାୱତ 20 ବର୍ଷ, ପତ୍ର ଲେଖି ଜଣାଇଛନ୍ତି ଯେ ଏତେ କମ୍ ବୟସରେ ହିଁ ତାଙ୍କ ବେକରେ ବ୍ୟଥା ରହିବାକୁ ଲାଗିଥିଲା। ଚିକିତ୍ସାରୁ କିଛି ଫରକ ପଡ଼ିଲା ନାହିଁ। କିନ୍ତୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ଲଗାତର ଦୁଇରୁ ତିନି ମାସ ଧରି ବ୍ୟବହାର କରି ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିବା ସହ ଉତ୍ତମ ଜୀବନଯାପନ କରିପାରୁଛନ୍ତି।

Maharashtra — ଶାନ୍ତାରାମ ଛବେସିଙ୍ଗେ ରାଜପୁତ 61 ବର୍ଷୀୟ ରିଟାୟାର୍ଡ ପ୍ରଧାନ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି ଯେ ମୁଁ ତିନିବର୍ଷ ଧରି ଗଣ୍ଠି ବ୍ୟଥାକୁ ନେଇ ଦୁଃଖୀ ରହୁଥିଲି। ମୁଁ ଦିନେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ସେହିଦିନ ତାକୁ କିଣିଆଣିଲି। ଆଜି ମାତ୍ର ପାଞ୍ଚ ମାସର କମ୍ପ୍ଲିଟ୍ କୋର୍ସ ଦ୍ୱାରା ଅଣ୍ଟା ଓ ଗଣ୍ଠି ବ୍ୟଥାରୁ ବହୁତ ଆରାମ ମିଳିଛି।

Punjab — ସୋହନ ଲାଲ ଗୁପ୍ତା 68 ବର୍ଷୀୟ ରିଟାୟାର୍ଡ ଅଧ୍ୟାପକ। ସେ ଲେଖନ୍ତି ଯେ ବିଗତ 2 ବର୍ଷ ଧରି କାନ୍ଧ ଓ ଗଣ୍ଠିରେ ଅସହନୀୟ ଯନ୍ତ୍ରଣା ରହିବାକୁ ଲାଗିଥିଲା। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ବହୁତ ପ୍ରଭାବିତ ହେଲି। ମୁଁ ନିର୍ଦ୍ଦେଶାନୁସାରେ ଏହାର ପ୍ରୟୋଗ ଆରମ୍ଭ କଲି। 2 ମାସରେ ହିଁ ଗଣ୍ଠି ବ୍ୟଥା ଅପେକ୍ଷାକୃତ ଭଲ ହୋଇଯାଇଛି।

Maharashtra — ବିଜୟ ବସନ୍ତରାଓ ଭୋଁସଲେ 71 ବର୍ଷୀୟ ରିଟାୟାର୍ଡ ଜୀବନ ଜିଉଛନ୍ତି। ବିଗତ 6 ବର୍ଷ ଧରି ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ରହୁଥିଲା। ଫୁଲିଯିବା କାରଣରୁ ସେ ଚଲାବୁଲା ମଧ୍ୟ କରିପାରୁ ନ ଥିଲେ। ଦିନେ ଖବରକାଗଜରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ସେହିଦିନ ତା' ବିଷୟରେ ସବୁ ସୂଚନା ସଂଗ୍ରହକରି ଡା.ଅର୍ଥୋ ବ୍ୟବହାର ଆରମ୍ଭ କରିଦେଲେ। ଆଜି ସେ ବହୁତ ଖୁସି।

24x7 Helpline No.: 0171-3055100 • Website: www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ — 'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ, ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ। ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ।




5 YEAR WARRANTY+
Download TVS Service App
TVS CREDIT
ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ।
tvsjupiter | www.tvsjupiter.com | Call: 1800 315 7777

* Under TVSM internal conditions. # Terms & conditions apply.
^ Ex-showroom price. '5 yr. warranty without any additional charges.

FOR ALL INSTITUTIONAL/BULK REQUIREMENTS, PLEASE MAIL: corporate.customersupport@tvsmotor.com **Authorised Main Dealers: BHUBANESWAR**: Ashirbad TVS, Ph.: 7735341866, **Jyote TVS, PH.:** 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; **CUTTACK**: Arnapurna TVS, Ph.: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph.:7735911808. **NAYAGARH:** Kumar TVS, Ph.: 9778728751. **CHANDIKHLOE** : Sasmita TVS, Ph : 8860793803; **JAGATSINGHPUR :** Gita TVS, Ph : 06724-222717, 7788901717. **Authorised Dealers:** CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Kakatpur, Ph.: 9437112054/06758-231053; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749; Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 9439204456; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339; Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Singhpur, Ph : 9439002157; Duburi, Ph : 9439176344; Garadpur, Ph : 9178194288; Nirakarpur, Ph : 9658971360, 06756-252360; Trisuliya, Ph : 9437586155, Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; Niali, Ph : 0671-2803357, 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Kuakhia, Ph : 8114398333; Bari, Ph : 8917596087; Binjharpur, Ph : 7008499365; Mandarbasta, Ph : 9776483333; Nischintakoili, Ph : 9090889132; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887.
dentsuindia/dhr bhu/04/20




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ